## ଓଡିଶା ବିଦ୍ୟୁତ ନିୟାମକ ଆୟୋଗ

## ବିଦ୍ୟୁତ ନିୟାମକ ଭବନ

## ୟୁନିଟ -୮, ଭୁବନେଶ୍ୱର - ୭୫୧୦୧୨

**ଉପସ୍ଥିତ ଅଧିକାରୀ ବୃନ୍ଦ : ଶ୍ରୀ ବି.କେ ଦାସ, ଅଧକ୍ଷ**

**: ଶ୍ରୀ କେ.ସି.ବଡୁ, ସଦସ୍ୟ**

**: ଶ୍ରୀ ବି.କେ. ମିଶ୍ର, ସଦସ୍ୟ**

**ମାମଲା ସଂଖ୍ୟା : ୧୪୬/୨୦୦୯**

**ଶୁଣାଣି ତାରିଖ : ୧୮.୨.୨୦୧୦**

**ଆଦେଶନାମା ତାରିଖ : ୨୦.୩.୨୦୧୦**

**ପ୍ରସଂଗ:** ୨୦୧୦ - ୧୧ ଆର୍ଥିକ ବର୍ଷ ପାଇଁ 'ଷ୍ଟେଟ୍ ଲୋଡ୍ ଡେସ୍‌ପାଚ ସେଣ୍ଟର' (ଏସ୍‌ଏଲ୍‌ଡିସି)ର ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଦେୟ ଓ ଦେୟ-ଦର ସମୂହର ଅନୁମୋଦନ ନିମନ୍ତେ ଓପିଟିସିଏଲ୍‌ର ଏକ ଆବେଦନ ପତ୍ର ।

**ଆଦେଶନାମା :**

**ପଦ୍ଧତିଗତ ଇତିହାସ (ପରିଚ୍ଛେଦ ୧ରୁ ୧୩):**

(୧) କମ୍ପାନୀ ଆକ୍ଟ, ୧୯୫୬ ଅଧିନରେ, ୨୯ ମାର୍ଚ୍ଚ, ୨୦୦୪ରେ ପଞ୍ଜିକୃତ ହୋଇଥିବା 'ଓଡ଼ିଶା ଶକ୍ତି ସରବରାହ ନିଗମ ଲିମିଟେଡ', ଭୁବନେଶ୍ୱର (ସଂକ୍ଷେପରେ ଓପିଟିସିଏଲ୍), ଓଡ଼ିଶା ରାଜ୍ୟ ମଧ୍ୟରେ ବିଦ୍ୟୁତ୍ ଶକ୍ତିର ସରବରାହ ବ୍ୟବସାୟ ଚଳାଇ ଆସୁଛି । ବିଦ୍ୟୁତ୍ ଆକ୍ଟ, ୨୦୦୩ (ପରବର୍ତ୍ତୀ ପରିଚ୍ଛେଦମାନଙ୍କରେ କେବଳ 'ଆକ୍ଟ' ଭାବରେ ପ୍ରସଂଗିତ)ର ବିଭାଗ-୩୯(୧) ଅଧିନରେ, ଏହାକୁ ରାଜ୍ୟ ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ ନାମରେ ମଧ ବିଜ୍ଞପିତ କରାଯାଇଛି । ଓଡ଼ିଶା ବିଦ୍ୟୁତ୍ ସଂସ୍କାର ଆକ୍ଟ, ୧୯୯୫ ଅଧିନରେ ଗ୍ରୀଡ଼କୋ, ଯିଏ କି ବିଦ୍ୟୁତ୍ ଶକ୍ତିର ଉଭୟ ସ୍ଥୁଳ ଯୋଗାଣ ଓ ସରବରାହ ଅନୁମତିଧାରୀ ଭାବରେ କାର୍ଯ୍ୟ ପରିଚାଳନା କରି ଆସୁଥିଲା, ଆକ୍ଟର ସଂଶୋଧିତ ଅନୁସାରେ କେବଳ ସ୍ଥୁଳେ ଯୋଗାଣ ଦାୟିତ୍ୱରେ ରହିଲା; ଏବଂ ଯୋଗାଣ ଅନୁମତିଧାରୀ ଭାବେ ୱେସ୍‌କୋ, ନେସ୍‌କୋ, ସାଉଥ୍‌କୋ ଓ ସେସ୍‌କୋ (ଏବେ 'ସେସୁ' ନାମରେ ପରିଚିତ) ନାମଧାରୀ ୪ଟି ବିତରକ କମ୍ପାନୀ ଦାୟିତ୍ୱରେ ରହିଲେ । ଅତଏବ, ପ୍ରୋକ୍ତ 'ଆକ୍ଟ'ର ବିଭାଗ-୩୯ର ୧ମ ସର୍ତ୍ତ ବଳରେ ଗ୍ରୀଡ଼କୋ ଆଉ ଉଭୟ ସ୍ଥୁଳ ଯାଗାଣ ଓ ସରବରାହ ବ୍ୟବସାୟ ପରିଚାଳନା କରିପାରିଲା ନାହିଁ । 'ଆକ୍ଟ'ର ବିଭାଗ - ୧୩୧(୪) ଅଧିନରେ, ଓଡ଼ିଶା ସରକାରଙ୍କର 'ଓଡ଼ିଶା ବିଦ୍ୟୁତ୍ ସଂସ୍କାର (ସରବରାହ ହସ୍ତାନ୍ତରଣ ଓ ସମ୍ପର୍କିତ କାର୍ଯ୍ୟସୂଚୀ ସମୂହ) ସ୍କିମ, ୨୦୦୫ ଶୀର୍ଷକ 'ହସ୍ତାନ୍ତରଣ ସ୍କିମ' ୧.୪.୨୦୦୫ ଠାରୁ ଏହି ବ୍ୟବସାୟର ସବୁ ଆନୁଷଙ୍ଗିକ ସାମଗ୍ରୀ ଓ ଦାୟବଦ୍ଧତା ସହ ଗ୍ରୀଡ଼କୋର ଏସ୍‌ଏଲ୍‌ଡିସି କାର୍ଯ୍ୟସୂଚୀ ସମେତ ଅବଶିଷ୍ଟ ସରବରାହ ବ୍ୟବସାୟକୁ ଓପିଟିସିଏଲ୍‌କୁ ହସ୍ତାନ୍ତରଣ କଲା ଏବଂ ଏହି 'ରାଜ୍ୟ ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ'ଙ୍କ ଉପରେ ସରବରାହ ବ୍ୟବସାୟର ସବୁ ଦାୟିତ୍ୱ ନ୍ୟସ୍ତ କଲା 'ଆକ୍ଟ'ର ବିଭାଗ-୧୪ର ୨ୟ ସର୍ତ୍ତ ବଳରେ, ଆକ୍ଟ ଅଧିନରେ ଓପିଟିସିଏଲ୍ ମାତ୍ର ଏକ 'ମତାବଲମ୍ବୀ ଅନୁମତିଧାରୀ ଭାବେ ବିବେଚିତ ହୋଇଛି । ତେବେ, ସରବରାହ କାର୍ଯ୍ୟ ପରିଚାଳନା ଓପିଟିସିଏଲ୍‌ର ସମ୍ପୃକ୍ତ ସମ୍ପର୍କରେ କୁହାଯାଇପାରେ ଯେ, '୨୭, ଆକ୍ଟରେ, ୨୦୦୬ର ଆୟୋଗଙ୍କ ଆଦେଶନାମା ଦ୍ୱାରା ସଂଶୋଧିତମତେ, ଆକ୍ଟର ବିଭାଗ-୧୬ ଅଧିନରେ ଓଇଆରସି (ବ୍ୟବସାୟର ସର୍ତ୍ତାବଳୀ) ନିୟମାବଳୀ, ୨୦୦୪ର ପରିଶିଷ୍ଟ-୪ (ଖ)ରେ ନିହିତ ଅନୁମତିଧାରୀଙ୍କ ଉଦ୍ଦେଶ୍ୟିତ ସର୍ତ୍ତସମୂହ ଦ୍ୱାରା ଓପିଟିସିଏଲ୍ ସମ୍ପ୍ରତି ପରିଚାଳିତ ଅଟେ । ଏହି ଓଡ଼ିଶା ବିଦ୍ୟୁତ୍ ସଂସ୍କାର (ସରବରାହ ହସ୍ତାନ୍ତରଣ ଓ ସମ୍ପର୍କିତ କାର୍ଯ୍ୟସୂଚୀ) ସ୍କିମର ଉପଧାରା-୧୦(୨) ଏବଂ (୩) ଦ୍ୱାରା ୧.୪.୨୦୦୫ ଠାରୁ 'ରାଜ୍ୟ ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ' ଭାବରେ ଗ୍ରୀଡ଼କୋର ସରବରାହ କାର୍ଯ୍ୟସୂଚୀ ତୁଲାଇବା ନିମନ୍ତେ ସୃଷ୍ଟ ଏକ ସରକାରୀ କମ୍ପାନୀ ଭାବରେ ରାଜ୍ୟ ସରକାର ମୁକ୍ତ ଭାବେ ଓପିଟିସିଏଲ୍‌କୁ ବିଜ୍ଞପିତ କରିଛନ୍ତି । ଅଧିକନ୍ତୁ, ଯଦିଓ ଏହି ସ୍କିମର ଉପଧାରା-୧୦(୨) ବଳରେ, ଓପିଟିସିଏଲ୍‌କୁ ରାଜ୍ୟ ସରବରାହ, ବିନିଯୋଗକାରୀ କର୍ତ୍ତୃପକ୍ଷ ଭାବରେ ବିଜ୍ଞପିତ କରାଯାଇଥିଲା, ରାଜ୍ୟ ସରକାରଙ୍କର ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ 'ରାଜ୍ୟ ଲୋଡ୍ ପ୍ରେରଣ

କାର୍ଯ୍ୟକ୍ରମ ସମୂହ'ର ଦାୟିତ୍ୱକୁ ସମ୍ପାଦନ କରିବା ନିମନ୍ତେ ମଧ୍ୟ ଏହାକୁ କ୍ଷମତାପ୍ରାପ୍ତ କରାଯାଇଥିଲା । ତେବେ, ହସ୍ତାନ୍ତରଣ ସ୍କିମରେ 'ରାଜ୍ୟ ଲୋଡ୍ ପ୍ରେରଣ କାର୍ଯ୍ୟସୂଚୀର ସମ୍ପାଦନା' ସମ୍ପର୍କିତ ଏହି ବ୍ୟବସ୍ଥା ବିଦ୍ୟୁତ୍ ଆକ୍ଟ, ୨୦୦୩ର ବିଭାଗ ୩୧(୧) ଓ ବିଭାଗ-୩୧(୨)ର ମର୍ମାଂଶବିଶେଷକୁ ନେଇ ଏକ 'ରାଜ୍ୟ ଲୋଡ୍ ପ୍ରେରଣ କେନ୍ଦ୍ର'ର ପ୍ରତିଷ୍ଠା/ବିଜ୍ଞପ୍ତିକୁ ଅପେକ୍ଷା ରଖି, ଏକ ଅନ୍ତଃବର୍ତ୍ତୀ, ସାମୟିକ ଓ କାମଚଳା ବ୍ୟବସ୍ଥା ଭାବରେ ଅବଶ୍ୟ ଅଭିଳଷିତ ଥିଲା ।

(୨) ବିଦ୍ୟୁତ୍ (ଯୋଗାଣ) ଆକ୍ଟର ବିଭାଗ-୫୫ରେ ନିହିତମତେ (ଏବେ ସଂସ୍କାରିତ), ରାଜ୍ୟରେ ଶକ୍ତି ଶୃଙ୍ଖଳାରେ ବିକଶିତ ନିର୍ବାହନକୁ ନିଶ୍ଚିତ କରିବାକୁ ବିଦ୍ୟୁତ୍ ଆକ୍ଟ, ୨୦୦୩ର ବିଭାଗ-୩୧ ଓ ୩୨ ଏସ୍ଏଲ୍‌ଡିସିକୁ ଏକ ସ୍ୱାଧୀନ ସଂସ୍ଥାନ ଭାବେ କାର୍ଯ୍ୟ ପରିଚାଳନା କରିବାକୁ ଆଇନଗତ ଭାବେ କ୍ଷମତା ଅର୍ପଣ କରିଛି । ତେଣୁ, ବିକଶିତ ଗ୍ରୀଡ୍ ପରିଚାଳନା ସହ ରାଜ୍ୟରେ ଶକ୍ତି ଶୃଙ୍ଖଳାର ନିର୍ବାହନରେ ସର୍ବାଧିକ ମିତବ୍ୟୟତା ଓ ଉତ୍କୃଷ୍ଟତା ହାସଲ କରିବାକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆବଶ୍ୟକମତେ ଯଥା- ଉଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରିବା ଓ ତଜ୍ଜନିତ ତଦାରଖ ଜାହରି କରିବାକୁ ବିଦ୍ୟୁତ୍ ଆକ୍ଟ, ୨୦୦୩ର ବିଭାଗ-୩୩ ଦ୍ୱାରା ଏସ୍ଏଲ୍‌ଡିସିକୁ କ୍ଷମତାପ୍ରାପ୍ତ କରାଯାଇଛି । ବିଦ୍ୟୁତ୍ ଆକ୍ଟ, ୨୦୦୩ର ପ୍ରତ୍ୟୟ-ବୋଧମତେ ସେହିସବୁ କାର୍ଯ୍ୟଭାର ଅବଶ୍ୟ ଦାୟିତ୍ୱ-ସମ୍ପନ୍ନ, ବୈଷୟିକ-ଦକ୍ଷତା ସମ୍ପନ୍ନ ଏବଂ ଅଣ-ବାଣିଜ୍ୟିକ ଆଇନଗତ କାର୍ଯ୍ୟସୂଚୀ ସମୂହ ଅଟେ, ଯାହା ଏକ ସ୍ୱାଧୀନ ସଂସ୍ଥାନ ଭାବେ ଏସ୍ଏଲ୍‌ଡିସିକୁ ତୁଲାଇବାକୁ ଦାୟିତ୍ୱାବଦ୍ଧ କରାଯାଇଛି । ଆକ୍ଟର ବିଭାଗ-୩୩ (୨) ଓ ବିଭାଗ-୪୦(ଖ)ରେ ନିହିତ ବ୍ୟବସ୍ଥାରେ ନିହିତ ମତେ, ଓପିଟିସିଏଲ୍‌କୁ ମିଶାଇ ଉତ୍ପାଦନକାରୀ କମ୍ପାନୀ, ଉତ୍ପାଦନକାରୀ ଷ୍ଟେସନ ଓ ସବ୍-ଷ୍ଟେସନସମୂହ ଆଦି ସବୁ ଅନୁମତିଧାରୀ ଏସ୍ଏଲ୍‌ଡିସିର ଯଥା - ଯୋଗ୍ୟ ନିର୍ଦ୍ଦେଶନାମାକୁ ପାଳନ କରିବା ଏକ ବାଞ୍ଛିତ କର୍ତ୍ତବ୍ୟ ଅଟେ । ଅତଏବ, ଏକ ଭାବାର୍ଥ ବାଚକ ଉକ୍ତି ଭାବେ କୁହାଯାଇପାରେ ଯେ, ଏସ୍ଏଲ୍‌ଡିସି ହେଉଛି ଓପିଟିସିଏଲ୍‌ର ଜଣେ ବୈଷୟିକ-ନିୟମାକ । ସମ୍ପ୍ରତି, ପ୍ରତିଷ୍ଠାନିକ ଭାବେ ଏସ୍ଏଲ୍‌ଡିସି ଓପିଟିସିଏଲ୍ ଠାରୁ ପୃଥକ ହୋଇନାହିଁ, ଯାହା ଏକ ନିୟାମକ ସ୍ୱୟଂସମ୍ପୂର୍ଣ୍ଣ ସଂସ୍ଥାନ । ଅବଶ୍ୟ, ଏଭଳି ଗୋଳମାଳିଆ ସଜ୍ଞାୟନକୁ କାଳକ୍ଷେପଣ କରାନଯାଇ ଦୂର କରାଯିବାର ବିହିତ ବ୍ୟବସ୍ଥା କରାଯିବା ଉଚିତ । ଏହି ପରିପ୍ରେକ୍ଷୀରେ, ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆକ୍ଟର ବିଭାଗ-୩୧(୨) ଅଧିନରେ, ଏକ ସରକାରୀ ଅଧିକାରୀ-ମଣ୍ଡଳୀଙ୍କ ଦ୍ୱାରା ଏସ୍ଏଲ୍‌ଡିସିର କାର୍ଯ୍ୟ ପରିଚାଳନା ତତ୍ତ୍ୱାବଧାନ-ସାପେକ୍ଷ ଏବଂ ସମ୍ପୃକ୍ତ ଅଧିକାରୀ-ମଣ୍ଡଳୀଙ୍କ ପାଇଁ ସରକାରଙ୍କର ନିର୍ଦ୍ଦେଶନାମା ଆକ୍ଟର ବିଭାଗ-୩୭ର ପରିଧି ମଧରେ ଆବଦ୍ଧ ହେବା ବାଞ୍ଛନୀୟ । ଅବଶ୍ୟ, ସେହି ଅନୁଯାୟୀ, ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି ।

(୩) ବିଦ୍ୟୁତ୍ ଶକ୍ତିର ଆନ୍ତଃ-ରାଜ୍ୟ ସରବରାହରେ ବ୍ୟାକୃତ ଥିବା ଉତ୍ପାଦନକାରୀ କମ୍ପାନୀ ଓ ଅନୁମତିଧାରୀଙ୍କ ଠାରୁ ଅତିରିକ୍ତ ଶୁଳ୍କ ଏବଂ ଦେୟ ଓ ଦେୟ-ଦର ଆଦାୟ କରି ଏସ୍ଏଲ୍‌ଡିସି ତା'ର ଆର୍ଥିକ ସ୍ୱାଧିନତାକୁ ସୁରକ୍ଷା କରିବାକୁ ମଧ ଆକ୍ଟର ବିଭାଗ-୩୨ର ଉପବିଭାଗମାନେ ବ୍ୟବସ୍ଥା ନିହିତ ଅଛି । ୮.୬.୨୦୦୫ତାରିଖର ଶକ୍ତି ମନ୍ତ୍ରାଳୟ ଦ୍ୱାରା ବିଧାନ କରାଯାଇଥିବା ବିଦ୍ୟୁତ୍ ଆଇନ (ସମସ୍ୟା ଦୂରୀକରଣ)ର ୬ଷ୍ଠ ଆଦେନଶନାମା, ୨୦୦୫ର ବିଭାଗ-୨ ଅଧିନସ୍ଥ ଉପବିଭାଗ-୨ରେ ବ୍ୟବସ୍ଥା ନିହିତ ହୋଇଛି ଯେ, 'ରାଜ୍ୟ ଆୟୋଗଙ୍କ ସୂଚିତମତେ, ଆନ୍ତଃ-ରାଜ୍ୟ ସରବରାହ ବ୍ୟବସ୍ଥା ବ୍ୟବହାର କରୁଥିବା ଅନୁମତିଧାରୀଙ୍କ ଠାରୁ ଏସ୍ଏଲ୍‌ଡିସି ସେଭଳି ଅତିରିକ୍ତ ଶୁଳ୍କ, ଦେୟ ଓ ଦେୟ-ଦର ଆଦାୟ କରିପାରେ । ଉପରୋକ୍ତ ଆଇନାନୁବଦ୍ଧ ବ୍ୟବସ୍ଥାସମୂହ ବାଦ୍, ଜାତୀୟ ଟାରିଫ ନୀତି (ପରିଚ୍ଛେଦ ୫.୩.୩ ଏବଂ ୫.୩.୭), ଓଇଆରସି (ଆନ୍ତଃ-ରାଜ୍ୟ ମୁକ୍ତ ପ୍ରଦେଶ ପାଇଁ ବ୍ୟବଧାନିକ ସମୟର ନିୟମ-ସୂଚୀ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୦୫ (ନିୟମ-୭), ଓଡ଼ିଶା ଗ୍ରୀଡ୍ କୋଡ୍ ନିୟମାବଳୀ, ୨୦୦୬ (ନିୟମ-୨.୨.୧.୩, ୨.୨.୨, ୨.୨.୪, ୨.୨.୫ ଓ ୨.୨.୬), ଓଇଆର୍‌ସି (ଆନ୍ତଃ-ରାଜ୍ୟ ଏବିଟି) ନିୟମାବଳୀ, ୨୦୦୭ (ନିୟମ-୬ଓ ୧୦) ସିଇଆରସି (ମୁକ୍ତ ପ୍ରବେଶ ଆନ୍ତଃ-ରାଜ୍ୟ ସରବରାହ) ନିୟମାଳବୀ, ୨୦୦୮ (ନିୟମ-୮) ସମୂହ ଏସ୍ଏଲ୍‌ଡିସିର ସ୍ୱାଧିନ କାର୍ଯ୍ୟ ପରିଚାଳନା (ନିର୍ବାହନ) ଉଦ୍ଦେଶ୍ୟରେ ମଧ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।

(୪) ଏସ୍ଏଲ୍‌ଡିସିକୁ ଆତ୍ମ-ପ୍ରତ୍ୟୟ ସଂପନ୍ନ କରିବା ନିମନ୍ତେ, ୧.୪.୨୦୦୮ ଠାରୁ ଓପିଟିସିଏଲ୍‌ର ସରବରାହ ଦେୟ-ଦର ଠାରୁ ଏସ୍ଏଲ୍‌ଡିସିର ଦେୟ-ଦରକୁ ପୃଥକ କରିବା ଉଦ୍ଦେଶ୍ୟରେ ଓଡ଼ିଶାରେ ଏସ୍ଏଲ୍‌ଡିସି କାର୍ଯ୍ୟ ପରିଚାଳନା ପାଇଁ ବାର୍ଷିକ ଦେୟ ଏବଂ ପରିଚାଳନା ଦେୟ-ଦରର ପ୍ରବର୍ତ୍ତନ କରିବାକୁ ଆୟୋଗ ୪.୮.୨୦୦୭ ତାରିଖର ଚିଠି ନଂ.୧୩୧୩ ମୂଳେ ନିମ୍ନଲିଖିତ ରୋଡ୍ ମ୍ୟାପ୍‌କୁ ପ୍ରଦାନ କଲେ ।

୫. ଆୟୋଗଂକ ସମକ୍ଷରେ ଦାଖଲ କରାଯାଇଥିବା ୧୩.୩.୨୦୦୮ର ଏକ ପିଟିସନ ଦ୍ୱାରା ଓପିଟିସିଏଲ ଦର୍ଶାଇଥିଲେ ଯେ, ଓପିଟିସିଏଲର ସ୍ଥିତ ସରବରାହ ଦେୟ-ଦରଠାରୁ ଏସ୍ଏଲଡିସିର ଦେୟ-ଦରକୁ ପୃଥକ କରିବା ଉଦ୍ଦେଶ୍ୟରେ ୪.୮.୨୦୦୭ରେ ଆୟୋଗଙ୍କ ଦ୍ୱାରା ପ୍ରଦତ୍ତ ରୋଡ ମ୍ୟାପରେ ନିହିତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରଣଗୁଡିକୁ ହାସଲ କରିବା ସ୍ଥିତିରେ ସେ ନାହିଁ । ତେଣୁ, ଓଡ଼ିଶାର ଏସ୍ଏଲଡିସି ଉଦ୍ଦେଶ୍ୟରେ ଅତିରିକ୍ତ ଭାବେ ବାର୍ଷିକ ଦେୟ ଓ ପରିଚାଳନା ଦେୟ-ଦର ପ୍ରବର୍ତ୍ତନର ନିଷ୍ପତ୍ତିକୁ ୧ ବର୍ଷ ଘୁଞ୍ଚାଇ ଦେବାକୁ ଓପିଟିସିଏଲ ଆୟୋଗଙ୍କୁ ଅନୁରୋଧ କରିଥିଲେ । କେଶ୍ ନଂ-୬୨/୨୦୦୭ ରେ ୨୦.୩.୨୦୦୮ ର ଟାରିଫ ଆଦେଶନାମା ମୂଳେ ଆୟୋଗ ଓପିଟସିଏଲ ପିଟିସନକୁ ଖାଉଜ କରିଦେଇଥିଲେ ଏବଂ ଓପିଟସିଏଲର ୨୦୦୮-୦୯ ଆ.ବ ପାଇଁ ଏଆର୍‌ଆର୍ ଓ ସରବରାହ ଟାରିଫରେ ଏସ୍ଏଲଡିସି କାର୍ଯ୍ୟସୂଚୀ ସମୂହର ଦେୟ-ଦରସମୂହକୁ ଅନ୍ତର୍ଭୁକ୍ତ

କରିବାକୁ ଅନୁମତି ଦେଇଥିଲେ। ସେହି ଆଦେଶନାମାର ପରିଚ୍ଛେଦ-୩୫୭ ମୂଳେ ଆୟୋଗ ନିର୍ଦ୍ଦେଶ ଦେଲେ ଯେ, ୧.୪.୨୦୦୯ ଠାରୁ ଓପିଟିସିଏଲର ସରବରାହ ଦେୟ-ଦରରେ ଏସ୍‌ଏଲ୍‌ଡିସିର ଦେୟ-ଦର ଅନ୍ତର୍ଭୁକ୍ତ ହେବ ନାହିଁ।

୬. ୨୦୦୮, ଅଗଷ୍ଟରେ ଶକ୍ତି ମନ୍ତ୍ର କ୍ରୟଠାରେ ଉପସ୍ଥାପିତ ଭାରତ ସରକାରଂକ ଶକ୍ତି ମନ୍ତ୍ରାଳୟର ଶ୍ରୀ ଗିରୀଶ ବି. ପ୍ରଧାନ ଙ୍କର ସୁପାରିଶକୁ, ବିଶେଷତଃ ଲୋଡ୍ ପ୍ରେରଣ କେନ୍ଦ୍ରର ନିର୍ବାହନଗତ ସ୍ୱୟଂଶାସନର ସ୍ୱଚ୍ଛତା ଓ ସ୍ୱାଧିନତା ଉଦ୍ଦେଶ୍ୟରେ ସୁପାରିଶ ଉପରେ ଆୟୋଗ ପର୍ଯ୍ୟବେକ୍ଷଣ କରିଥିଲେ। ସୁପାରିଶସମୂହ ନିମ୍ନ ଉଲ୍ଲେଖ ପ୍ରକାରର ଅଟେ।

**(କ) <u>ସୁପାରିଶ -୧</u>**

ନିମ୍ନଲିଖିତ ପଦକ୍ଷେପ ସମୂହକୁ ଗ୍ରହଣ  ପୂର୍ବକ ଲୋଡ ପ୍ରେରଣ କେନ୍ଦ୍ରଗୁଡିକ ସେମାନଙ୍କର ସ୍ୱୟଂଶାସନ ଓ ସ୍ୱୟଂକ୍ରିୟତାକୁ ବଜାଯ ରଖିବା ନିମନ୍ତେ ସ୍ୱଚ୍ଛ ଭାବେ ଅନୁଚାଳିତ ହେବା କମିଟି ସୁପାରିଶ କରିଥିଲେ।

୧. ବିଦ୍ୟୁତ୍ ଆକ୍ଟ ୨୦୦୩ ଏବଂ ଜାତୀୟ ତାରିଫ ନୀତି ଅନୁସାରେ ଲୋଡ ପ୍ରେରଣ କେନ୍ଦ୍ରଗୁଡିକର ସ୍ୱାଧିନ କାର୍ଯ୍ୟ ନିର୍ବାହନକୁ ତ୍ୱରାନ୍ୱିତ କରିବା ଦିଗରେ ଉପଯୁକ୍ତ ସରକାର ଯଥୋପଯୋଗୀ ପଦକ୍ଷେପ ନେବା ଉଚିତ। ପ୍ରାରମ୍ଭିକ ପଦେକ୍ଷେପ ସ୍ୱରୂପ, ଆଂଚଳିକ ଲୋଡ୍ ପ୍ରେରଣ କେନ୍ଦ୍ର ଓ ଜାତୀୟ ଲୋଡ୍ ପ୍ରେରଣ କେନ୍ଦ୍ର ଭଳି ରାଜ୍ୟ ଲୋଡ ପ୍ରେରଣ କେନ୍ଦ୍ର ଗୁଡିକର ନିଜ ମାଲିକାନାରେ ପରିଚାଳନା ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ପ୍ରତିନିଧି ପରିଷଦର ସଂରଚନା ପାଇଁ ରାଜ୍ୟ ସରକାରମାନଙ୍କୁ ଏତଦ୍ୱାରା ଚାପ ପକାଯାଉଛି।

୨. ଉପଯୁକ୍ତ ବିଦ୍ୟୁତ୍ ନିୟାମକ ଆୟୋଗ ଦେୟ-ଯୋଗ୍ୟ ଦେୟ ଓ ଦେୟ-ଦର ସମୂହକୁ ସୁ-ନିର୍ଦ୍ଧିଷ୍ଟ ଭାବେ ସୂଚିତ କରି, ୨୦୦୯ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସବୁ ଲୋଡ ପ୍ରେରଣ କେନ୍ଦ୍ର ପାଇଁ ଅର୍ଥଗତ ଆକାଉଣ୍ଟସମୂହକୁ ପୃଥକ କରିଦିଆଯିବା ଉଚିତ।

୩. ୨୦୦୯ ରୁ ୨୦୧୨ ବର୍ଷ ମଧ୍ୟରେ ସବୁ ଲୋଡ ପ୍ରେରଣ କେନ୍ଦ୍ରଗୁଡିକର ଆଧୁନିକୀକରଣ ସକାଶେ 'ମୁଖ୍ୟ ବ୍ୟୟ ଖସଡା' (କାପେକସ)କୁ ଉପସ୍ଥାପନ କରାଯିବା ଉଚିତ ଏବଂ ୨୦୦୯, ମାର୍ଚ୍ଚ ୩୧ ସୁଦ୍ଧା ଯଥା -ଉର୍ଦ୍ଧିଷ୍ଟ ବିଦ୍ୟୁତ୍ ନିୟାମକ ଆୟୋଗଙ୍କର ତଜ୍ଜନିତ ଅନୁମୋଦନ ହାସଲ କରାଯିବା ଉଚିତ। ଏ କ୍ଷେତ୍ରରେ କେନ୍ଦ୍ରୀୟ ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ ଏବଂ ଆଞ୍ଚଳିକ ଲୋଡ ପ୍ରେରଣ କେନ୍ଦ୍ରଗୁଡିକ ରାଜ୍ୟ ଲୋଡ ପ୍ରେରଣ କେନ୍ଦ୍ରଗୁଡିକ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ଉଚିତ୍।

୪. ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ, ପ୍ରତି ଲୋଡ ପ୍ରେରଣ କେନ୍ଦ୍ର ଏକ ବର୍ଷିଆ କାପେକସ ଖସଡା ପ୍ରସ୍ତୁତ କରିବେ ଏବଂ ପଦ୍ଧତି ବିସ୍ତାରଣ, ଆନୁଷଙ୍ଗିକ ରିଏଲ-ଟାଇମ୍ ତଥ୍ୟ ଆବଶ୍ୟକତା ତଥା ବୈଷୟିକ ଉତ୍ସାହଗ୍ରଦା ଓ ନିୟନ୍ତ୍ରଣ କେନ୍ଦ୍ରର ସାମଗ୍ରୀ (ଯନ୍ତ୍ରାଦି)ର ସ୍ଥିତିଶୀଳତା ଆଦିର ଯତ୍ନ ନେବାକୁ ଯଥା-ଉଦ୍ଧିଷ୍ଟ ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଦ୍ୱାରା ଅନୁମୋଦନ କରାଇ ନେବେ। ୭ ରୁ ୧୦ ବର୍ଷର ଏକ ସମୟ ଅବଧି ପାଇଁ ସେହିସବୁ ସାମଗ୍ରୀର ଆୟୁଷକୁ ବିବେଚନାକୁ ନେଇ ଯଥା ଉର୍ଦ୍ଧିଷ୍ଟ ବିଦ୍ୟୁତ୍ ନିୟାମକ ଆୟୋଗ 'ମୁଖ୍ୟ ବ୍ୟୟ ଜନିତ ପ୍ରସ୍ତାବ' ବା 'କାପେକସ୍ ପ୍ରସ୍ତାବ'କୁ ପରୀକ୍ଷା ନିରୀକ୍ଷା କରିପାରନ୍ତି।

**(ଖ) <u>ସୁପାରିଶ -୨</u>**

ଆର୍ଥିକ ଭାବେ ଲୋଡ୍ ପ୍ରେରଣ କେନ୍ଦ୍ରଗୁଡିକୁ ଆତ୍ମ-ପ୍ରତ୍ୟୟ ଶୀଳ କରିବା ପାଇଁ ବିଦ୍ୟୁତ୍ ନିୟାମକ ଆୟୋଗମାନେ ୩ ଟି ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ବିଭାବକୁ ଚିହ୍ନଟ କରିବା ଉଚିତ୍। ସେଗୁଡିକ ହେଲା -

(କ) ପଦ୍ଧତି ପରିଚାଳନା ପାଇଁ ଦେୟ ଓ ଦେୟ-ଦର ସମୂହ

(ଖ) ସିଦ୍ଧାନ୍ତଗତ ସହାୟକ ବ୍ୟବସ୍ଥା ନିମନ୍ତେ ତାରିଫ ଏବଂ ସୂଚନା ପ୍ରଯୁକ୍ତିଗତ ସଂରଚନା (ସଂପ୍ରତି କେବଳ ୟୁଏଲଡିସି ତାରିଫ)

(ଗ) ବଜାର ନିର୍ବାହନକାରୀଙ୍କ ଉଦ୍ଦେଶ୍ୟରେ ସୂଚୀକରଣ, ମିଟରିଂ ଓ ବନ୍ଦୋବସ୍ତ ପାଇଁ ପରିଚାଳନା ଦେୟ-ଦର ଲୋଡ୍ ପ୍ରେରଣ କେନ୍ଦ୍ର ସମୂହର ସେବା ବ୍ୟବହାର କରୁଥିବା ସବୁ ଉତ୍ପାଦନକାରୀ କଂପାନୀ ଏବଂ ଅନୁମତିଧାରୀ ଉପରୋକ୍ତ ସବୁ ଦେୟ ପ୍ରଦାନ କରିବେ। ତା' ସହ ଦେୟ-ପ୍ରଦନା ଭିତ୍ତିରେ ଉନ୍ନୟନ, ରିପୋର୍ଟସମୂହ, ଡାଟା ଆରଚିଭ୍ ଉପରେ ପ୍ରବେଶ ଆଦି ସେବା ମଧ୍ୟ ବ୍ୟବସ୍ଥିତ କରିପାରିବେ।

୭. ଅଦ୍ୟାବଧି, ଏସ୍ଏଲଡିସି କାର୍ଯ୍ୟସୂଚୀର ନିର୍ବାହନ ନିମନ୍ତେ ଏକ ପୃଥକ ଓ ସ୍ୱାଧୀନ ସଂସ୍ଥାନ ଭାବେ ଏସ୍ଏଲଡିସିକୁ ପ୍ରତିଷ୍ଠିତ କରିବାକୁ ବିଦ୍ୟୁତ୍ ଆକ୍ଟର ବିଭାଗ ୩୧(୧) ,ବଂ (୨) ଅଧିନରେ ରାଜ୍ୟ ସରକାର ତାଂକର କ୍ଷମତା ପ୍ରୟୋଗ କରିନାହାନ୍ତି। ତେଣୁ, ଆକ୍ଟର ବିଭାଗ ୩୧(୨) ର ୧ ମ ସର୍ତ୍ତ ବଳରେ ବର୍ତ୍ତମାନ ସମୟ ପାଇଁ ରାଜ୍ୟ ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ ଭାବରେ ଓପିଟିସିଏଲକୁ ଏସଏଲଡିସିକୁ ପରିଚାଳନା କରିବାକୁ ପଡିବ। ତେବେ, ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ, ଓପିଟିସିଏଲ ରାଜ୍ୟ ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ ଭାବରେ ଏସ୍ଏଲଡିସି ଏକ ସ୍ୱାଧୀନ ସ୍ୱୟଂଶାସିତ ସଂସ୍ଥାନ ଭାବରେ କାର୍ଯ୍ୟ ନିର୍ବାହନ କରିବା ଉଚିତ। ତା'ଛଡା ଓପିଟିସିଏଲକୁ ମଧ୍ୟ ଆକ୍ଟ ପ୍ରତି ତାର ଦାୟବଦ୍ଧ ଆନୁଗତ୍ୟ ସ୍ୱରୂପ ବୈଧାନିକ କର୍ତ୍ତବ୍ୟ ସଂପାଦନ କରିବା ସହ ଆୟୋଗଙ୍କର ନିୟମାବଳୀକୁ ମାନି ଚଳିବାକୁପଡିବ। ଆନ୍ତଃ ରାଜ୍ୟ ମୁକ୍ତ ପ୍ରବେଶ ସଂପର୍କିତ ଦାୟିତ୍ୱ, ଆନ୍ତଃ-ରାଜ୍ୟ ଏବିଟି ଏବଂ ଓଡ଼ିଶା ଗ୍ରୀଡକୋଡ ଅଧିନରେ ବ୍ୟବସ୍ଥା ସମୂହ ଉପରୋକ୍ତ ପ୍ରତିବଦ୍ଧ କର୍ତ୍ତବ୍ୟ ମଧ୍ୟରେ ପରିଗଣିତ ଅଟେ। ଲୋଡ୍ ପ୍ରେରଣ କେନ୍ଦ୍ରଗୁଡିକର ପଦ୍ଧତି ପରିଚାଳନା ଓ ସ୍ୱଚ୍ଛ ଅନୁଚାଳନା ପାଇଁ ଶ୍ରମ-ଶକ୍ତି ପ୍ରମାଣୀକରଣ ଓ ପାରିତୋଷିକତା ଉପରେ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ତାଂକର ୪.୧୧.୨୦୦୮ ର ଚିଠି ମୂଳେ ଶ୍ରୀ ଗିରୀଶ ବି.ପ୍ରଧାନ କମିଟିର ପ୍ରବର୍ତ୍ତନକୁ ସୁପାରିଶ କରିଥିଲେ। ସେହି ଦୃଷ୍ଟିରୁ ଏହା ସଂଗତ ଓ ଉପଯୁକ୍ତ ଯେ, ରାଜ୍ୟ ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ ଭାବରେ ଓପିଟିସିଏଲ ସେକ୍ଟରର ବିଭିନ୍ନ ଅଂଶୀଦାରଙ୍କ ଠାରୁ ଏସ୍ଏଲଡିସି କାର୍ଯ୍ୟ ନିର୍ବାହନ ଉଦ୍ଦେଶ୍ୟରେ ବାର୍ଷିକ ଦେୟ ଓ ପରିଚାଳନା ଦେୟ ଦରସମୂହକୁ ଆଦାୟ କରିପାରିବେ। ତେଣୁ, ପୂର୍ବବର୍ଷମମାନଙ୍କ ଭଳି, ୯.୧୧.୨୦୦୯ ର ଚିଠି ନିର୍ଦ୍ଦେଶକ (ଟାରିଫ) ୩୬୫/୨୦୦୯/୨୫୦୮ ମୂଳେ ରାଜ୍ୟ ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ ଓପିଟିସିଏଲକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ୨୦୧୦-୧୧ ଆ.ବ ପାଇଁ ଏସ୍ଏଲଡିସିର କାର୍ଯ୍ୟସୂଚୀସମୂହର ନିର୍ବାହନ ଉଦ୍ଦେଶ୍ୟରେ ଓପିଟିସିଏଲ ପୃଥକ ଏଆର୍ଆର୍ ଦରଖାସ୍ତ ଏବଂ ବାର୍ଷିକ ଦେୟ ଓ ପରିଚାଳନା ଦେୟ-ଦରର ଅନୁମୋଦନ ନିମନ୍ତେ ପୃଥକ ଦରଖାସ୍ତ ଆୟୋଗଙ୍କ ସମକ୍ଷରେ ଦାଖଲ କରିବ। ଏହା ଫଳରେ ଆୟୋଗ ଆକ୍ଟର ବିଭାଗ ୩୧(୨) ର ୧ମ ସର୍ତ୍ତ ଅଧିନରେ ରାଜ୍ୟ ବିନିଯୋଗକାରୀ କର୍ତ୍ତୃପକ୍ଷ ଓପିଟିସିଏଲର ଆଇନଗତ ଦାୟିତ୍ୱ ସଂପାଦନ ନିମନ୍ତେ ଆବଶ୍ୟକୀୟ ଅର୍ଥ ବ୍ୟବସ୍ଥା କରିପାରିବେ। ଏଠାରେ ସ୍ପଷ୍ଟ କରିଦିଆଯିବା ଉଚିତ୍ ହେବ ଯେ, ଉପରୋକ୍ତ ଅତିରିକ୍ତ ଅର୍ଥ ଓପିଟିସିଏଲ୍ର ସ୍ଥିତି ଏବେ ଅପେକ୍ଷା ସାପେକ୍ଷ। ରାଜ୍ୟ ସରକାର ଏସ୍ଏଲଡିସିର ସ୍ଥିତିକୁ ସ୍ପଷ୍ଟ କରିସାରିବା ପରେ (ଏକ ସ୍ୱାଧୀନ ସ୍ୱୟଂଶାସିତ ସଂସ୍ଥାନ ଭାବେ ପୂର୍ଣ୍ଣ ସ୍ୱୀକୃତି ଓ ଘୋଷଣା ପରେ ହିଁ ଓଇଆରସି ଆକ୍ଟର ବିଭାଗ -୩୨(୩), ବିଭାଗ-୧୮୧(୨) (ଛ) ଅଧିନରେ ନିୟମାବଳୀ ପ୍ରସ୍ତୁତ କରିବେ। ତେବେ, ବର୍ତ୍ତମାନର ମଧ୍ୟବର୍ତ୍ତୀ ସମୟ ପାଇଁ ତାର ଏସଲଡିସି ଉଦ୍ଦେଶ୍ୟିତ କାର୍ଯ୍ୟସୂଚୀ ନିର୍ବାହନ ପାଇଁ ରାଜ୍ୟ ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ ଓପିଟିସିଏଲ ପ୍ରତି ଏକ ସ୍ୱତନ୍ତ୍ର ରାଜସ୍ୱ ଶାଖାର ବ୍ୟବସ୍ଥା ନିମନ୍ତେ ଓଇଆରସି ସିଇଆରସି ପୂର୍ବାଞ୍ଚଳ ଲୋଡ ପ୍ରେରଣ କେନ୍ଦ୍ରର ଦେୟ ଓ ଦେୟଦରସମୂହ ଏବଂ ଅନ୍ୟାନ୍ୟ ସଂପର୍କିତ ପ୍ରସଂଗ ସମୂହ) ନିୟମାବଳୀ, ୨୦୦୯ କୁ ଗାଇଡ ଲାଇନ୍ ଭାବରେ ଗ୍ରହଣ କରିଛନ୍ତି।

୮. ଏସ୍ଏଲଡିସି ଉଦ୍ଦେଶ୍ୟରେ ରାଜ୍ୟ ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ ଓପିଟିସିଏଲର କାର୍ଯ୍ୟ ନିର୍ବାହନକୁ ପୃଥକ କରିବା ନିମନ୍ତେ ୩୦.୧୧.୨୦୦୯ ସୁଦ୍ଧା ନିମ୍ନ ଉଲ୍ଲେଖ ପ୍ରକାରରେ ୨ ଟି ପୃଥକ ଦରଖାସ୍ତ ଆୟୋଗଙ୍କ ସମକ୍ଷରେ ଦାଖଲ କରିବାକୁ ଆୟୋଗ ସରବରାହ ଅନୁମତିଧାରୀ ଓପିଟସିଏଲକୁ ନିର୍ଦ୍ଦେଶ ଦେଇଥିଲେ।

(କ) ୨୦୧୦-୧୧ ଆ.ବ ପାଇଁ ଓପିଟିସିଏଲ ଆନ୍ତଃରାଜ୍ୟ ସରବରାହ ନେଟୱାର୍କ ଉଦ୍ଦେଶ୍ୟରେ ଏଆର୍ଆର୍ ଅନୁମୋଦନ ଓ ସରବରାହ ଟାରିଫ ସ୍ଥିରୀକରଣର ଅନୁମୋଦନ ପାଇଁ ଦରଖାସ୍ତ।

(ଖ) ୨୦୧୦-୧୧ ଆ.ବ ପାଇଁ ଓଡ଼ିଶା ଏସ୍ଏଲଡିସିର ଏସ୍ଏଲଡିସି କାର୍ଯ୍ୟସୂଚୀ ନିର୍ବାହନ ଉଦ୍ଦେଶ୍ୟରେ ବାର୍ଷିକ ଦେୟ ଓ ପରିଚାଳନା ଦେୟ-ଦରର ଅନୁମୋଦନ ନିମନ୍ତେ ଦରଖାସ୍ତ।

ଉଲ୍ଲେଖ ଯୋଗ୍ୟ ଯେ, ଉପରୋକ୍ତ ପଂକ୍ତି (ଖ)ରେ ନିର୍ଦ୍ଧୟନ ଅନୁଯାୟୀ ଦରଖାସ୍ତ ବିଦ୍ୟୁତ ଆକ୍ଟର ବିଭାଗ-୬୨ ଅଧିନରେ ଏକ ଟାରଫ ଦରଖାସ୍ତ ନୁହେଁ। ଆ.ବ ପାଇଁ ଏସ୍ଏଲଡିସିର ସ୍ୱାଧିନ ଦେୟ-ଦର ସମୂହର ଅନୁମୋଦନ ନିମନ୍ତେ ୩୦.୧୧.୨୦୦୯ରେ ଓପିଟିସିଏଲ ଆୟୋଗଙ୍କ

ସମକ୍ଷରେ ଦରଖାସ୍ତ ନଥିଭୁକ୍ତ ଭାବେ ଦାଖଲ କରଲେ ଏବଂ ଏସ୍‌ଏଲଡିସି କାର୍ଯ୍ୟସୂଚୀ ସମୂହ (୨୦୧୦-୧୧ ଆ.ବ ପାଇଁ) ଉଦ୍ଦେଶ୍ୟରେ ବାର୍ଷିକ ଦେୟ ଓ ପରିଚାଳନା ଦେୟ-ଦରସମୂହର ଲାଗୁକରଣ ପାଇଁ ଏକ ଜନଶୁଣାଣି ପ୍ରକ୍ରିୟା ଜରିଆରେ ୧୮.୨.୨୦୧୦ରେ ଆୟୋଗ ସେହି ଦରଖାସ୍ତର ବିବରଣୀକୁ ଶୁଣିଥିଲେ।

୯. ୩୦.୧୧.୨୦୦୯ର ସେହି ଦରଖାସ୍ତର ଉପଯୁକ୍ତ ଯାଞ୍ଚ କରାଯାଇଥଲା ଏବଂ ୨୦୦୯ ର କେଶ୍ ନଂ -୧୪୬ ଭାବରେ ପଂଜିକରଣ କରାଯାଇଥିଲା ଏବଂ ଶୁଣାଣି ପାଇଁ ସ୍ୱୀକୃତି ଦିଆଯାଇଥିଲା। ରାଜ୍ୟର ବହୁଳ ପ୍ରସାରିତ ଦୈନିକ ଓଡ଼ିଆ ଓ ଇଂରାଜୀ ସମ୍ବାଦପତ୍ରରେ ତଥା ଆୟୋଗ ଓ ଓପିଟିସିଏଲର ୱେବସାଇଟରେ ଦରଖାସ୍ତର ପ୍ରସାରଣ ପରେ ଅଭିଯୋଗ /ପରାମର୍ଶସମୂହର ଆମନ୍ତ୍ରଣ କରାଯାଇଥିଲା। ଦରଖାସ୍ତକାରୀଙ୍କର ସର୍ବସାଧାରଣ ଉଦ୍ଦେଶ୍ୟରେ ବିଜ୍ଞପ୍ତିର ପ୍ରତିକ୍ରିୟା ସ୍ୱରୂପ ନିମ୍ନ ଲିଖିତ ବ୍ୟକ୍ତିବିଶେଷ ଆସୋସିଏସନ/ଅନୁଷ୍ଠାନ/ପ୍ରତିଷ୍ଠାନମାନଙ୍କଠାରୁ ୯ଟିଅଭିଯୋଗ/ପରାମର୍ଶ ପତ୍ର ପ୍ରାପ୍ତ ହୋଇଥିଲେ। ସେମାନେ ହେଲେ-

(୧) ସମ୍ବଲପୁର ଡିଷ୍ଟ୍ରିକ୍ଟ କଂଜୁମର୍ସ ଫେଡେରେସନ, ବାଲାଜି ମନ୍ଦିର ଭବନ, କ୍ଷେତରାଜପୁର, ସମ୍ବଲପୁର

(୨) କନଫେଡେରସନ ଅଫ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି, ୮, ଫରେଷ୍ଟ ପାର୍କ, ଭୁବନେଶ୍ୱର

(୩) ଫେବରା ଆଲୟଜ କର୍ପୋରେସନ ଲିମିଟେଡ, ଜିଡି-୨/୧୦, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

(୪) ଶ୍ରୀ ଆର.ପି ମହାପାତ୍ର, ପ୍ଲଟ ନଂ-୭୭୫(ପିଟି), ଲେନ୍-୩, ଜୟଦେବ ବିହାର, ଭୁବନେଶ୍ୱର

(୫) ଉତ୍କଳ ଚ୍ୟାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ଏନ୍/୬, ଆଇଆରସି ଭିଲେଜ୍, ଭୁବନେଶ୍ୱର

(୬) ଓରିଶା ହାଇଡ୍ରୋ ପାୱାର କର୍ପୋରେସନ୍, ଓରିଶା ଷ୍ଟେଟ ପୋଲିସ ହାଉସିଂ ଆଣ୍ଡ ୱେଲ ଫେୟାର କର୍ପୋରେସନ ବ୍ୟୁଲଡିଂ, ବାଣୀବିହାର, ଜନପଥ, ଭୁବନେଶ୍ୱର

(୭) ୱେସକୋ, କର୍ପୋରେଟ ଅଫିସ, ବୁର୍ଲା, ସମ୍ବଲପୁର

(୮) ନେସକୋ, କର୍ପୋରେଟ ଅଫିସ, ଜାନୁଗଞ୍ଜ, ବାଲେଶ୍ୱର

(୯) ସାଉଥକୋ, କର୍ପୋରେଟ ଅଫିସ୍, କୋଟପେଟା, ବ୍ରହ୍ମପୁର। ଅଭିଯୋଗକାରୀ ସଂଖ୍ୟା -୨,୪, ୭ ଓ ୯ବାଦ୍ ଆଉ ସବୁ ଉପରୋକ୍ତ ଉଲ୍ଲିଖିତ ଅଭିଯୋଗକାରୀ ଶୁଣାଣି ସମୟରେ ଉପସ୍ଥିତ ଥିଲେ। ତେବେ ଅନୁପସ୍ଥିତ ଅଭିଯୋଗକାରୀଂକର ଲିଖିତ ଉପସ୍ଥାପନାକୁ ଆୟୋଗ ବିବେଚନା ନିମନ୍ତେ ଗ୍ରହଣ କରି ନଥିଭୁକ୍ତ କରିଥିଲା।

ଆବେଦନକାରୀ , ରାଜ୍ୟ ସରକାର ଓ ଅଭିଯୋଗକାରୀଙ୍କୁ ଯଥାପୋଯୋଗୀ ନୋଟିସ ଦିଆଯିବା ପରେ, ଆଲୋଚନାତ୍ମକ ପ୍ରକ୍ରିୟାରେ ଆୟୋଗ ୧୮.୨.୨୦୧୦ରେ ଦରଖାସ୍ତକାରୀ, ଅଭିଯୋଗକାରୀ, ଉପଭୋକ୍ତା ଉପଦେଷ୍ଟା ଓ ରାଜ୍ୟ ସରକାରଙ୍କର ଅଭିଯୋଗ/ପରାମର୍ଶ ସମୂହକୁ ଶୁଣିଥିଲେ ଓ ନିମ୍ନମତେ ନିର୍ଦ୍ଦେଶ ଦେଇଥିଲେ।

୧୦. ବିଗତ ଆର୍ଥିକ ବର୍ଷ ୨୦୦୯-୧୦, କେଶ ନଂ -୬୫/୨୦୦୮ ରେ ୨୦.୩.୨୦୦୯ର ଆଦେଶନାମା ମୂଳେ ଆୟୋଗ ଏସ୍‌ଏଲଡିସି ଉଦ୍ଦେଶ୍ୟରେ ୯.୬୬ କୋଟି ଟଂକାର ଏଆର୍‌ଆରକୁ ଅନୁମୋଦନ ଦେଇଥିଲେ ଏବଂ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟର ଗିରୀଶ ବି. ପ୍ରଧାନ କମିଟି ଦ୍ୱାରା ସୁପାରିଶ ମତେ, ଏସ୍‌ଏଲ୍‌ଡିସିଙ୍କୁ ଏକ ସାଧୀନ ପଦ୍ଧତି ପରିଚାଳକ ଭାବରେ କାର୍ଯ୍ୟ ନିର୍ବାହନ କରିବାକୁ ସମର୍ଥ କରାଇବା ନିମନ୍ତେ

ରାଜ୍ୟର ୪ ଟି ବିତରକ କଂପାନୀ ଏବଂ ଅନ୍ୟାନ୍ୟ ଦୀର୍ଘମିଆଦୀ ଓ ସ୍ୱଳ୍ପମିଆଦୀ ମୁକ୍ତ ପ୍ରବେଶ ଉପଭୋକ୍ତାଙ୍କ ଠାରୁ (ଓଇଆରସି(ମୁକ୍ତ ପ୍ରବେଶ ଦେୟ-ଦର ନିର୍ଦ୍ଧାରଣ) ନିୟମାବଳୀ, ୨୦୦୬ ଅଧିନରେ ଦେୟ ଆଦାୟ ପାଇଁ ୧.୪.୨୦୦୯ଠାରୁ ଓପିଟିସିଏଲର ସରବରାହ ଦେୟ-ଦରଠାରୁ ମାସିକ ମେଗାୱାଟ ପିଛା ୨ ହଜାର ଟଂକା ହାରରେ ପରିଚାଳନା ଦେୟ-ଦରକୁ ପୃଥକ କରିଦେଲେ। ଏସଏଲଡିସି ଉଦ୍ଦେଶ୍ୟରେ ଉପରୋକ୍ତ ଏଆର୍ଆର୍ ଏବଂ ପରିଚାଳନା ଦେୟ-ଦରସମୂହ ୪ ଟି ବିତରକ କଂପାନୀ ଓ ସ୍ୱଳ୍ପମିଆଦୀ ମୁକ୍ତ ପ୍ରବେଶ ଉପଭୋକ୍ତାଙ୍କ ଠାରୁ ଆଦାୟ କରାଯିବାକୁ ଥିଲା ଏବଂ ବାସ୍ତବରେ ରାଜ୍ୟରେ ଆନ୍ତଃ-ରାଜ୍ୟ ସରବରାହ ପଦ୍ଧତିରେ ନିଯୁକ୍ତ ଉତ୍ପାଦନକାରୀ କଂପାନୀ ଓ ଅନୁମତିଧାରୀସମୂହ ଏବଂ କିମ୍ବା ଏସ୍ଏଲଡିସିର ଆନୁଷଙ୍ଗିକ ସୁବିଧାସୁଯୋଗ ଓ ସେବା ସମୂହରୁ ଦେୟ-ଆଦାୟ କରାଯିବାକୁ ଥିଲା, ଅର୍ଥାତ୍ ସିଜିପିସମୂହ, ବିତରକ କଂପାନୀସମୂହ, ଅନ୍ୟ ରାଜ୍ୟକୁ ଶକ୍ତି ବିପଣନକାରୀ, ଶକ୍ତି ବିନିମୟକାରୀ, ସ୍ୱଳ୍ପମିଆଦୀ ମୁକ୍ତ ପ୍ରବେଶ ଉପଭୋକ୍ତା ଓ ଦୀର୍ଘମିଆଦୀ ମୁକ୍ତ ପ୍ରବେଶ ଉପଭୋକ୍ତା (ଓଇଆରସି (ମୁକ୍ତ ପ୍ରବେଶ ଦର ସମୂହ) ନିୟମାବଳୀ, ୨୦୦୬ ଅଧିନରେ) ତଥା ସରବରାହ ଅନୁମତିଧାରୀ (କ୍ଷେତ୍ର ବିଶେଷରେ ଯାହା ପାଇଁ ଉର୍ଦ୍ଧିଷ୍ଟ ହୋଇଥିବ)ଙ୍କ ଠାରୁ ଦେୟ-ଆଦାୟ କରାଯିବାକୁ ଥିଲା। ଏହା ୧୮.୯.୨୦୦୯ର ସିଇଆରସି ବିଜ୍ଞପ୍ତି ଅର୍ଥାତ୍ ସିଇଆରସି (ପୂର୍ବାଞ୍ଚଳ ଲୋଡ୍ ପ୍ରେରଣ କେନ୍ଦ୍ରର ଦେୟ ଓ ଦେୟ-ଦରସମୂହ ଏବଂ ଅନ୍ୟାନ୍ୟ ସଂପର୍କିତ ପ୍ରସଂଗ ସମୂହ) ନିୟମାବଳୀ ୨୦୦୯କୁ ଅନୁସରଣ କରି କରାଯାଇଥିଲା, ଯହିଁରେ ସବୁ ଶକ୍ତି ତବ୍ୟବହାରକାରୀ ଯେଉଁମାନେ ଆନ୍ତଃ-ରାଜ୍ୟ ସରବରାହ ନେଟୱାର୍କ ତଥା ପୂର୍ବାଞ୍ଚଳ ଲୋଡ୍ ପ୍ରେରଣ କେନ୍ଦ୍ର ଓ ଜାତୀୟ ଲୋଡ୍ ପ୍ରେରଣ କେନ୍ଦ୍ରକୁ ବ୍ୟବହାର କରୁଛନ୍ତି)ଙ୍କ ଠାରୁ ପୂର୍ବାଞ୍ଚଳଲୋଡ ପ୍ରେରଣ କେନ୍ଦ୍ର ଦେୟ-ଦର ଜାତୀୟ ଲୋଡ୍ ପ୍ରେରଣ କେନ୍ଦ୍ର ଦେୟ-ଦର କୁ ଆଦାୟ କରାଯିବାକୁ ନିର୍ଦ୍ଧାରଣର ଉଲ୍ଲେଖ ରହିଛି।

୧୧. ବିଦ୍ୟୁତ୍ ଆକ୍ଟ ୨୦୦୩ର ବିଭାଗ-୯୪ (୩)ରେ ନ୍ୟସ୍ତ କ୍ଷମତା ବଳରେ ଏବଂ ଉପଭୋକ୍ତାଙ୍କର ସ୍ୱାର୍ଥର ସୁରକ୍ଷା ସକାଶେ, ୨୦୧୦-୧୧ ଆ.ବ ପାଇଁ ଏସ୍ଏଲଡିସିର ଏଆର୍ଆର୍, ଦେୟ ଓ ଦେୟ-ଦରସମୂହ ଉଦ୍ଦେଶ୍ୟରେ ଓପିଟିସିଏଲର ପ୍ରସ୍ତାବର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପାଇଁ ଆୟୋଗ 'ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍'ର ଡ଼ଃ ଏସ୍.ମେହେରଙ୍କୁ ଉପଭୋକ୍ତା ଉପଦେଷ୍ଟା ଭାବରେ ନିଯୁକ୍ତି ଦେଲେ। ଉପଭୋକ୍ତା ଉପଦେଷ୍ଟା ଆୟୋଗଂକୁ ତାଂକର ରିପୋର୍ଟ ଉପସ୍ଥାପନ କରିଥିଲେ ଏବଂ ତାଂକର ପ୍ରତିନିଧି ଶୁଣାଣିରେ ଭାଗ ନେଇଥିବା ସେକ୍ଟରର ସବୁ ଅଂଶୀଦାରଂକ ଉପସ୍ଥିତିରେ ଶଂସିତ ପ୍ରସଂଗ ଉପରେ ତାଂକର ମତାମତ ଓ ବିଶ୍ଳେଷଣ ଉପସ୍ଥାପନ କରିଥିଲେ।

୧୨. ଶୁଣାଣି ତାରିଖ ସ୍ଥିର କରାଯାଇଥିଲା ଏବଂ ଅଭିଯୋଗକାରୀଙ୍କର ତାରିକା ଉଲ୍ଲେଖ କରାଯାଇ ରାଜ୍ୟର ଅଗ୍ରଣୀ ସମ୍ବାଦପତ୍ର ମାନଂକରେ ତାହାକୁ ଉପଯୁକ୍ତ ଭାବେ ବିଜ୍ଞପିତ କରାଯାଇଥିଲା। ୧୮.୨.୨୦୧୦ରେ ଆୟୋଗ ତାଂକର ସମ୍ମିଳନୀ କକ୍ଷରେ ଏକ ଜନଶୁଣାଣିର ପରିଚାଳନା କରିଥିଲେ ଏବଂ ଦରଖାସ୍ତକାରୀ, ଅଭିଯୋଗକାରୀ, ଉପଭୋକ୍ତା ଉପଦେଷ୍ଟା ଏବଂ ରାଜ୍ୟ ସରକାରଙ୍କର ପ୍ରତିନିଧିଙ୍କର ମତାମତକୁ ଶୁଣିଥିଲେ।

୧୩. ୨୦୧୦-୧୧ ଆ.ବ ପାଇଁ ଏସ୍ଏଲଡିସି କାର୍ଯ୍ୟସୂଚୀର ବାର୍ଷିକ ଦେୟ ଓ ଦେୟ-ଦର ସମୂହର ଲାଗୁକରଣ ସହ ଏଆର୍ଆର୍ ଦରଖାସ୍ତ ଉପରେ ଆଲୋଚନା କରିବାକୁ ୧୮.୨.୨୦୧୦ରେ ଆୟୋଗ ରାଜ୍ୟ ଉପଦେଷ୍ଟା କମିଟିର ବୈଠକ ଡକାଇଲେ। କମିଟିର ସଦସ୍ୟମାନେ ଓପିଟିସିଏଲ୍ ର ପ୍ରସ୍ତାବ ଉପରେ ବହୁ ମୂଲ୍ୟବାନ ପରାମର୍ଶ ପ୍ରଦାନ କଲେ। ତେବେ,୨୦୧୦-୧୧ ଆ.ବ ପାଇଁ ଏସ୍ଏଲଡିସି କାର୍ଯ୍ୟସୂଚୀ ଉଦ୍ଦେଶ୍ୟରେ ବାର୍ଷିକ ଦେୟ ଓ ଦେୟ-ଦରର ଲାଗୁକରଣ ସହ ଏଆର୍ଆର୍ ଉପରେ କୌଣସି ନିର୍ଦ୍ଧିଷ୍ଟ ପରାମର୍ଶ ଦେଲେ ନାହିଁ।

**<u>୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏସ୍ଏଲଡିସିର କାର୍ଯ୍ୟସୂଚୀସମୂହ ଉଦ୍ଦେଶ୍ୟରେ ଏଆର୍ଆର୍ ଏବଂ ବାର୍ଷିକ ଦେୟ ଓ ଦେୟ-ଦରର ଲାଗୁକରଣ ପାଇଁ ଓପିଟିସିଏଲ୍ ର ପ୍ରସ୍ତାବ</u>**

୧୪. ୯.୧୧.୨୦୦୯ର ଚିଠି ନଂ -୨୫୦୮ମୂଳେ ଆୟୋଗଂକର ନିର୍ଦ୍ଦେଶ ଅନୁଯାୟୀ, ସିଇଆରସି (ପୂର୍ବାଞ୍ଚଳ ଲୋଡ୍ ପ୍ରେରଣ କେନ୍ଦ୍ର ପାଇଁ ଦେୟ ଓ ଦେୟ-ଦର ସମୂହ ଏବଂ ଅନ୍ୟାନ୍ୟ ସଂପର୍କିତ ପ୍ରସଂଗ ସମୂହ) ନିୟମାବଳୀ, ୨୦୦୯ ଏବଂ ଭାରତ ସରକାରଂକ ଶକ୍ତି ମନ୍ତ୍ରଣାଳୟ କମିଟି ରିପୋର୍ଟର ନିମ୍ନଲିଖିତ ସୁପାରିଶସମୂହକୁ ବିବେଚନା କରି ଓପିଟିସିଏଲ ଏସ୍ଏଲ୍ ଡିସିର କାର୍ଯ୍ୟସୂଚୀ ସମୂହର ଚାଳନା ଉଦ୍ଦେଶ୍ୟରେ ୨୦୧୦-୧୧ ଆ.ବ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା (ଏଆରଆର୍) ଏବଂ ବାର୍ଷିକ ଦେୟ ଓ ଦେୟ-ଦର ସମୂହର ନିର୍ଦ୍ଧାରଣ ପାଇଁ ଆୟୋଗଙ୍କୁ ଆବେଦନ ପତ୍ର ପ୍ରସ୍ତୁତ କଲା।

ଏକ ସ୍ୱାଧୀନ ପଦ୍ଧତି ପରିଚାଳକ ଭାବରେ ଭୂମିକା ନିର୍ବାହନ କରିବାକୁ ଏସ୍ଏଲଡିସିକୁ ସର୍ବାଙ୍ଗୀନ ଭାବେ ସ୍ୱୟଂ-ସଂପୂର୍ଣ୍ଣ ହେବାକୁ ପଡିବ।

ଶକ୍ତି ପଦ୍ଧତି ପରିଚାଳନା ହେଉଛି ଲୋଡ ପ୍ରେରଣ କେନ୍ଦ୍ରମାନଙ୍କର ମୁଖ୍ୟ କାର୍ଯ୍ୟ । ତା'ଛଡା, ଉତ୍କୃଷ୍ଟମାନର ଲୋଡ ପ୍ରେରଣ କାର୍ଯ୍ୟ ସଂପାଦନ ମଧ୍ୟ ଶକ୍ତିର ସରବରାହ, ଉତ୍ପାଦନ ଓ ବିତରଣ ଜନିତ ଯଥେଷ୍ଟ ଜ୍ଞାନ, କୌଶଳର ଆବଶ୍ୟକତା ରଖେ । ତେଣୁ , ଯେଉଁ ଅଧିକାରୀ ସ୍ତରୀୟ କର୍ମଚାରୀଙ୍କୁ ଏଥିପାଇଁ ନିଯୁକ୍ତି ଦିଆଯିବ, ସେମାନେ ଇଲେକଟ୍ରିକାଲ ଇଞ୍ଜିନିୟରିଂ ବିଭାଗରୁ ଆସିଥିବା ବାଂଛନୀୟ ଅଟେ । ତା'ଛଡା ଅତିରିକ୍ତ ସଂପୃକ୍ତ ଓ ସଂଶ୍ଲିଷ୍ଟ ବିଭାଗୀୟ ଅନ୍ତଃ-ଶୃଙ୍ଖଳା ପ୍ରଶିକ୍ଷଣ ଓ ଉନ୍ନୟନ ସମ୍ବନ୍ଧୀୟ ଧାରଣା ଓ ଜ୍ଞାନ ମଧ୍ୟ ସେମାନଙ୍କୁ ଦିଆଯିବା ପାଇଁ ପ୍ରୟାସ କରାଯିବା ଆବଶ୍ୟକ ।

୧୫.	ଏଥିପାଇଁ, ଓପିଟିସିଏଲ୍ ଏବଂ ଏସ୍ଏଲଡିସିର ଶ୍ରମ-ସମ୍ବଳ ସଂରଚନା ଉପରେ ଏକ ରିପୋର୍ଟ ପ୍ରସ୍ତୁତି ପାଇଁ ଓପିଟିସିଏଲ୍ ମେସର୍ସ ଏନ୍‌ପିସିଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛି । ଏନ୍‌ପିସି ଏ ନେଇ ଏକ ରିପୋର୍ଟ ଦେଇଛି, ଯାହା ଓପିଟିସିଏଲ୍ ଅନୁମୋଦନ ପାଇବାକୁ ତଥାପି ବାକି ଅଛି ।

୧୬.	ପ୍ରତି କ୍ୟାଟେଗୋରୀ ପାଇଁ କାର୍ଯ୍ୟସୂଚୀ ସମ୍ବଳିତ ପ୍ରସ୍ତାବିତ ଶ୍ରମ-ସମ୍ବଳ-ସଂରଚନା ନିମ୍ନ ଉଲ୍ଲେଖ ପ୍ରକାରର ଅଟେ ।

"ବିଦ୍ୟୁତ୍ ଆକ୍ଟର ବିଭିନ୍ନ ବ୍ୟବସ୍ଥା ଓ ଜାତୀୟ ତାରିଫ ନୀତିର ବିଭିନ୍ନ ନିଦ୍ଧାରଣ ସମୂହକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଶକ୍ତିର ଶୃଙ୍ଖଳିତ ପ୍ରେରଣସହ ଏକ ଉତ୍କୃଷ୍ଟ, ନିର୍ଭରଯୋଗ୍ୟ ଦୃଷ୍ଟିରେ ରଖି ବିଦ୍ୟୁତ୍ ଶକ୍ତିର ଶୃଙ୍ଖଳିତ ପ୍ରେରଣ ସହ ଏକ ଉତ୍କୃଷ୍ଟ, ନିର୍ଭରଯୋଗ୍ୟ ଓ ନିରାପଦ ଶକ୍ତି ପଦ୍ଧତି ପରିଚାଳନାକୁ ନିଶ୍ଚିତ କରିବା ନିମନ୍ତେ ଏସ୍ଏଲଡିସିର ସ୍ୱାଧୀନ ପଦ୍ଧତି ପରିଚାଳନାକୁ ତ୍ୱରାନ୍ୱିତ କରିବା ସକାଶେ ଏହି ପରିଚ୍ଛେଦ ରାଜ୍ୟ ଲୋଡ୍ ପ୍ରେରଣ କେନ୍ଦ୍ର ଠାରେ ପ୍ରତିଷ୍ଠାନିକ ଉନ୍ନୟନ ସଂପର୍କିତ ପ୍ରସଂଗ ସମୂହ ଉପରେ ଗୁରୁତ୍ୱ ଆରୋପ କରେ ।

<u>ପ୍ରସ୍ତାବିତ ପ୍ରତିଷ୍ଠାନିକ ସଂରଚନା ଓ ସେଗୁଡିକର କାର୍ଯ୍ୟ ନିର୍ବାହନ ସଂପର୍କରେ.........</u>

୧୭.	ନିର୍ଦ୍ଦେଶକ ପାହ୍ୟାର ଜଣେ ମୁଖ୍ୟ ଲୋଡ୍ ପ୍ରେରକଂକ କର୍ତ୍ତୃକ୍ ଏସ୍ଏଲଡିସିର କାର୍ଯ୍ୟସୂଚୀସମୂହ ମୁଖ୍ୟ ଭାବେ ପରିଚାଳିତ ହେବ । ୨ ଜଣ ବରିଷ୍ଠ ଲୋଡ ପ୍ରେରକ (ସିଜିଏମ୍ ପାହ୍ୟାର ଜଣେ ଓ ଏସ୍‌ଜିଏମ୍ ପାହ୍ୟାର ଅନ୍ୟ ଜଣେ) ତାଙ୍କୁ ଏହି କାର୍ଯ୍ୟରେ ସହାୟତା କରିବେ । ତା'ଛଡା, ଉପରୋକ୍ତ ଅଧିକାରୀ ତ୍ରୟଂକୁ ବୈଷୟିକ ସହାୟତା ଦେବା ନିମନ୍ତେ ଯଥାକ୍ରମେ ଡିଜିଏମ୍ ପାହ୍ୟାର ଜଣେ ଅଧିକାରୀ ସ୍ତରୀୟ ସହାୟକ, ଏଜିଏମ୍ ଓ ମ୍ୟାନେଜରଂକୁ ଯୋଗାଇ ଦିଆଯିବ । ଅଧିକନ୍ତୁ, ଉପରୋକ୍ତ ପ୍ରତି ଅଧିକାରୀଂକ ପାଇଁ ଜଣେ ଲେଖାଏଁ ବ୍ୟକ୍ତିଗତ ମ........ ବ୍ୟବସ୍ଥା ମଧ୍ୟ କରାଯିବ । ନିର୍ଦ୍ଧିଷ୍ଟଭାବେ ପ୍ରତି ବୈଷୟିକ କାର୍ଯ୍ୟ ପରିଚାଳନା କରୁଥିବା ମୁଖ୍ୟ ଅଧୀକାରୀ ସେମାନଂକୁ ଉର୍ଦ୍ଧିଷ୍ଟ କାର୍ଯ୍ୟସୂଚୀର ଭଲ ମନ୍ଦ ଦିଗ ସଂପର୍କରେ ସେମାନଙ୍କ ପାଇଁଯଥା ଉର୍ଦ୍ଧିଷ୍ଟ ବରିଷ୍ଠ ଲୋଡ୍ ପ୍ରେରକଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରୁଥିବେ ।

<u>ମୁଖ୍ୟ ସାଧାରଣ ପରିଚାଳକ(ସିଜିଏମ୍)(ଗ୍ରୀଡ୍ ନିର୍ବାହନ)ଙ୍କ କର୍ତ୍ତୃକ ପରିଚାଳିତ ଗ୍ରୀଡ ନିର୍ବାହନ</u>

୧୮.	ମୁଖ୍ୟ ସାଧାରଣ ପରିଚାଳକ (ଗ୍ରୀଡ ନିର୍ବାହନ)ଙ୍କ କର୍ତ୍ତୃକ ପରିଚାଳିତ ଶ୍ରମ-ସମ୍ବଳ ଓ କାର୍ଯ୍ୟସୂଚୀସମୂହର ପୁଂଖାନୁପୁଂଖତାକୁ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

<u>ବରିଷ୍ଠ ସାଧାରଣ ପରିଚାଳକ(ବ୍ୟବସାୟିକ)ଙ୍କ କର୍ତ୍ତୃତ୍ୱାଧିନ ବ୍ୟବସାୟିକ ଦଳ</u>

୧୯.	ବରିଷ୍ଠ ସାଧାରଣ ପରିଚାଳକ(ବ୍ୟବସାୟିକ) ଅଧିନରେ ଶ୍ରମ-ଶକ୍ତି ଓ କାର୍ଯ୍ୟକ୍ରମସମୂହର ସବିଶେଷତା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

<u>ନିର୍ଦ୍ଦେଶକ, ଏସ୍ଏଲଡିସିଙ୍କ ଅଧିନରେ ସହାୟକ ସେବା ସମୂହ</u>

୨୦.	ପ୍ରତ୍ୟକ୍ଷ ଭାବେ ନିର୍ଦ୍ଦେଶକ, ଏସ୍ଏଲଡିସିଙ୍କ ଦ୍ୱାରା ନିୟନ୍ତ୍ରିତ କାର୍ଯ୍ୟସୂଚୀସମୂହକୁ ନିମ୍ନ ସାରଣୀରେ ଉଲ୍ଲେଖ କରାଗଲା ।

୨୧.	ଏସ୍ଏଲଡିସି ପାଇଁ ସମୁଦାୟ ଆବଶ୍ୟକୀୟ କର୍ମଚାରୀଙ୍କ ସଂଖ୍ୟା ନିମ୍ନମତେ ଉଲ୍ଲେଖ କରାଗଲା ।

୨୧.	ଏସ୍ଏଲଡିସି ପାଇଁ ସମୁଦାୟ ଆବଶ୍ୟକୀୟ କର୍ମଚାରୀଙ୍କ ସଂଖ୍ୟା ନିମ୍ନମତେ ଉଲ୍ଲେଖ କରାଗଲା ।

(କ)	**ଅଧିକାରୀ ସ୍ତରୀୟ କର୍ମଚାରୀଙ୍କ ଆବଶ୍ୟକୀୟ ସଂଖ୍ୟା**

............................

<u>ଏସ୍ଏଲଡିସି ପାଇଁ ଆବଶ୍ୟକୀୟ ସମୁଦାୟ ସଂଖ୍ୟକ କର୍ମଚାରୀ=କ+ଖ=୪୯+୩୭=୮୬ଜଣ</u>

ଯଦିଓ ଏସ୍ଏଲଡିସି ୮୬ ଟି ପଦବୀ ପାଇଁ ପ୍ରସ୍ତାବ କରିଛି, ତେବେ ୨୦୦୯-୧୦ ଆ.ବ ପାଇଁ ଏସ୍ଏଲଡିସିର ଏଆର୍ଆର୍ ଆଦେଶନାମାର ପରିଚ୍ଛେଦ-୧୫୪ରେ ଇଆରଏଲଡିସି ପଦବୀ ସଂଖ୍ୟା ୮୧ ରୁ ଅଧିକ ହେବ ନାହିଁ ବୋଲି ଉଲ୍ଲେଖ କରିଛି। ଏହି ୮୧ ପଦବୀ ମଧ୍ୟରୁ ଅଧିକାରୀ ସ୍ତରୀୟ କର୍ମଚାରୀ ୪୨ ଓ ଅଣ ଅଧିକାରୀ ସ୍ତରୀୟ କର୍ମଚାରୀ ୩୯ ରହିବେ, ଯାହା ଇଆର୍ଏଲଡିସିରେ କ୍ଷେତ୍ରରେ ହୋଇଛି।

<u>୨୨. ବାର୍ଷିକ ଦେୟ-ଦର(ବ୍ୟୟ ପରିମାଣ) ସମୂହର କଂପ୍ୟୁଟରୀକରଣ</u>

ସିଇଆରସି ନିୟମାବଳୀ ଅନୁଯାୟୀ, ବାର୍ଷିକ ବ୍ୟୟ-ପରିମାଣ ମଧ୍ୟରେ ନିମ୍ନଲିଖିତ ବିଭାବସମୂହ ଅନ୍ତର୍ଭୁକ୍ତ ରହିବ।

(କ) ଲାଭାଂଶ ପରିମାଣ ଫେରସ୍ତ(ନିବେଶିତ ମୂଳଧନ ଉପରେ)

(ଖ) ଋଣ ଧନ ଉପରେ ସୁଧ

(ଗ) ମୂଲ୍ୟ-ହ୍ରାସ ଜନିତ ବ୍ୟୟ

(ଘ) ମାନବ ସମ୍ବଳ ବ୍ୟୟକୁ ବାଦ୍ ଦେଇ ପରିଚାଳନା ଓ ତୁଲାଜମା ବ୍ୟୟ ପରିମାଣ

(ଙ) ମାନବ-ସମ୍ବଳ ଜନିତ ବ୍ୟୟ ପରିମାଣ

(ଚ) ଜାତୀୟ ଲୋଡ୍ ପ୍ରେରଣ କେନ୍ଦ୍ର ଉଦ୍ଦେଶ୍ୟରେ ବ୍ୟୟ ଓ କର୍ପୋରେଟ କାର୍ଯ୍ୟାଳୟ ପାଇଁ ବ୍ୟୟ

(ଛ) କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ

୨୩. ଯେଣୁ, ଏସ୍ଏଲଡିସି କୌଣସି ନିବେଶ ଖଟାଇ ନାହିଁ, ତେଣୁ ଏସ୍ଏଲଡିସି ଉପରେ କୌଣସି ପରିମାଣର ବାକିଆ ଋଣ ନାହିଁ। ତେରଉ ଏସ୍ଏଲଡିସି ଏନ୍ଏଲଡିସି ଦେୟ-ଦର ଦେବାକୁ ବାୟବଦ୍ଧ ନୁହେଁ। ଅତଏବ ଆଇଟମ୍ ନଂ (କ), (ଖ) ,ବଂ (ଚ) କୁ ଏଆର୍ଆର୍ରେ ବିବେଚନା କରାଯାଇନାହିଁ।

୨୪. ସୂଚନା ଓ ପ୍ରଯୁକ୍ତି ସହାୟତା ବ୍ୟବସ୍ଥିତିକରଣ ଉଦ୍ଦେଶ୍ୟରେ ‘ସୁବିଧା ସୁଯୋଗ ପରିଚାଳନା ସେବା ସମୂହ ପାଇଁ ବ୍ୟବସ୍ଥା, ଏସ୍ଏଲଡିସି ୱେବସାଇଟ୍ର ତୁଲାଜମା ଉଦ୍ଦେଶ୍ୟରେ ୱେବସାଇଟ୍ ବ୍ୟୟ, ସ୍ଥାନୀୟ ଅଂଚଳ ନେଟ୍ୱର୍କିଂ, ଗ୍ରୀଡ ସବଷ୍ଟେସନଗୁଡିକରୁ ମିଟରିଂ ତଥ୍ୟର ସଂଗ୍ରହଣ ନିମନ୍ତେ ବିସ୍ତୃତ ଅଂଚଳ ନେଟୱାର୍କିଂ, ତଥ୍ୟ କେନ୍ଦ୍ର (ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର) ଉଦ୍ଦେଶ୍ୟରେ ପ୍ରେସିସନ୍ ଏସି, ୟୁପିଏସ୍ର ବ୍ୟବସ୍ଥା, ଉଦ୍ୟୋଗ ସମ୍ବଳ ଖସଡା ଆଦି ବିଭାବଗୁହିକର ନିର୍ବାହନ ଓ ପରିଚାଳନା ଜନିତ ବ୍ୟୟ ପରିମାଣକୁ ‘ମୁଖ୍ୟ ବ୍ୟୟ’ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି।

୨୫. ଉପରୋକ୍ତ ଆଇନଗୁଡିକ ବାଦ୍, ଆବାସିକ ବ୍ୟୁଲଡିଂର ଉନ୍ନୟନ ବ୍ୟବସ୍ଥା, ନାଳ ନର୍ଦ୍ଦମା ସଫା କରିବା ଓ ଜଳ ନିଷ୍କାସନ ବ୍ୟବସ୍ଥା ତଥା ସିଭିଲ୍ ୱାର୍କସ ପରିଚାଳନା ଆର୍ଦି ପାଇଁ ବ୍ୟୟ ଭାରକୁ ମଧ୍ୟ ‘ମୁଖ୍ୟ ବ୍ୟୟ’ ଅନ୍ତର୍ଭୁକ୍ତ କରାଯାଇଛି।

<u>୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଆଇଟମ୍-ୱାରୀ ଏଆର୍ଆର୍ରେ କଂପ୍ୟୁଟରୀକରଣ</u>

<u>**୨୬. ବାର୍ଷିକ ଦେୟ-ଦର (ବ୍ୟୟ ପରିମାଣ):**</u> ରାଜ୍ୟ ଲୋଡ ପ୍ରେରଣ କେନ୍ଦ୍ରର ବାର୍ଷିକ ବ୍ୟୟ ପରିମାଣ ମଧ୍ୟରେ ନିମ୍ନଲିଖିତ ଉପାଦାନଗୁଡିକ ଅନ୍ତର୍ଭୁକ୍ତ ଅଟେ।

(କ)  ନିବେଶିତ ମୂଳ ଅଂଶଧନ ଉପରେ ଲାଭାଂଶ ପରିମାଣ ଫେରସ୍ତ

(ଖ)  ଋଣଧନ ଉପରେ ସୁଧ

(ଗ)  ମୂଲ୍ୟ-ହ୍ରାସ ପରିମାଣ

(ଘ)  ଶ୍ରମ ସମ୍ବଳ ବ୍ୟୟ ପରିମାଣକୁ ବାଦ୍ ଦେଇ ପରିଚାଳନା ଓ ତୁଲାଜମା ବ୍ୟୟ

(ଙ)  ମାନବ-ସମ୍ବଳ ବ୍ୟୟ ପରିମାଣ

(ଚ)  କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ

**୨୭. ନିବେଶିତ ଅଂଶଧନ ଉପରେ ଲାଭାଂଶ ଫେରସ୍ତ ପରିମାଣ**

ଯେଣୁ କୌଣସି ନିବେଶିତ ଅଂଶଧନର ବ୍ୟବସ୍ଥା କରାଯାଇନାହିଁ, ତେଣୁ ଲାଭାଂଶ ଫେରସ୍ତ ପରିମାଣର ପ୍ରଶ୍ନ ଉଠୁନାହିଁ।

**୨୮. ଋଣ-ଧନ ଉପରେ ସୁଧ:** ଅବଶିଷ୍ଟ ଋଣ ପରିମାଣ/ଏସ୍‌ଏଲଡିସି ବ୍ୟୟ ଉଦ୍ଦେଶ୍ୟରେ ପ୍ରସ୍ତାବିତ ଋଣ ପରିମାଣ କିଛି ନ ଥିବାରୁ ଋଣ-ଧନ ଉପରେ ସୁଧ ପରିମାଣ ଶୂନ୍ୟ ଅଟେ।

**ମୂଲ୍ୟ-ହ୍ରାସ ଜନିତ ବ୍ୟୟ ପରିମାଣ**

୨୯. ସିଇଆରସି ନିୟମାବଳୀ ଅନୁଯାୟୀ, ୟୁନିଫାଏଡ୍ ଲୋଡ୍‌ପ୍ରେରଣ କେନ୍ଦ୍ର ଏବଂ ଏସ୍‌ଏଲଡିସିର କାର୍ଯ୍ୟାଳୟମାନଙ୍କରେ ଥିବା ଆସେଟସମୂହର ମୂଲ୍ୟ-ହ୍ରାସ ଜନିତ ବ୍ୟୟ ପରିମାଣକୁ ୨୭.୮୦୨ କୋଟି ଟଂକାରେ କଂପ୍ୟୁଟରୀକୃତ ହିସାବ କରାଯାଇଛି। ୬୦୫.୯୦୨ ଲକ୍ଷ ଟଂକା ଭାବରେ କଂପ୍ୟୁଟରୀକୃତ ନିଟ୍-ସାମୁଦାୟିକ ମୂଲ୍ୟ-ହ୍ରାସ ଜନିତ ବ୍ୟୟ-ପରିମାଣକ ଆର୍ଥିକ ବର୍ଷରେ ଭରଣା କରାଯିବାକୁ ସବୁ ପରିମାଣକୁ ବିଚାରକୁ ନେଇ ମୁଖ୍ୟ ବ୍ୟୟ ପରିମାଣର ଭରଣା ବାବଦକୁ ମୂଲ୍ୟ-ହ୍ରାସ ଜନିତ ବ୍ୟୟ ପରିମାଣକୁ ୫୭୮.୧ ଲକ୍ଷ ଟଂକାରେ ପ୍ରସ୍ତାବ ଦିଆଯାଇଛି। ମୂଲ୍ୟ-ହ୍ରାସ ଜନିତ ବ୍ୟୟ ଲାଭର ସବିଶେଷ ବିବରଣୀ ନିମ୍ନ ସାରଣୀରେ ପ୍ରଦାନ କରାଗଲା।

**ପରିଚାଳନା ଓ ତୁଲାଜମା ବ୍ୟୟ (ଓ' ଆଣ୍ଡ ଏମ୍ ବ୍ୟୟ)**

୩୦. 'ସୁବିଧା, ସୁଯୋଗ ଉଦ୍ଦେଶ୍ୟିତ ପରିଚାଳନା ସେବା ସମୂହ' ଲିଜ୍ ଲାଇନସମୂହର ଭଡା, ୱେବ-ସାଇଟ୍ ଦେୟ-ଦର, ସ୍ବାତା ସମାଗ୍ରୀ ସମୂହ, ସୂଚନା ଓ ପ୍ରଯୁକ୍ତି ବାବଦୀୟ ସାମଗ୍ରୀ ସମୂହ ପାଇଁ , କାର୍ଯ୍ୟାଳୟ ତଥା କଲୋନୀ ବ୍ୟୁଲଡିଂଗୁଡିକର ସିଭିଲ୍ ୱାର୍କସ୍ ଆଦିର ତତ୍ତ୍ୱାବଧାନ ଓ ତୁଲାଜମା ପାଇଁ ବ୍ୟୟିତ ପ୍ରସ୍ତାବିତ 'ମରାମତି ଓ ତୁଲାଜମା' (ଆର୍ ଆଣ୍ଡ ଏମ୍) ବ୍ୟୟ ପରିମାଣକୁ ବିଚାରକୁ ନେଇ, ୨୦୧୦-୧୧ ଆ.ବ ପାଇଁ 'ଶ୍ରମ ସମ୍ବଳ ବ୍ୟୟ'କୁ ବାଦ ଦେଇ 'ପରିଚାଳନା ଓ ତୁଲାଜମା' (ଓ'ଆଣ୍ଡ ଏମ୍) ବ୍ୟୟ ପରିମାଣକୁ ୨୦୧.୮୦୦ ଲକ୍ଷ ଟଂକାର କଂପ୍ୟୁଟରୀକୃତ ହିସାବ କରାଯାଇଛି।

**ପ୍ରଶାସନିକ ଓ ସାଧାରଣ ବ୍ୟୟ (ଏ' ଆଣ୍ଡ ଦି' ବ୍ୟୟ)**

୩୧. କାର୍ଯ୍ୟାଳୟ ପାଇଁ ବ୍ୟୟ, ଅପରେଟର ଓ ଅଧିକାରୀଙ୍କର 'ପ୍ରଶିକ୍ଷଣ ଓ ପ୍ରମାଣୀକରଣ ପ୍ରୋଗ୍ରାମ' ପାଇଁ ବ୍ୟୟ, ବୃତ୍ତିଗତ ଦେୟ-ଦର, ଯୋଗାଯୋଗ ପଦ୍ଧତି ପାଇଁ ବ୍ୟୟ, ଉଦ୍ୟାନ ଉଦ୍ଦେଶ୍ୟରେ ବ୍ୟୟ, ସଭାସମିତି ଉଦ୍ଦେଶ୍ୟରେ ବ୍ୟୟ ପରିମାଣକୁ ଏ'ଆଣ୍ଡ ଦି' ବ୍ୟୟ ବାବଦକୁ ୨୦୧୦-୧୧ ଆ.ବ ପାଇଁ ୧୧୨.୦୪୦ ଲକ୍ଷ ଟଂକାର ପ୍ରସ୍ତାବ ଦିଆଯାଇଛି।

**ଶ୍ରମ-ସମ୍ବଳ ବ୍ୟୟ**

୩୨.	ପୂର୍ବାଞ୍ଚଳ ଲୋଡ ପ୍ରେରଣ କେନ୍ଦ୍ର ଢାଞ୍ଚାରେ ପ୍ରସ୍ତାବିତ ପ୍ରତିଷ୍ଠାନିକ ସଂରଚନାକୁ ବିବେଚନା କରି ଶ୍ରମ-ସମ୍ବଳ ବାବଦକୁ ବ୍ୟଞ୍ଜ ପରିମାଣକୁ ୪୪୯୦.୪୫ଲକ୍ଷ ଟଂକାରେ କଂପ୍ୟୁଟରୀକୃତ ହିସାବ କରାଯାଇଛି।

**<u>କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ</u>**

୩୩.	ସିଇଆରସି ନିୟମାବଳୀ ଅନୁଯାୟୀ, ୧୨ ପ୍ରତିଶତର ହାରକୁ ବିବେଚନା କରି କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ ପରିମାଣକୁ ୧୨୧.୪୧ ଲକ୍ଷ ଟଂକାରେ କଂପ୍ୟୁଟରୀକୃତ ହିସାବ କରାଯାଇଛି। ଏହା ପୁଂଖାନୁପୁଂଖତା ନିମ୍ନସାରଣୀରେ ପ୍ରଦର୍ଶନ କରାଗଲା।

.....................

**<u>୩୪.	ମୁଖ୍ୟ ବ୍ୟୟ(କାପେକ୍ସ)ଖସଡା</u>**

ପ୍ରସ୍ତାବିତ ମୁଖ୍ୟ ବ୍ୟୟ ପରିମାଣ ମଧ୍ୟରେ କଂପ୍ୟୁଟର ଏଲସିଡି ପ୍ରୋଜେକ୍ଟର, ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର ପାଇଁ ପ୍ରେସିସନ୍ ଏସି, ୟୁପିଏସ୍, ଫଟୋ କପିୟର, ନିଆଁ ଲିଭା ସାମଗ୍ରୀ ଆଦି କ୍ରୟ ଭିପିଏସ୍ ସ୍ଥାନାନ୍ତରଣ, ତିନି ନମ୍ବର ବିଶିଷ୍ଟ ଡାଟା ହବ୍ ଷ୍ଟେସନଗୁଡ଼ିକ ଉପଲୋଡ ପ୍ରେରଣ କେନ୍ଦ୍ର ଉଦ୍ଦେଶ୍ୟରେ ଗୌଣ ଯୋଗାଯୋଗ ସଂଯୋଗ ପାଇଁ ବିଏସ୍ଏନ୍ଏଲ ଲାଇନ୍ କ୍ରୟ, ବିତରକ କଂପାନୀମାନଙ୍କର ଅନ୍ତଃ ସଂଯୋଗ ପଏଣ୍ଟଗୁଡ଼ିକରୁ ମିଟରିଂ ଡାଟା ସଂଗ୍ରହଣ ପାଇଁ 'ୱାନ୍'ର ସ୍ଥାପନା, ଇଆରପି ଲାଇସେନସିଂ, ଇଆରପି ପ୍ରବର୍ତ୍ତନକରଣ ଏବଂ ଓରାକ୍ଲ ବ୍ୟବହାରକାରୀ ଲାଇସେନସ୍ ଆଦି ଅନ୍ତର୍ଭୁକ୍ତ ଅଟେ। ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପ୍ରବର୍ତ୍ତନ ସମୟ ଅବଧିରେ ୫୭୮.୧୦ଲକ୍ଷ ଟଂକାର ଉଦ୍ଦେଶ୍ୟିତ ମୁଖ୍ୟ ବ୍ୟୟ ପରିମାଣର ପ୍ରସ୍ତାବ ରଖାଯାଇଛି।

**<u>ଏସଏଲଡିସି କର୍ମଚାରୀଙ୍କ ଉଦ୍ଦେଶ୍ୟରେ ପରିପୂରକ (ଆର୍ଥିକ) ସଂରଚନା</u>**

୩୫.	'ପଦ୍ଧତି ପରିଚାଳନା ଉଦ୍ଦେଶ୍ୟରେ ଶ୍ରମ ଶକ୍ତି,ପ୍ରମାଣୀକରଣ ଓ ପାରିତୋଷିକତା ଏବଂ ଲୋଡ୍ ପ୍ରେରଣ କେନ୍ଦ୍ରଗୁଡ଼ିକର ସ୍ୱଚ୍ଛ ପରିଚାଳନା" ଉପରେ କମିଟି ରିପୋର୍ଟର ଉପଧାରା ୬.୪ ରେ ସୁପାରିଶ ସଂଖ୍ୟା -(୪) ବ୍ୟକ୍ତ କରିଛି ଯେ, ଦକ୍ଷ କର୍ମଚାରୀ/ଅଧିକାରୀମାନଙ୍କୁ ଆକର୍ଷିତ ଓ ଅନୁରଣିତ କରିବା ନିମନ୍ତେ ଏସ୍ଏଲଡିସି ଉପଯୁକ୍ତ ପରିପୂରକ ସଂରଚନାର ଆବଶ୍ୟକତା ରଖେ। ତେଣୁ ଦକ୍ଷତାର ସ୍ତର ଅନୁସାରେ ଆର୍ଥିକ ପାରିତୋଷିକତା ତଥା ଉଚ୍ଚତର ଶିକ୍ଷଣ/ପ୍ରଶିକ୍ଷଣ ପାଇଁ କମିଟି ପରିପୂରକ ସଂରଚନା ଓ ଉତ୍ସାହପ୍ରଦ ପାରିତୋଷିକ ସ୍କିମକୁ କମିଟି ସୁପାରିଶ କରିଥିଲେ। ଅତଏବ, ୨୦୧୦-୧୧ ଆ.ବ ପାଇଁ ଏସ୍ଏଲଡିସିର ପରିପୂରକ ସଂରଚନା ବାବଦକୁ ୦.୬୦ ଲକ୍ଷ ଟଂକାର ପ୍ରସ୍ତାବ ପ୍ରଦର୍ଶନ କରାଯାଇଛି (ଅଧିକାରୀମାନଙ୍କ ପାଇଁ ମୂଳବେତନର ୩୦%)।

**<u>ଏସ୍ଏଲଡିସିର ଆସେଟ୍:</u>**

୩୬.	ଓଡ଼ିଶା ସରକାରଙ୍କ ବିଜ୍ଞପ୍ତିମତେ, ୨୦୦୫ର ଦାୟିତ୍ୱ ହସ୍ତାନ୍ତରଣ ସ୍କିମ ଅନୁଯାୟୀ, 'ରାଜ୍ୟ ସରକାରଙ୍କର ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ରାଜ୍ୟ ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ ଓପିଟିସିଏଲ ଉପରେ ରାଜ୍ୟ ଲୋଡ୍ ପ୍ରେରଣ କାର୍ଯ୍ୟକ୍ରମକୁ ନ୍ୟସ୍ତ କରାଯାଇଛି। ଉପରୋକ୍ତ ବିଜ୍ଞପ୍ତିରେ ଧାରିତ ନିୟମ ଅନୁଯାୟୀ, ଏହି ଦାୟିତ୍ୱ-ନ୍ୟସ୍ତତା ୧.୪.୨୦୦୫ ଠାରୁ ଲାଗୁ ହୋଇଛି। ୧.୪.୨୦୦୫ ସୁଦ୍ଧା ଓପିଟିସିଏଲର 'ଅବଶିଷ୍ଟ ବଳକା ଜମା ଫର୍ଦ୍ଦ' ଯାହା ଏସ୍ଏଲଡିସି ର ଅସେଟସମୂହର ହସ୍ତାନ୍ତରଣ ମୂଲ୍ୟକୁ ନିର୍ଦ୍ଧାରଣ କରାଯାଇଛି। ଅବଶ୍ୟ ଏହା ଏକ ବ୍ୟବସ୍ଥା ସାପେକ୍ଷ ମୂଲ୍ୟାୟନ, ଯାହା ଉପଯୁକ୍ତ ସମୟରେ ଚୂଡାନ୍ତ କରାଯିବ। ଅତଏବ, ଏଆର୍ଆର୍ରେ ଦର୍ଶାଯାଇଥିବା ପରିସଂଖ୍ୟାନଗୁଡ଼ିକ, ତେଣୁ ବ୍ୟବସ୍ଥା ସାପେକ୍ଷ ଅଟେ।

**<u>ବାର୍ଷିକ ଦେୟ-ଦର(ବ୍ୟୟ) ନିର୍ଦ୍ଧାରଣ</u>**

୩୭.	ଓଇଆରସି, ଚିଠି ନଂ -୨୫୦୮ (୯.୧୧.୨୦୦୯ ଆଦେଶନାମାର) ରେ ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ସିଇଆରସି (ପୂର୍ବାଞ୍ଚଳ ଲୋଡ ପ୍ରେରଣ କେନ୍ଦ୍ରର ଦେୟ ଓ ଦେୟ-ଦର ତଥା ଅନ୍ୟାନ୍ୟ ସଂପର୍କିତ ପ୍ରସଂଗସମୂହ) ନିୟମାବଳୀ, ୨୦୦୯ର ନିୟମ -

୨୦,୨୧,୨୨ ଓ ୨୩ରେ ନିହିତ ବ୍ୟବସଥା ଅନୁସାରେ ଏସ୍‌ଏଲଡିସି ଉଦ୍ଦେଶ୍ୟରେ ବାର୍ଷିକ ଦେୟ-ଦରର କଂପ୍ୟୁଟରୀକୃତ ହିସାବ କରାଯାଇଛି। ଏହାର ସବିଶେଷତା ନିମ୍ନମତେ ଉଲ୍ଲେଖ କରାଗଲା।

୩୮.	ବାର୍ଷିକ ଦେୟ-ଦର ବା ବ୍ୟୟ-ପରିମାଣ ନିମ୍ନୋକ୍ତ ବିଭାବସମୂହକୁ ଅନ୍ତର୍ଭୁକ୍ତ କରିବ।

(କ)	ପଦ୍ଧତି ପରିଚାଳନା ବ୍ୟୟ (ବାର୍ଷିକ ବ୍ୟୟ ର ୮୦%)

(ଖ)	ବଜାର ପରିଚାଳନା ବ୍ୟୟ (ବାର୍ଷିକ ବ୍ୟୟର ୨୦%)

**୩୯.	ଶକ୍ତି ବ୍ୟବହାରକାରୀଂକ ଠାରୁ ନିମ୍ନଲିଖିତ ଅନୁପାତରେ ପଦ୍ଧତି ପରିଚାଳନା ଦେୟ-ଦର ଆଦାୟ କରାଯିବ**

- ଆନ୍ତଃ-ରାଜ୍ୟ ସରବରାହ ଅନୁମତିଧାରୀ - ପଦ୍ଧତି ପରିଚାଳନା ଦେୟ-ଦରର ୧୦ ପ୍ରତିଶତ

- ଉତ୍ପାଦନକାରୀ କଂପାନୀ ଓ ବିକ୍ରେତା - ଉତ୍ପାଦିତ କ୍ଷମତା କିମ୍ବା ଚୁକ୍ତି ପରିମାଣକୁ ଭିତ୍ତି କରି ପଦ୍ଧତି ପରିଚାଳନା ଦେୟ-ଦରର ୪୫ ପ୍ରତିଶତ।

- ବିତରକ ଅନୁମତିଧାରୀ ଓ ବିକ୍ରେତା- ସେମାନଙ୍କର ବଂଟୁଆରା ଓ ଚୁକ୍ତି ପରିମାଣର ଅନୁପାତ ଭିତ୍ତିରେ ପଦ୍ଧତି ପରିଚାଳନା ଦେୟ-ଦରର ୪୫ ପ୍ରତିଶତ।

**୪୦.	ବଜାର ପରିଚାଳନା ଦେୟ-ଦର**

ସେମାନଙ୍କର ପ୍ରତିବଦ୍ଧତା ଓ ଉତ୍ପାଦିତ କ୍ଷମତା/ଚୁକ୍ତି କ୍ଷମତା ଭାଗକରଣ ସୂତ୍ର ଅନୁସାରେ ବଜାର ପରିଚାଳନା ଦେୟ-ଦର ବିତରକ କଂପାନୀ ଏବଂ ଉତ୍ପାଦନକାରୀ କଂପାନୀଙ୍କଠାରୁ ସମାନ ଭାବେ ଆଦାୟ କରାଯିବ।

୪୧.	ସିଇଆରସି ନିୟମାବଳୀ, ୨୦୦୯ ଅନୁଯାୟୀ, ପଦ୍ଧତି ପରିଚାଳନା ଦେୟ-ଦର ଓ ବଜାର ପରିଚାଳନା ଦେୟ-ଦର ଜରିଆରେ ୧୪୯୦.୬୦୨ ଲକ୍ଷ ଟଂକାର 'ବାର୍ଷିକ ସ୍ଥିର ବ୍ୟୟ-ପରିମାଣ'ର ଭରଣା ପାଇଁ ଓପିଟିସିଏଲ ପ୍ରସ୍ତାବ ଦେଇଛି।

(କ)	ପଦ୍ଧତି ପରିଚାଳନା ଦେୟ-ଦର (ବାର୍ଷିକ ସ୍ଥିର ବ୍ୟୟ ପରିମାଣର ୮୦%, ଅର୍ଥାତ୍‌୧୧୯୨.୪୭୮ ଲକ୍ଷ ଟଂକା)

(ଖ)	ବଜାର ପରିଚାଳନା ଦେୟ-ଦର (ବାର୍ଷିକ ସ୍ଥିର ବ୍ୟୟ ପରିମାଣର ୨୦%, ଅର୍ଥାତ୍ ୨୯୮.୧୨୦ ଲକ୍ଷ ଟଂକା)

**୪୨.	ପଦ୍ଧତି ପରିଚାଳନା ଦେୟ-ଦରସମୂହ**

ସେକ୍ଟରର ନିମ୍ନୋକ୍ତ ଅଂଶୀଦାରମାନଙ୍କଠାରୁ ୧୧୯୨.୪୭୮ ଲକ୍ଷ ଟଂକାର ପଦ୍ଧତି ପରିଚାଳନା ଦେୟ-ଦର ଆଦାୟ କରାଯିବ।

(କ)	ଉତ୍ପାଦନକାରୀ ଷ୍ଟେସନସମୂହ ଓ ବିକ୍ରେତାମାନେ -ପଦ୍ଧତି ପରିଚାଳନା ଦେୟ-ଦରର ୪୫% ହାରରେ ଅର୍ଥାତ୍ ୫୩୬.୬୧୫ ଲକ୍ଷ ଟଂକା।

(ଖ)	ବିତରକ କଂପାନୀ ଓ କ୍ରେତାମାନେ - ପଦ୍ଧତି ପରିଚାଳନା ଦେୟ-ଦରର ୪୫%ହାରରେ, ଅର୍ଥାତ୍ ୫୩୬.୬୧୫ ଲଧ ଟଂକା

(ଗ)	ଆନ୍ତଃ-ରାଜ୍ୟ ସରବରାହ ଅନୁମତିଧାରୀ -ପଦ୍ଧତି ପରିଚାଳନା ଦେୟ-ଦରର ୧୦% ହାରରେ, ଅର୍ଥାତ୍ ୧୧୯.୨୪୮ ଲକ୍ଷ ଟଂକା।

**ପଦ୍ଧତି ପରିଚାଳନା ଦେୟ-ଦରର ଭରଣା**

୪୩.    ସବୁ ଉତ୍ପାଦନକାରୀ ଓ ସିଜିପିମାନଙ୍କର ଉତ୍ପାଦିତ କ୍ଷମତା (ପରିମାଣ)କୁ ୪୦୦୧.୫୦ ମେଗାୱାଟ ଭାବରେ ଆକଳନ କରାଯାଇଛି। ନିମ୍ନସାରଣୀରେ ପ୍ରଦର୍ଶନ ମତେ, ସେମାନଙ୍କର ଉତ୍ପାଦନ କ୍ଷମତାର ଅନୁପାତରେ ପ୍ରତି ଉତ୍ପାଦନକାରୀ/ସିଜିପି ଉଦ୍ଦେଶ୍ୟରେ ବାର୍ଷିକ ୫୩୬.୬୧୫ ଲକ୍ଷ ଟଂକା ଓ ମାସିକ ୪୪.୭୧୮ ଲକ୍ଷ ଟଂକାର ପଦ୍ଧତି ପରିଚାଳନା ଦେୟ-ଦରକୁ ଭାଗକରଣ କରାଯାଇଛି।

.............

ବିତରକ କଂପାନୀମାନଙ୍କଠାରୁ ଭାଗର ପ୍ରତିଶତ ଓ ପଦ୍ଧତି ପରିଚାଳନା ବ୍ୟୟର ଭରଣା ନିମ୍ନ ସାରଣୀରେ ଦ୍ରଦର୍ଶନମତେ ଅଟେ।

..........

ଆନ୍ତଃ-ରାଜ୍ୟ ସରବରାହ ଅନୁମତିଧାରୀ ଭାବରେ ଓପିଟିସିଏଲକୁ ବାର୍ଷିକ ୧୧୯.୨୪୮ ଲକ୍ଷ ଟଂକା ଏବଂ ମାସିକ ୯.୯୩୭ ଲକ୍ଷ ଟଂକର ପଦ୍ଧତି ପରିଚାଳନା ଦେୟ-ଦରର ୧୦ ପ୍ରତିଶତ ବହନ କରିବାକୁ ପଡିଥାଏ।

**<u>ବଜାର ପରିଚାଳନା ଦେୟ-ଦରର ଭରଣା</u>**

୪୪.    ସିଇଆରସି ନିୟମାବଳୀ ଅନୁଯାୟୀ, ନିମ୍ନ ବର୍ଣ୍ଣିତ ମତେ ୨୯୮.୧୨୦ ଲକ୍ଷ ଟଂକାର ବଜାର ପରିଚାଳନା ଦେୟ-ଦରର ଭରଣା ହେବ।

(କ)    ବଜାର ପରିଚାଳନା ଦେୟ-ଦରର ୫୦% ହାରରେ ଉତ୍ପାଦନକାରୀ ଷ୍ଟେସନ ଓ ବିକ୍ରେତାମାନଙ୍କୁ ଏସ୍‌ଏଲଡିସିକୁ ୧୪୯.୦୬ ଲକ୍ଷ ଟଂକା ଦେବାକୁ ହୋଇଥାଏ। ତା'ଛଡା ନିମ୍ନ ସାରଣୀରେ ପ୍ରଦର୍ଶନମତେ , ସେମାନଙ୍କର ଉତ୍ପାଦିତ କ୍ଷମତା ବନାମ ୪୦୦୧.୫୦ ମେଗାୱାଟ ଆକୀତ ଉତ୍ପାଦିତ କ୍ଷମତାର ଅନୁପାତରେ ଏକ ଉତ୍ପାଦନକାରୀ ଓ ସିଜିପିକୁ ଦେୟ-ଦର ଦେବାକୁ ହୋଇଥାଏ।

(ଖ)    ବଜାର ପରିଚାଳନା ଦେୟ-ଦରର ୫୦% ହାରରେ ବିତରକ କଂପାନୀ ଓ କ୍ରେତାମାନଙ୍କୁ ୧୪୯.୦୬ ଲକ୍ଷ ଟଂକା ଦେବାକୁ ପଡିଥାଏ ଏବଂ ନିମ୍ନ ସାରଣୀରେ ପ୍ରଦର୍ଶିତ ମତେ ସେମାନଙ୍କର ଆକଳିତ ପ୍ରତିଶତ ଭାଗ ଅନୁଯାୟୀ ଏକକ ବିତରକ କଂପାନୀମାନଙ୍କଠାରୁ ବଜାର ପରିଚାଳନା ଦେୟ-ଦର ଆଦାୟ କରାଯିବା ପ୍ରସ୍ତାବାଧିନ ଅଛି।

**<u>ପଂଜିକରଣ ଦେୟ</u>**

୪୫.    ସିଇଆରସି ନିୟମାବଳୀ, ୨୦୦୯ ର ନିୟମ -୨୪ ଅନୁଯାୟୀ ସବୁ ଶକ୍ତି ବ୍ୟବହାରକାରୀ, ଯେଉଁମାନଙ୍କର ସୂଚୀକରଣ ମିଟରିଂ ଓ ଶକ୍ତି ହିସାବକରଣ ଏସ୍‌ଏଲଡିସି ଦ୍ୱାରା ସମନ୍ୱିତ ହେବାକୁ ପଡିଥାଏ, ସେମାନେ ୧ ଲକ୍ଷ ଟଂକାର ଏକକାଳୀନ ପଂଜିକରଣ ଦେୟ ଦେଇ ଏସ୍‌ଏଲଡିସି ସହ ପଂଜିକରଣ କରିବେ।

**<u>ଦରଖାସ୍ତ ଦେୟ ଓ ସୂଚୀକରଣ ଦେୟ-ଦର</u>**

୪୬.    ସ୍ୱଳ୍ପମିଆଦୀ ମୁକ୍ତ ପ୍ରବେଶ ଉପଭୋକ୍ତାମାନେ ଦରଖାସ୍ତ ପିଛା ୫ ହଜାର ଟଂକା ଏବଂ ଦୈନିକ ବା ଦିବସର କିୟଦଂଶ ସମୟ ପାଇଁ ସୂଚୀକରଣ ଦେୟ-ଦର ବାବଦକୁ ୨ ହଜାର ଟଂକା ଦେବେ।

୪୭.    ୨୦୧୦-୧୧ ଆ.ବ ପାଇଁ ଏସ୍‌ଏଲଡିସି ବାର୍ଷିକ ଦେୟ ଓ ଦେୟ-ଦରର ପ୍ରସ୍ତାବିତ ଲାଗୁକରଣ ଏବଂ ଏଆର୍‌ଆରର ପୁଙ୍ଖାନୁପୁଙ୍ଖତାକୁ ନିମ୍ନ ସାରଣୀରେ ସାରାଂଶୀକରଣ କରାଗଲା।

**<u>ଏସ୍‌ଏଲଡିସି ଉଦ୍ଦେଶ୍ୟରେ ଓପିଟିସିଏଲ୍ ଦ୍ୱାରା ପ୍ରସ୍ତାବିତ ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଦେୟ ଓ ଦେୟ-ଦର ସମୂହ:</u>**

୪୮.    ୨୦୧୦-୧୧ ଆ.ବ ଉଦ୍ଦେଶ୍ୟରେ, 'ରାଜ୍ୟ ଲୋଡ୍ ପ୍ରେରଣ କେନ୍ଦ୍ର' (ଏସ୍‌ଏଲଡିସି)କାର୍ଯ୍ୟସୂଚୀ ସମୂହ ବାବଦକୁ ପୃଥକ ଭାବେ ୧୪୯୦.୫୯୮ ଲକ୍ଷ ଟଂକାର ଏଆର୍‌ଆରକୁ ଅନୁମୋଦନ ଦେବା ନିମନ୍ତେ ଓପିଟିସିଏଲ ଆୟୋଗଙ୍କ ସମକ୍ଷରେ ପ୍ରସ୍ତାବ କରିଛି। ତା' ଛଡା, ବାର୍ଷିକ

୧୧୯୨.୪୭୮ ଲକ୍ଷ ଟଂକା କିମ୍ବା ମାସିକ ୯୯.୩୭୩ ଲକ୍ଷ ଟଂକାର ପଦ୍ଧତି ପରିଚାଳନା ଦେୟ-ଦର (ବାର୍ଷିକ ସ୍ଥିର ଦେୟ-ଦରର ୮୦%) ଏବଂ ବାର୍ଷିକ ୨୯୮.୧୨୦ ଲକ୍ଷ ଟଂକା କିମ୍ବା ମାସିକ ୨୪.୮୪୩ ଲକ୍ଷ ଟଂକାର ବଜାର ପରିଚାଳନା ଦେୟ-ଦର (ବାର୍ଷିକ ସ୍ଥିର ଦେୟ-ଦରର ୨୦%) ଜରିଆରେ ଉପରୋକ୍ତ ୧୪୯୦.୫୯୮ ଲକ୍ଷ ଟଂକାର ପରିମାଣକୁ ଭରଣା କରଯିବାକୁ ଅନୁମୋଦନ ଦେବା ନିମନ୍ତେ ମଧ୍ୟ ଓପିଟିସିଏଲ ଆୟୋଗଙ୍କୁ ପ୍ରସ୍ତାବ ଦେଇଛି।

**୨୦୧୦-୧୧ଆର୍ଥିକ ବର୍ଷ ପାଇଁ ଏସ୍ଏଲଡିସିର କାର୍ଯ୍ୟକ୍ରମସମୂହ ଉଦ୍ଦେଶ୍ୟରେ ଓପିଟିସିଏଲରୁ ବାର୍ଷିକ ରାଜସ୍ବ ଆବଶ୍ୟକତା' (ଏଆର୍ଆର୍) ଏବଂ ବାର୍ଷିକ ଦେୟ ଓ ଦେୟ-ଦରସମୂହର ପ୍ରସ୍ତାବ ଉପରେ ଅଭିଯୋଗକାରୀ ଓ ଉପଭୋକ୍ତା ଉପଦେଷ୍ଟାଙ୍କର ମତାୟନ:**

**<u>ଉପଭୋକ୍ତା ଉପଦେଷ୍ଟାଙ୍କ ଦ୍ୱାରା ପ୍ରସ୍ତାବରର ବିଶ୍ଳେଷଣ(ପରିଚ୍ଛେଦ ୪୯ ରୁ ୫୯)</u>**

୪୯. ଉପଭୋକ୍ତା ଉପଦେଷ୍ଟା ଡ଼ଃ ଏସ୍. ମେହେର ଅନୁମତିଧାରୀଙ୍କର ଦରଖାସ୍ତର ବିଶ୍ଳେଷଣ କରିଥିଲେ। ତାଙ୍କ ଦ୍ୱାରା ନିରୀକ୍ଷିତ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାବ ନିମ୍ନରେ ପ୍ରଦତ୍ତ ହେଲା।

ବାର୍ଷିକ ରାଜସ୍ୱ ଆବଶ୍ୟକତା(ଏଆର୍ଆର୍)

୫୦. ଏସ୍ଏଲଡିସି ୧୪.୯୦ କୋଟି ଟଂକାର ବାର୍ଷିକ ରାଜସ୍ୱ ଆବଶ୍ୟକତାର ପ୍ରସ୍ତାବ ଦେଇଛି, ଯାହାକୁ ବାର୍ଷିକ ଦେୟ ଓ ଦେୟ-ଦରସମୂହ ଜରିଆରେ ଭରଣା କରାଯିବ। ଏହି ପରିମାଣ ମଧ୍ୟରେ ୪.୪୯ କୋଟି ଟଂକାର କର୍ମଚାରୀଙ୍କ ବାବାଦକୁ ବ୍ୟୟ ପରିମାଣ ଅନ୍ତର୍ଭୁକ୍ତ। ଯାହା ବ୍ୟବସ୍ଥା ସାପେକ୍ଷ ଅଟେ। ଓପିଟିସିଏଲ୍ ଏବଂ ଏସ୍ଏଲଡିସିର ଶ୍ରମ ସମ୍ବଳ ଆବଶ୍ୟକତା ଉପରେ ଏନ୍ ପିସି ଏକ ରିପୋର୍ଟ ଦେଇ ସାରିଛି, ଯାହା ଓପିଟିସିଏଲ୍ର ସକ୍ରିୟ-ବିଚାରାଧିନ ଅଛି। ଅବଶ୍ୟ ରିପୋର୍ଟଟି ତଥାପି ଚୂଡାନ୍ତ ହେବାକୁ ବାକିଅଛି। ତେଣୁ, ପ୍ରବର୍ତ୍ତନ ଯୋଗ୍ୟ ହୋଇ ପାରିନାହିଁ। ତେବେ ସେ ଯା' ହେଉନା କାହିଁକି, ଏସ୍ଏଲଡିସି ଉଦ୍ଦେଶ୍ୟରେ କୌଣସି ଏକ ଅନୁମୋଦିତ ପ୍ରତିଷ୍ଠାନିକ ସଂରଚନାର ଅଭାବରେ, ପ୍ରସ୍ତାବିତ କର୍ମଚାରୀଙ୍କ ବାବଦକୁ ବ୍ୟୟଭାର ଖୁବ ଅଧିକ ଜଣା ପଡେ, ଯେଣୁ ଆୟୋଗ ତାଙ୍କର ୨୦.୩.୨୦୦୯ରିଖର ଆଦେଶନାମାର ପରିଚ୍ଛେଦ -୧୫୭ ମୂଳେ ପୂର୍ବାଂଚଳ ଲୋଡା ପ୍ରେରଣ କେନ୍ଦ୍ରର ନୀତି ନିୟମର ଢାଂଚାକୁ ଅନୁସରଣ ପୂର୍ବକ, ଏସ୍ଏଲଡିସି ଉଦ୍ଦେଶ୍ୟରେ ୮୧ ଜଣ କର୍ମଚାରୀଙ୍କ ସଂଖ୍ୟାକୁ ଅନୁମୋଦନ ଦେଇଥିଲେ ଏବଂ ୨୦୦୯-୧୦ ଆର୍ଥିକ ବର୍ଷର ଏସ୍ଏଲଡିସିରେ ମାତ୍ର ୪୮ ଜଣ କର୍ମଚାରୀ କାର୍ଯ୍ୟ କରୁଥିବା ଜାଣିବାକୁ ମିଳିଛି।

୫୧. ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ୦.୫୩ କୋଟି ଟଂକାର ଏକ ଅଟକଳିତ ବ୍ୟୟ ପରିମାଣ ବିପକ୍ଷରେ 'ପ୍ରଶାସନିକ ଓ ସାଧାରଣ ବ୍ୟୟ' (ଏ ଆଣ୍ଡ ଦି' ବ୍ୟୟ) ଉଦ୍ଦେଶ୍ୟରେ ୨୦୧୦-୧୧ ଆ.ବ ପାଇଁ ଏସ୍ଏଲଡିସି ୧.୧୨ କୋଟି ଟଂକାର ପ୍ରସ୍ତାବ ଦେଇଛି। ଏ'ଆଣ୍ଡ ଦି' ବ୍ୟୟ ଉଦ୍ଦେଶ୍ୟରେ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଆୟୋଗ ଏକ ଅଧିକ ପରିମାଣକୁ ଅନୁମୋଦନ ଦେଇଥିଲା ବେଳେ ଏସ୍ଏଲଡିସି ତାହାକୁ ବିନିଯୋଗ କରି ବାକୁ ସକ୍ଷମ ହୋଇ ପାରି ନଥିବା ସ୍ଥଳେ, ୨୦୧୦-୧୧ ଆର୍ଥିକ ବର୍ଷ ଏତେ ଅଧିକ ବ୍ୟୟ ପ୍ରସ୍ତାବ କିପରି ଦେଇଛି ? ପୂର୍ବ ବର୍ଷର (୨୦୦୯-୧୦ ଆ.ବର) ଅନୁମୋଦିତ ବ୍ୟୟ ପରିମାଣ, ଅର୍ଥାତ୍ ୦.୫୩ କୋଟି ଟଂକାର ପରିମାଣ ଉପରେ ୫.୨% ର ଏ କ ବର୍ଦ୍ଧିତ ପରିମାଣକୁ ଅତି ବେଶୀରେ ୨୦୧୦-୧୧ ଆ.ବ ପାଇଁ ଅନୁମୋଦନ ଦିଆଯାଇପାରେ, ଯାହା 'ପ୍ରଶାସନିକ ଓ ସାଧାରଣ ବ୍ୟୟ' ନିୟମରେ ବ୍ୟବସ୍ଥା ସିଦ୍ଧ ଅଟେ।

୫୨. ସେହିଭଳି, ୨୦୦୯-୧୦ ଆର୍ଥିକ ବର୍ଷର 'ମରାମତି ଓ ତୁଲାଜମା' ବ୍ୟୟ ପରିମାଣ (ଆର୍ ଆଣ୍ଡ୍ ଏମ୍ ବ୍ୟୟ)୦.୦୫ କୋଟି ଟଂକା ବିପକ୍ଷରେ ୨୦୧୦-୧୧ ଆ.ବ ପାଇଁ ଏସ୍ଏଲଡିସି ୨.୦୨ କୋଟି ଟଂକାର ପ୍ରସ୍ତାବ ଦେଇଛି। ୨୦୦୯-୧୦ ଆ.ବ ପାଇଁ ଏହି ଦିଗରେ ଆୟୋଗଂକ ଅନୁମୋଦିତ ପରିମାଣ ୧ କୋଟି ଟଂକାକୁ ଏସ୍ଏଲଡିସି ବିନିଯୋଗ କରିବାକୁ ସକ୍ଷମ ହୋଇପାରିନାହିଁ। ଅତଏବ, ୨୦୧୦-୧୧ ଆ.ବ ପାଇଁ ୨.୦୨ କୋଟି ଟଂକାର ପ୍ରସ୍ତାବ ନ୍ୟାୟ ସଂଗତ ନୁହେଁ।

୫୩. ମୂଲ୍ୟ-ହ୍ରାସ ପରିମାଣ ବାବଦକୁ ୨୦୦୯-୧୦ ରେ ୦.୦୬ କୋଟି ଟଂକାର ପ୍ରସ୍ତାବ ଦିଆଯାଇଥିଲା ଏବଂ ଆୟୋଗ ସେହି ପରିମାଣକୁ ମଧ୍ୟ ଅନୁମୋଦନ ଦେଇଥିଲେ। ୨୦୧୦-୧୧ ଆ.ବ ପାଇଁ ମୂଲ୍ୟ-ହ୍ରାସ ବାବଦକୁ ୬.୦୬ କୋଟି ଟଂକାର ପ୍ରସ୍ତାବ ଦିଆଯାଇଛି। ତେବେ, ଏହି ୬.୦୬ କୋଟି ଟଂକା ମଧ୍ୟରେ ମୁଖ୍ୟ-ବ୍ୟୟର ଭରଣା ବାବଦକୁ ୫.୭୮ କୋଟି ଟଂକା ଏବଂ ସ୍ଥିତ ଆସେଟସମୂହର ମୂଲ୍ୟ ହ୍ରାସ ବାବଦକୁ ୦.୨୮

କୋଟି ଟଂକାର ପରିମାଣ ଅନ୍ତର୍ଭୁକ୍ତ ଅଟେ। ତା'ଛଡା , ଏସ୍‌ଏଲଡିସି ୟୁଏଲଡିସିର ମୂଲ୍ୟ-ହ୍ରାସ ପରିମାଣକୁ ମଧ୍ୟ ଉପରୋକ୍ତ ୬.୦୬ କୋଟି ଟଂକା ମଧ୍ୟରେ ଅନ୍ତର୍ଭୁକ୍ତ କରିଛି। ଅତଏବ, ଏସଏଲଡିସି ଅସେଟସମୂହର ମୂଲ୍ୟ-ହ୍ରାସ ବ୍ୟୟ ପରିମାଣକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ।

୫୪. ବର୍ତ୍ତମାନ ୧୧.୭୫% ର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ସୁଧ ହାରକୁ ଭିତ୍ତି କରି ୧୨% ର ସୁଧ-ହାରକୁ ବିବେଚନା କରି କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ ପରିମାଣକୁ ଏସଏଲଡିସି ୧.୨୫ କୋଟି ଟଂକା ଭାବେ ହିସାବ କରିଛି।

**<u>ବାର୍ଷିକ ଦେୟ</u>**

୫୫. ୧୪.୯୦ କୋଟି ଟଂକାର ବାର୍ଷିକ ସ୍ଥିର ବ୍ୟୟ-ପରିମାଣକୁ ୨ ଟି ଉପାୟରେ ଭରଣା କରିବାକୁ ଏସ୍‌ଏଲଡିସି ପ୍ରସ୍ତାବ ଦେଇଛି।

- ୧୧.୯୨ କୋଟି ଟଂକାର 'ପଦ୍ଧତି ପରିଚାଳନା ଦେୟ' (ଏସ୍‌ଓସି) ଏବଂ-
- ୨.୯୮ କୋଟି ଟଂକାର 'ବଜାର ପରିଚାଳନା ଦେୟ' (ଏସ୍‌ଓସି)

୫୬. ବାର୍ଷିକ ଦେୟ-ଦର ସମୂହର ହିସାବ କରାଗଲାବେଳେ ମୁଖ୍ୟ ବ୍ୟୟକୁ ବିବେଚନାକୁ ନିଆଯାଇଛି। ତେବେ, ବାର୍ଷିକ ବ୍ୟୟ ପରିମାଣକୁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଭାବେ ବିବେଚନା କରାଯାଏ, ଯାହା କେବଳ ରାଜସ୍ୱ ବ୍ୟୟ ପରିମାଣ ଉପରେ ହିସାବ କରାଯିବା କଥା।

**<u>ଦରଖାସ୍ତ ଦେୟ ଓ ସୂଚୀକରଣ ଦେୟ-ଦରସମୂହ</u>**

୫୭. ସ୍ୱତ୍ୱମିଆଦୀ ଉପଭୋକ୍ତାମାନେ ଦରଖାସ୍ତ ଦେୟ ଓ ସୂଚୀକରଣ ଦେୟ-ଦର ବାବଦକୁ ୫ ହଜାର ଟଂକା ଏଂବ ଦୈନିକ ୨ ହଜାର ଟଂକା କିମ୍ବା ତାହାର କିୟଦଂଶ ଦେବାକୁ ଏସ୍‌ଏଲଡିସି ପ୍ରସ୍ତାବ ଦେଇଛି।

୫୮. ଏସଏଲଡିସିର ଏଆର୍‌ଆର୍ ହିସାବ କଲାବେଳେ ଦରଖାସ୍ତ ଦେୟ ଓ ସୂଚୀକରଣ ଦେୟ-ଦର ବାବଦକୁ ଆଦାୟ କରାଯାଇଥିବା ପରିମାଣକୁ ବିଯୋଗ କରାଯିବା ଉଚିତ।

**<u>ସାରାଂଶୀକରଣ</u>**

୫୯. କୌଣସି ଅନୁମୋଦିତ ଶ୍ରମ ଶକ୍ତିର ସଂରଚନା ନଥାଇ ଏସ୍‌ଏଲଡିସି କର୍ମଚାରୀଂଙ୍କ ବାବଦରେ ବ୍ୟୟ ପରିମାଣକୁ ଖୁବ୍ ଅଧିକ ଦର୍ଶାଇଛି। ଏସ୍‌ଏଲଡିସି ୨୦୦୯-୧୦ ଆ.ବରେ ଓ'ଆଣ୍ଡ ଏମ୍' ଏବଂ ଆର୍ ଆଣ୍ଡ ଏମ୍ ବ୍ୟୟ ପରିମାଣର ଉପଯୁକ୍ତ ବିନିଯୋଗ କରିନାହିଁ। ତେଣୁ, ୨୦୧୦-୧୧ ଆ.ବ ପାଇଁ ଏତେ ଅଧିକ ପରିମାଣକୁ ପ୍ରସ୍ତାବ ଦେବାରେ କୌଣସି ନ୍ୟାୟିକତା ନାହିଁ। ଏସଏଲଡିସି ମୁଖ୍ୟ ବ୍ୟୟ ପରିମାଣର ଭରଣା ପାଇଁ ହିସାବ କରିଛି ଏବଂ ଏସ୍ ଏଲଡିସି ମୁଖ୍ୟ ବ୍ୟୟ ପରିମାଣର ଭରଣା ପାଇଁ ହିସାବ କରିଛି ଏବଂ ଏସ୍‌ଏଲ୍ ଡିସି-ଆସେଟ୍ ର ମୂଲ୍ୟ ହ୍ରାସ ପରିମାଣ ସହ ଯୋଗକ ଭାବେ ୟୁଏଲଡିସିର ମୂଲ୍ୟ-ହ୍ରାସ ପରିମାଣକୁ ଅନ୍ତର୍ଭୁକ୍ତ କରିଛି। ଏହାକୁ ଅନୁମତି ଦିଆଯିବା ନିଆଯାଇ ଏହାର ହିସାବ କରାଯାଇଛି। ସୂଚୀକରଣ ଦେୟ-ଦର ବାବଦକୁ ଆଦାୟ ହୋଇଥିବା ପରିମାଣକୁ ଏଆର୍‌ଆରରୁ ବିଯୋଗ କରାଯିବା ଉଚିତ।

**<u>ଅଭିଯୋଗକାରୀମାନଂକର ମାତାୟନ (ପରିଚ୍ଛେଦ ୬୦-୧୧୧)</u>**

୬୦. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏସ୍‌ଏଲଡିସି କାର୍ଯ୍ୟକ୍ରମ ସମୂହ ଉଦ୍ଦେଶ୍ୟରେ ଏଆର୍‌ଆର୍ ଏବଂ ବାର୍ଷିକ ଦେୟ ଓ ଦେୟ-ଦର ସମୂହର ଲାଗୁକରଣକୁ ନେଇ ଓପିଟିସିଏଲ୍ ର ପ୍ରସ୍ତାବ ଉପରେ ଭିନ୍ନ ଭିନ୍ନ ଅଭିଯୋଗକାରୀଂକର ମତାମତକୁ ଅଯୋଗ ବିଚାରକୁ ନେଇଛନ୍ତି। ମନ୍ତବ୍ୟଗୁଡିକ ମଧ୍ୟରୁ କେତେକ ସାଧାରଣ ପ୍ରକୃତିର ଥିଲା ବେଳେ ଆଉ କେତେକ ୨୦୧୦-୧୧ ଆ.ବ ପାଇଁ ପ୍ରସ୍ତାବିତ ଏଆର୍‌ଆର୍ ଦାଖଲ ଉପରେ ସୁନିର୍ଦ୍ଧିଷ୍ଟ ଥିଲା। ସେଗୁଡିକ ପ୍ରକୃତି ଓ ତାରିଫ ଭିତ୍ତିରେ , ପ୍ରସଂଗ ଓ୍ୱାରୀ ସେହିସବୁ ମତକୁ ନିମ୍ନ ପ୍ରକାରରେ ଶ୍ରେଣୀକରଣ କରାଗଲା।

**<u>ଏସଏଲଡିସି କାର୍ଯ୍ୟ ନିର୍ବାହନ</u>**

୬୧.	କେତେକ ଅଭିଯୋଗକାରୀ ଉପସ୍ଥାପନ କରିଥିଲେ ଯେ ନିର୍ବାହନଗତ ସଂଯକ୍ରିୟତା ପାଇଁ ଉପଯୁକ୍ତ ଭାବେ ଏସ୍‌ଏଲଡିସି ସ୍ୱଛ ଓ ଶୃଙ୍ଖଳିତ ହେବା ବାଂଛନୀୟ ଅଟେ।

୬୨.	କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଭାରତ ସରକାରଂକ ଶକ୍ତି ମନ୍ତ୍ରଣାଳୟର ଗିରୀଶ ବି.ପ୍ରଧାନ କମିଟି ସୁପାରିଶ କରିଥିଲେ ଯେ, ବିଦ୍ୟୁତ୍ ଆକ୍ଟ, ୨୦୦୩ ତଥା ଜାତୀୟ ବିଦ୍ୟୁତ୍ ନୀତି ଅନୁସାରେ, ଏସଏଲଡିସିର ସାଧିନ କାର୍ଯ୍ୟ ନିର୍ବାହନକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେବା ଉଚିତ୍। 'ପୂର୍ବାଂଚଳ ଲୋଡ ପ୍ରେରଣ କେନ୍ଦ୍ର' (ଆର୍‌ଏଲଡିସି) ଏବଂ 'ଜାତୀୟ ଲୋଡ ପ୍ରେରଣ କେନ୍ଦ୍ର' (ଏନ୍‌ଏଲଡିସି) ପାଇଁ ସ୍ୱଷ୍ଟ ଏବଂ ଆରଏଲଡିସି ଏବଂ ଏନଏଲଡିସିର ସଂପୂର୍ଣ୍ଣ କର୍ତ୍ତୃତ୍ୱାଧିନ 'ସାଧିନ ପଦ୍ଧତି ପରିଚାଳନା' ଢାଂଚାରେ ଏସ୍‌ଏଲ୍ ଡିସିର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର 'ପ୍ରତିନିଧି ପରିଷଦ' ଗଠନ କରାଯାଇପାରେ।

୬୩.	ଆଉ କେତେକ ଅଭିଯୋଗକାରୀ ମତ ଉପସ୍ଥାପନ କରିଥିଲେ ଯେ, ଓପିଟିସିଏଲ୍ ଠାରୁ ଏସଏଲଡିସିକୁ ପୃଥକ କରାଯିବା ନେଇ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ଏକ ବିଧିବଦ୍ଧ 'ହସ୍ତାନ୍ତରଣ ସ୍କିମ୍'ର ବିଜ୍ଞପ୍ତି କରିନାହାନ୍ତି। ତେଣୁ, ଏସ୍‌ଏଲଡିସିର କୌଣସି ନିଷ୍ପତ୍ତିକୁ ଏକ ସାଧିନ ନିଷ୍ପତ୍ତି ଭାବରେ ଆଶା କରାଯାଇ ପାରିବ ନାହିଁ।

<u>ଏସ୍‌ଏଲ୍ ଡିସିର ପ୍ରତିଷ୍ଠାନିକ ସଂରଚନା ଓ କର୍ମଚାରୀଂକ ସଂଖ୍ୟା</u>

୬୪.	କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଏସ୍‌ଏଲଡିସି ପାଇଁ 'ଜାତୀୟ ଉତ୍ପାଦ ପରିଷଦ'(ଏନପିସି) ଶ୍ରମ-ଶକ୍ତି ସଂରଚନାକୁ ଉପସ୍ଥାପନ କରିଛି, ଯାହା ଓପିଟିସିଏଲର ପରିଚାଳନା ମଣ୍ଡଳୀ ଦ୍ୱାରା ଅନୁମୋଦିତ ହେବାକୁ ତଥାପି ବାକି ଅଛି।

୬୫.	ଜଣେ ଅଭିଯୋଗକାରୀ ମତ ଦେଇଥିଲେ ଯେ, ଏସ୍‌ଏଲଡିସି ଏକ ଉଚ୍ଚ ବୈଷୟିକମାନର ପ୍ରତିଷ୍ଠାନ ଅଟେ। ତେଣୁ, ଅନ୍ୟାନ୍ୟ ଉଚ୍ଚ ବୈଷୟିକମାନର ନିଗମ ସେକ୍ଟର ଭଳି ଏସ୍‌ଏଲଡିସି ତା'ର କିରାଣୀ ସ୍ତରୀୟ ଓ ୪ ର୍ଥ ଶ୍ରେଣୀ କର୍ମଚାରୀଂକ ସଂଖ୍ୟା କରମାଇଦେବା ଉଚ୍ଚିତ।

୬୬.	ଆଉ କେତେକ ଅଭିଯୋଗକାରୀ ପ୍ରସ୍ତାବ ଦେଇଛନ୍ତି ଯେ, ଗିରୀଶ ବି. ପ୍ରଧାନ କମିଟିର ସୁପାରିଶ ଅନୁଯାୟୀ, ଏସ୍‌ଏଲଡିସିର ପ୍ରତିଷ୍ଠାନିକ ସଂରଚନା ପାଇଁ ଓପିଟିସିଏଲ୍ 'ପୂର୍ବାଂଚଳ ଲୋଡ୍ ପ୍ରେରଣ କେନ୍ଦ୍ର' (ଇଆର୍‌ଏଲଡିସି)ର ମତାମତ ହାସଲ କରିବା।

<u>ଏସଏଲ୍‌ଡିସିର ମୁଖ୍ୟ ଲୋଡ ପ୍ରେରକ ଓ ଅନ୍ୟାନ୍ୟ ଅଧିକାରୀବୃନ୍ଦ</u>

୬୭.	କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ୨୦.୩.୨୦୦୯ର ଅଦେଶନାମାର ପରିଚ୍ଛେଦ ୨୦୫ ଓ ୨୦୬ ମୂଳେ ଓପିଟିସିଏଲକୁ ନିଶ୍ଚିତ ହେବାକୁ ନିର୍ଦ୍ଦେଶ ଦେଇଥିଲେ ଯେ, ନିର୍ଦ୍ଦେଶକ ପାହ୍ୟାର ଜଣେ ମୁଖ୍ୟ ଲୋଡ ପ୍ରେରକ ଏସ୍‌ଏଲଡିସିର ମୁଖ୍ୟ ପରିଚାଳକ ହେବା ଉଚିତ ଏବଂ ଅନ୍ୟାନ୍ୟ ଅନୁଷଙ୍ଗିକ ସେବା ସହିତ .... ନିର୍ବାହନ , ବ୍ୟବସାୟିକ ଓ ତଥ୍ୟ ଯୋଗାଯୋଗ ଉଦ୍ଦେଶ୍ୟରେ ଏସ୍‌ଏଲଡିସିର ୩ ଟି ପୃଥକ ଶାଖା ରହିବା ଉଚିତ। ଏହା ବାଦ୍ ଆଂଚଳିକ ଲୋଡ ପ୍ରେରଣ କେନ୍ଦ୍ରରେ ନିଯୁକ୍ତ ଅଧିକାରୀ ଓ କର୍ମଚାରୀଂକ ଢାଞ୍ଚାରେ ଏସ୍‌ଏଲଡିସିରେ ୮୧ ଜଣ କର୍ମଚାରୀ ଆଗାମୀ ୪ ମାସ ମଧ୍ୟରେ ଅର୍ଥାତ୍ ୨୦, ଜୁଲାଇ ୨୦୦୯ ସୁଦ୍ଧା ନିଯୁକ୍ତ ହେବା ଉଚିତ, ଯଦ୍ୱାରା ଭାରତ ସରକାରଂକ ଶକ୍ତି ମନ୍ତ୍ରଣାଳୟର ଗିରୀଶ ବି.ପ୍ରଧାନ କମିଟିର ସୁପାରିଶ ଅନୁଯାୟୀ,ଏସଏଲଡିସି ଏକ ସାଧିନ ପଦ୍ଧତି ପରୀଚଳକ ଭାବେ କାର୍ଯ୍ୟ ପରିଚାଳନା କରିବାକୁ ସମର୍ଥ ହୋଇପାରିବ।

୬୮.	ସେହି ଅଭିଯୋଗକାରୀମାନେ ପୁନଶ୍ଚ ଦୋହରାଇଥିଲେ ଯେ, ଆୟୋଗଂକର ସୁ ନିର୍ଦ୍ଧିଷ୍ଟ ଆଦେଶନାମା ସତ୍ତ୍ୱେ ଅଦ୍ୟାବଧି ଏସ୍‌ଏଲଡିସି ନିର୍ଦ୍ଦେଶକ ପାହ୍ୟାର ଜଣେ ମୁଖ୍ୟ ଲୋଡ୍ ପ୍ରେରକଂକୁ ନିଯୁକ୍ତି କରିନାହିଁ।

୬୯.	ଆୟୋଗଙ୍କର ସୁନିର୍ଦ୍ଧିଷ୍ଟ ଯାଂଚକାରୀ ପ୍ରଶ୍ନର ଉତ୍ତରରେ , ଓପିଜିସିଏଲ୍ ତରଫରୁ ନିର୍ଦ୍ଦେଶକ (ଯାନ୍ତ୍ରିକ ବିଭାଗ) ଉପସ୍ଥାପନ କରିଥିଲେ ଯେ, ଏସ୍‌ଏଲଡିସିରେ ଜଣେ ନିର୍ଦ୍ଦେଶକଂକର ନିଯୁକ୍ତି ନେଇ ଓପିଟିସିଏଲ ଠାରୁ ସରକାରଂକ ନିକଟକୁ କୌଣସି ପ୍ରସ୍ତାବ ଯାଇନାହିଁ।

୭୦.	ଜଣେ ଅଭିଯୋଗକାରୀ ସୂଚାଇଥିଲେ ଯେ, ଏସ୍‌ଏଲ୍ ଡିସି ଏ ପର୍ଯ୍ୟନ୍ତ ନିର୍ଦ୍ଦେଶକ ପାହ୍ୟାର ଜଣେ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ନଦେଇ ଆୟୋଗଂକୁ ଅବମାନନା କରିଛି, ଯାହା ଏକ ସମ୍ବେଦନଶୀଳ ପ୍ରସଂଗ ଭାବେ ଉଭା ହୋଇଛି। ତେଣୁ, ଓପିଟିସିଏଲର ନିର୍ଦ୍ଦେଶକ (ଯାନ୍ତ୍ରିକ)ଙ୍କୁ

ଏସ୍‌ଏଲଡିସିର ନିର୍ଦ୍ଦେଶକ ପଦରେ ନିଯୁକ୍ତି ଦେଇ ଆୟୋଗଂକର ୨୦.୩.୨୦୦୯ର ଆଦେଶନାମାକୁ ସମ୍ମାନ ଦେବା ପାଇଁ ଅଭିଯୋଗକାରୀ ଜଣକ ଆୟୋଗଂକୁ ଅନୁରୋଧ କରିଥିଲେ।

**<u>ଶକ୍ତି ବିଲିଂ କେନ୍ଦ୍ର/ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର</u>**

୭୧. ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ୪.୮.୨୦୦୭ ର ଚିଠି ନଂ -୧୩୧୩ ମୂଳେ, ଆୟୋଗଂକର ଲୋଡ ମ୍ୟାପ୍ ଅନୁଯାୟୀ, ସଫଟ୍‌ୱେର ଓ ହାର୍ଡୱେରରେ ଅଭିଜ୍ଞତା ଥିବା ଆବଶ୍ୟକୀୟ କର୍ମଚାରୀଂକୁ ନିଯୁକ୍ତ କରି ସେକ୍ଟରର ସବୁ ଅଂଶୀଦାରଂକୁ ବିଲିଂ ଓ ପେମେଣ୍ଟ ଉଦ୍ଦେଶ୍ୟରେ ମାସିକିଆ ରାଜ୍ୟ ଶକ୍ତି ହିସାବକରଣ ସାପ୍ତାହିକ ୟୁଆଇ ଏବଂ ପରିମାଣବିକ ଶକ୍ତିର ହିସାବର ପ୍ରସ୍ତୁତି ପାଇଁ ଏସ୍‌ଏଲଡିସିର ଶକ୍ତି ବିଲିଂ କେନ୍ଦ୍ର ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର ୩୧.୮.୨୦୦୭ ସୁଦ୍ଧା କାର୍ଯ୍ୟ କରିବାର ଥିଲା।

୭୨. ଅଭିଯୋଗକାରୀ ଜଣକ ଆହୁରି ଉପସ୍ଥାପନ କରିଥିଲେ ଯେ, ୨୦.୧୦କୋଟି ଟଙ୍କାର ଏକ ପାରିମାଣକୁ ୨୦୦୮-୦୯ ଆ.ବର ଏଆର୍‌ଆର୍‌ରେ ଅନୁମୋଦନ ନିମନ୍ତେ ଓପିଟିସିଏଲ୍ ଆୟୋଗଂକୁ ଏକ ସତନ୍ତ୍ର ଦରଖାସ୍ତ ଦାଖଲ କରିଥିଲେ, ଯାହା ୨୦୦୭ ର କେଶ୍ ନଂ - ୬୩ ରେ ଆୟୋଗଙ୍କ ଦ୍ୱାରା ପଂଜିକରଣ କରାଯାଇଥିଲେ ଏବଂ ସେହି ଦରଖାସ୍ତରେ ଶକ୍ତି ବିଲିଂ କେନ୍ଦ୍ର ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ରର ସଂରଚନାଗତ ଉନ୍ନୟନ ନିମନ୍ତେ ୨ କୋଟି ଟଂକାର ବ୍ୟବସ୍ଥାକୁ ଓପିଟିସିଏଲ ପ୍ରସ୍ତାବ ଦେଇଥିଲା। ୧୩.୩.୨୦୦୮ ର ଏକ ପିଟିସନ ଦ୍ୱାରା ସେ ଏଲଡିସିର ସତନ୍ତ୍ର ଦେୟ-ଦର ଓ ଦେୟସମୂହ ଲାଗୁ କରିବାର ନିଷ୍ପତ୍ତିକୁ ଗୋଟିଏ ବର୍ଷ ପାଇଁ ଗଡାଇ ଦେବାକୁ ଓପିଟିସିଏଲ ଆୟୋଗଙ୍କୁ ଅନୁରୋଧ କରିଥିଲା। ଓପିଟିସିଏଲ୍‌ର ଅନୁରୋଧକୁ ରକ୍ଷା କରି ୨୦୦୭ର କେଶ୍ ନଂ ୬୩ କୁ ଆୟୋଗ ବାତିଲ କରିଦେଲେ ଏବଂ ୨୦୦୮-୦୯ ଆ.ବ ପାଇଁ ଓପିଟସିଏଲର ସରବରାହ ଦେୟ-ଦର ଓ ଏଆର୍‌ଆର୍‌ରେ ଏସ୍‌ଏଲଡିସି ଦେୟ ଓ ଦେୟ-ଦରସମୂହର ଭରଣାକୁ ଅନୁମୋଦନ ଦେଇଥିଲେ। କିନ୍ତୁ, ଶକ୍ତି ବିଲି କେନ୍ଦ୍ର/ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ରର ଉନ୍ନୟନ ମରାମତି ଓ ତୁଲାଜମା ବ୍ୟୟ ବାବଦକୁ ପୃଥକ ଭାବେ ଏସ୍‌ଏଲଡିସି ଉଦ୍ଦେଶ୍ୟରେ ଆୟୋଗ ତାଂକର ୨୦.୩.୨୦୦୮ର ଆଦେଶନାମାର ପରିଛେଦ ୨୦୧ ମୂଳେ ସତନ୍ତ୍ର ଭାବେ ଏସଏଲଡିସି ପାଇଁ ୬୮୮ ଲକ୍ଷ ଟଙ୍କାର ଏକ ପରିମାଣକୁ ଅନୁମୋଦନ ଦେଇଥିଲେ। ତେବେ, ୨୦୦୮-୦୯ ଆ.ବରେ ଉପରୋକ୍ତ ପରିମାଣ ମଧ୍ୟରୁ ଓପିଟିସିଏଲ୍ ମାତ୍ର ୨.୯୦ ଲକ୍ଷ ଟଙ୍କା ବିନିଯୋଗ କରିପାରିଥିଲେ।

୭୩. ଅଭିଯୋଗକାରୀ ଜଣକ ପୁନଶ୍ଚ କହିଥିଲେ ଯେ, ୨୦୦୯-୧୦ ଆ.ବ ପାଇଁ ଓପିଟିସିଏଲ ପୁନର୍ବାର ୧୨.୦୯ କୋଟି ଟଂକାର ପରିମାଣକୁ ଏଆର୍‌ଆର୍‌ରେ ଅନୁମୋଦନ ଦେବା ନିମନ୍ତେ ଆୟୋଗଙ୍କୁ ଅବେଦନ କରିଥିଲା, ଯାହା ୨୦୦୮ର କେଶ୍ ନଂ -୨୬ ଭାବରେ ଆୟୋଗଙ୍କଠାରେ ପଂଜିକରଣ କରାଯାଇଥିଲା। ଏଥିରେ ଶକ୍ତି ବିଲିଂ କେନ୍ଦ୍ର /ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ରର ସଂରଚନାଗତ ଉନ୍ନୟନ ଉଦ୍ଦେଶ୍ୟରେ ୨ କୋଟି ଟଂକାର ବ୍ୟବସ୍ଥା ଥିଲା। ଅଭିଯୋଗକାରୀ ଜଣକ ଉପସ୍ଥାପନ କରିଥିଲେ ଯେ, ୨୦୦୯-୧୦ ଆ.ବ ପାଇଁ ୨ କୋଟି ଟଂକାର ଶକ୍ତି ବିଲିଂ କେନ୍ଦ୍ର /ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ରର ସଂରଚନାଗତ ଉନ୍ନୟନ ବାବଦକୁ ବ୍ୟୟ ପରିମାଣର ସବିଶେଷ ଖସଡା ଖଚିତ କରି ଦାଖଲ କରିବାକୁ ଓପିଟିସିଏଲକୁ ନିର୍ଦ୍ଦେଶ ଦେବାକୁ ୧୦.୨.୨୦୦୯ ର ଶୁଣାଣି ସମୟରେ ଅନେକ ଅଭିଯୋଗକାରୀ ଆୟୋଗଙ୍କୁ ଅନୁରୋଧ କରିଥିଲେ।

୭୪. ଆୟୋଗଙ୍କର ଯାଞ୍ଚକାରୀ ପ୍ରଶ୍ନର ଉତ୍ତର ଭାବରେ ୨୦୦୯ ଜାନୁଆରୀରେ ଓପିଟିସିଏଲର ପ୍ରତିକ୍ରିୟାକୁ ଅଭିଯୋଗକାରୀ ଆୟୋଗଙ୍କ ସମକ୍ଷରେ ନିମ୍ନମତେ ଉପସ୍ଥାପନ କରିଥିଲେ।

"ରାଜ୍ୟ ଶକ୍ତି ଆକାଉଣ୍ଟରେ ପ୍ରସ୍ତୁତି ଏବଂ ଏବଂ ଶକ୍ତି ବିଲିଂ କେନ୍ଦ୍ର/ଶକ୍ତି ହିସାବ ଓବନ୍ଦୋବସ୍ତ ପଦ୍ଧତି କେନ୍ଦ୍ରର ଉନ୍ନୟନ ନିମନ୍ତେ ଅତିରିକ୍ତ ଅଧିକାରୀ ନିଯୁକ୍ତି ଉଦ୍ଦେଶ୍ୟରେ ବିହିତ ପଦକ୍ଷେପ ନିଆଯାଉଛି। ଏହି ଉଦ୍ଦେଶ୍ୟରେ ୩ ଟି କୋଠରୀକୁ ଚିହ୍ନଟ କରାଯାଇଛି ଏବଂ ଏହି କୋଠରୀଗୁଡିକର ମରାମତି ଓ ସଦାଭା ପାଇଁ ଟେଣ୍ଡର ଦିଆସରିଛି। ତା'ଛଡା ଏହି କୋଠରୀ ୩ ଟିରେ ବ୍ୟବହାର ଉଦ୍ଦେଶ୍ୟରେ ଆବଶ୍ୟକୀୟ ହାର୍ଡୱେର ଓ ସଫଟୱେର କ୍ରୟ ପାଇଁ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି।

୭୫.	ଅଭିଯୋଗକାରୀ ଜଣକ ଆହୁରି ଦର୍ଶାଉଥିଲେ ଯେ, ନିମ୍ନୋକ୍ତ ମନ୍ତବ୍ୟ ପ୍ରଦାନ ପୂର୍ବକ ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ରର ଉନ୍ନୟନ ସକାଶେ ଆୟୋଗ ତାଙ୍କର ୨୦.୩.୨୦୦୯ ର ଆଦେଶନାମାର ପରିଚ୍ଛେଦ୧୭୬ ମୂଳେ ଆୟୋଗ ୨ କୋଟି ଟଂକାର ପରିମାଣକୁ ଅନୁମୋଦନ ଦେଇଥିଲେ।

"ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର'ର ସଂସ୍ଥାପନା ଉପରେ ଯେଣୁ ଏସ୍ଏଲସିଡିସିର କାର୍ଯ୍ୟ ପଦ୍ଧତି କେନ୍ଦ୍ରର ସଂରଚନାଗତ ଉନ୍ନୟନ ନିମନ୍ତେ ଏସ୍ଏଲଡିସିର ପ୍ରସ୍ତାବମତେ ଆୟୋଗ ୨ କୋଟି ଟଂକାର ଏକ ନିବେଶକୁ ଅନୁମୋଦନ ଦେଇଥିଲେ।

୭୬.	୧୮.୨.୨୦୧୦ର ଶୁଣାଣି ବେଳେ ଅଭିଯୋଗାକରୀଜଣକ ପୁନର୍ବାର ସୂଚାଇଥିଲେ ଯେ, ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ରର କାର୍ଯ୍ୟନିର୍ବାହନ ଉପରେ ୧୧.୧.୨୦୧୦ ରେ ଏସ୍ଏଲଡିସି ନିମ୍ନ ଉଲ୍ଲେଖି ମତେ ତା'ର ବକ୍ତବ୍ୟ ଉପସ୍ଥାପନା କରିଛି।

"ଏସ୍ଏଲଡିସିଠାରେ ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ରର ସଂସ୍ଥାପନା ଉଦେଶ୍ୟରେ ସାଧାରଣ ପ୍ରାରମ୍ଭିକ କାର୍ଯ୍ୟ ସମେତ ସବୁ ସଂରଚନାଗତ କାର୍ଯ୍ୟ ଶେଷ ହୋଇଛି, ଆବଶ୍ୟକୀୟ ହାର୍ଡଓ୍ୱେର ଓ ସଫଟଓ୍ୱେର କ୍ରୟ ପାଇଁ ଟେଣ୍ଡର ଦେବା ପ୍ରକ୍ରିୟା ଚୂଡାନ୍ତ ହୋଇଛି ଏବଂ ଏହି ଆର୍ଥିକ ବର୍ଷ ୨୦୦୯-୧୦ ରେ ଏହି କେନ୍ଦ୍ର ତା'ର କାର୍ଯ୍ୟ ନିର୍ବାହନ ଆରମ୍ଭ କରିବା ଆଶା କରାଯାଏ"।

୭୭.	"ଶକ୍ତି ବିଲି କେନ୍ଦ୍ର"/ "ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର'ର କାର୍ଯ୍ୟ ନିର୍ବାହନ ଆରମ୍ଭ କରାଯିବାର ସଠିକ୍ ସମୟ-ସୀମା ସଂପର୍କରେ ସୁ-ନିର୍ଦ୍ଦିଷ୍ଟ ଭାବେ ଉପସ୍ଥାପନ କରିବାକୁ ଓପିଟିସିଏଲ୍/ଏସ୍ଏଲଡିସିକୁ ବିହିତ ନିର୍ଦ୍ଦେଶନାମା ଜାରି କରିବାକୁ ଅଭିଯୋଗକାରୀ ଜଣକ ଓପିଟିସିଏଲ/ଏସ୍ଏଲଡିସି ଅନୁରୋଧ କରିଥିଲା। ଅଭିଯୋଗକାରୀ ଜଣକ ଏ ସଂପର୍କରେ ଦର୍ଶାଇଥିଲେ ଯେ, ୨୦୦୮-୦୯ ଆର୍ଥିକ ବର୍ଷ ଓ ୨୦୦୯-୧୦ ଆ.ବର ଏଆର୍ଆର୍‌ରେ ଉପରୋକ୍ତ କେନ୍ଦ୍ର ଦ୍ୱୟ ଉଦ୍ଦେଶ୍ୟରେ ଆୟୋଗ ଆବଶ୍ୟକୀୟ ଅର୍ଥ ଅନୁମୋଦନ କରିସାରିଥିଲେ ମଧ୍ୟ ୩୦ ମାସରୁ ଅଧିକ ସମୟ ଧରି କାର୍ଯ୍ୟ ନିର୍ବାହନ ବିଳମ୍ବ ହେଲାଣି।

୭୮.	ଆୟୋଗଙ୍କର ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ୧୮.୨.୨୦୧୦ରେ ଏସ୍ଏଲଡିସିର ଏଆର୍ଆର୍ ଉପରେ ଶୁଣାଣିବେଳେ ଓପିଟିସିଏଲ୍ ସୂଚନା ଓ ପ୍ରଯୁକ୍ତି ବିଭାଗର ମୁଖ୍ୟ ସାଧାରଣ ପରିଚାଳକ ଆୟୋଗଂକ ସମକ୍ଷରେ ଉପସ୍ଥାପନ କରିଥିଲେ ଯେ, ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ରର ବିଲିଂ ସଫଟେଓ୍ୱେରକୁ ସୁ ସଂହତ ଭାବେ ଚାଲୁ କରିବା ପାଇଁ ଆହୁରି ୬ ମାସ ସମୟ ଲାଗିବ।

୭୯.	ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଓପିଟିସିଏଲ୍ ତରଫରୁ ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ରର ବିଲିଂ ସଫଟଓ୍ୱେରକୁ ଚାଲୁ କରିବାକୁ ମୁଖ୍ୟ ସାଧାରଣ ପରିଚାଳକ (ସୂଚନା ଓ ପ୍ରଯୁକ୍ତି) ଅଧିକ ୬ ମାସ ସମୟ ଚାହିଁବା ଆଇନ ସମ୍ମତ ନୁହେଁ; କାରଣ ୧୧.୧.୨୦୧୦ ରେ ସତ୍ୟପାଠ ଜରିଆରେ ସ୍ୱକାରୋକ୍ତି ଦେଇଥିଲେ ଯେ, ୩୧ ମାର୍ଚ୍ଚ ୨୦୧୦ ସୁଦ୍ଧା ସେ ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ରର ଆବଶ୍ୟକୀୟ ସଫଟଓ୍ୱେର ଓ ହାର୍ଡଓ୍ୱେର ତା'ର କାର୍ଯ୍ୟ ନିର୍ବାହନ ଆରମ୍ଭ କରିବ।

୮୦.	ଅଭିଯୋଗକାରୀ ଜଣକ ସ୍ୱଷ୍ଟଭାବେ ଉପସ୍ଥାପନ କରିଥିଲେ ଯେ, 'ସଂପୃକ୍ତ କ୍ଷେତ୍ରର ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାରେ ସେମାନେ ମତ ଦେଇଥିଲେ ଯେ, ଯେଣୁ ଗ୍ରୀଡକୋର ଶକ୍ତି ବିଲିଂ କେନ୍ଦ୍ରର 'ବିଲିଂ ସଫଟଓ୍ୱେର' ର ବ୍ୟବହାର ହୋଇସାରିଛି ଏବଂ ୧୫ ମିନିଟ୍ ମୋଡରେ ଶକ୍ତିର ହିସାବ (କିଲୋଓ୍ୱାଟ୍) ପାରମାଣବିକ ଶକ୍ତିର ହିସାବ (କେଭିଏ ଆରଏଚରେ) ହିସାବ ପାଇଁ ଆବଶ୍ୟକୀୟ ଆନୁଷଙ୍ଗିକ ମାପଦଣ୍ଡ ଥାଇ ସବୁ ଇଣ୍ଟରଫେସ୍ ମିଟର ବ୍ୟବସ୍ଥିତ ହୋଇସାରିଛି, ତେଣୁ ଏସ୍ଏଲଡିସିର 'ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର' ରେ ଆବଶ୍ୟକୀୟ ସଫଟଓ୍ୱେର ସଂସ୍ଥାପନା ପାଇଁ ୩ ମାସ ସମୟ ଯଥେଷ୍ଟ ଅଟେ। ସେପରି ସ୍ଥଳେ ଓପିଟିସିଏଲ ୩୦ ମାସ ସମୟ ନେଇସାରିବା ପରେ ପୁଣି ଜୁଲାଇ /ଅଗଷ୍ଟ, ୨୦୧୦ ପର୍ଯ୍ୟନ୍ତ ସମୟ ମାଗୁଛି, ଯାହା ଫଳରେ ୧.୪.୨୦୧୦ ଠାରୁ ରିଏଲ୍ ଟାଇମ୍ ମୋଡ୍‌ରେ ଆନ୍ତଃରାଜ୍ୟ ଏବିଟିର ପ୍ରବର୍ତ୍ତନ ପାଇଁ ଏସ୍ଏଲଡିସି କେବେହେଲେ ଏକ ସକ୍ଷମ ସ୍ଥିତିରେ ରହିବ ନାହିଁ, ଯାହା ଓଇଆରସି ନିୟମାବଳୀ, ୨୦୦୭ ଅନୁଯାୟୀ, ୧୪.୨.୨୦୦୮ ଠାରୁ ବଳବତ୍ତର ହୋଇଛି।

୮୧. ଉପରୋକ୍ତ ଆଲୋଚନା ଦୃଷ୍ଟିରୁ ଅଭିଯୋଗକାରୀ ଦୃଢଭାବେ ତାଂକର ମତ ଉପସ୍ଥାପନ କରିଥିଲେ ଯେ, ଏସ୍‌ଏଲଡିସିର ୧୧.୧.୨୦୧୦ର ସତ୍ୟପାଠ ଅନୁଯାୟୀ ୩୧ ମାର୍ଚ୍ଚ ୨୦୧୦ ସୁଦ୍ଧା ଆବଶ୍ୟକୀୟ ହାର୍ଡଓ୍ୱେର ଓ ସଫଟ୍‌ଓ୍ୱେର ସହ ପୂର୍ଣ୍ଣାଙ୍ଗ ଭାବରେ 'ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର'ର ସଂସ୍ଥାପନା ଓ ଲାଗୁ ନିମନ୍ତେ ଆୟୋଗ ଓପିଟିସିଏଲକୁ ନିର୍ଦ୍ଦେଶ ଦେବା ଉଚିତ।

## ଏସ୍‌ଏଲଡିସିର ନିୟନ୍ତ୍ରଣକୁ ଉପଲୋଡ ପ୍ରେରଣ କେନ୍ଦ୍ର ସମୂହର ହସ୍ତାନ୍ତରଣ

୮୨. ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଭୁବନେଶ୍ୱର, ମେରାମୁଣ୍ଡଳୀ, ଜୟନଗର ଓ ବୁଢ଼ୀପଦରଠାରେ ଥିବା ଉପ-ଲୋଡ୍ ପ୍ରେରଣ କେନ୍ଦ୍ରଗୁଡିକର ସବୁ ଆସେଟ୍‌କୁ ଯଥା ଶୀଘ୍ର ଏସ୍‌ଏଲ୍ ଡିସିକୁ ହସ୍ତାନ୍ତରଣ ପାଇଁ ଆୟୋଗ ତାଂକର ୨୦.୩.୨୦୦୯ ତାରିଖରେ ଅଦେଶନାମାର ପରିଚ୍ଛେଦ -୨୦୩ ମୂଳେ ଓପିଟିସିଏଲକୁ ନିର୍ଦ୍ଦେଶ ଦେଇଥିଲେ।

୮୩. ଅଭିଯୋଗକାରୀ ଜଣକ ପୁନଶ୍ଚ କହିଥିଲେ ଯେ, ଏସ୍‌ଏଲଡିସି ତା'ର ୧୧.୧.୨୦୧୦ର ଉପସ୍ଥାପନାରେ ଆୟୋଗଙ୍କୁ ସୂଚନା ଦେଇଥିଲା ଯେ, ଏସ୍‌ଏଲଡିସି ସହ ସଂପୃକ୍ତ ସବୁ ଆସେଟର ଚିହ୍ନଟକରଣ କାର୍ଯ୍ୟ ସରିଛି ଏବଂ ଏସ୍‌ଏଲଡିସିର ନିୟନ୍ତ୍ରଣକୁ ସେ ସବୁ ଆସେଟର ସ୍ଥାନାନ୍ତରଣ ହେବାକୁ ତଥାପି ବାକି ଅଛି। ଉପ-ଲୋଡ୍ ପ୍ରେରଣ କେନ୍ଦ୍ରର ସେ ସବୁ ଆସେଟ୍ ଏସ୍‌ଏଲଡିସିକୁ ହସ୍ତାନ୍ତରଣ ପାଇଁ ଦେବାକୁ ଅଭିଯୋଗକାରୀ ଜଣକ ଆୟୋଗଙ୍କୁ ଅନୁରୋଧ କରିଥିଲେ।

## ଏସ୍‌ଏଲଡିସିର ଓ୍ୱେବସାଇଟ୍

୮୪. ଆଉ ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଆୟୋଗ ତାଙ୍କର ୨୦.୩.୨୦୦୯ର ଆଦେଶନାମାର ପରିଚ୍ଛେଦ -୨୦୭ ମୂଳେ, ୨୦ ମେ, ୨୦୦୯ ସୁଦ୍ଧା ଏସ୍‌ଏଲଡିସି ତା'ର ନିଜସ୍ୱ ଓ୍ୱେବସାଇଟ୍ ପ୍ରସ୍ତୁତ କରିବାକୁ ଏସ୍‌ଏଲଡିସିକୁ ନିର୍ଦ୍ଦେଶ ଦେଇଥିଲେ।

୮୫. ଅଭିଯୋଗକାରୀ ଜଣକ ତାଂକର ଉପସ୍ଥାପନାରେ ଦର୍ଶାଇଥିଲେ ଯେ, ଏସ୍‌ଏଲଡିସି ଓ୍ୱେବସାଇଟରେ ସଂପ୍ରତି କୌଣସି ଅନ୍ ଲାଇନ ତଥ୍ୟ ଉପଲବ୍ଧ ନୁହେଁ। ଅଭିଯୋଗକାରୀ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ ଯେ, ୧୫ ମିନିଟର ବନ୍ଦୋବସ୍ତ ମୋଡରେ ପ୍ରକୃତ ଉଠାଣ ଏବଂ ସିଡ୍ୟୁଲିଂ ଉପରେ ଅନ୍ ଲାଇନ୍ ତଥ୍ୟ ବରଂ ଓଇଆରସି ଓ୍ୱେବସାଇଟ୍‌ରେ ଉପଲବ୍ଧ ହେଉଛି।

୮୬. ଅଭିଯୋଗକାରୀ ଜଣକ ଆୟୋଗଙ୍କୁ ଅନୁରୋଧ କରିଥିଲେ ଯେ, ସେକ୍ଟରର ସବୁ ଅଂଶୀଦାରଙ୍କର ଅବଗତି ନିମନ୍ତେ ସିଇଆରସି/ଓଇଆରସି ନିୟମାବଳୀ ଅନୁଯାୟୀ ଏସ୍‌ଏଲଡିସିକୁ ନିର୍ଦ୍ଦେଶ ଦିଅନ୍ତୁ; କାରଣ ଓଡ଼ିଶାର ଶକ୍ତି ସେକ୍ଟରର ସବୁ ଅଂଶୀଦାରଙ୍କର ଅନଲାଇନ୍ କାର୍ଯ୍ୟସୂଚୀର ଏକ ସ୍ୱଚ୍ଛ ଦର୍ପଣ ସ୍ୱରୂପ ଏସ୍‌ଏଲଡିସି ହିଁ କାର୍ଯ୍ୟ କରିବା ଉଚିତ୍।

## ୧୪.୧.୨୦୧୦ ରେ ନିର୍ଦ୍ଧାରିତ ଶକ୍ତି ନିୟମାବଳୀ ଉପରେ ଓଇଆରସି ଆଚରଣ ବିଧିର ଉଲ୍ଲଙ୍ଘନ

୮୭. ଜଣେ ଅଭିଯୋଗକାରୀ ୮.୧.୨୦୧୦ର ଜନ ଶୁଣାଣି ସମୟରେ ମତ ବ୍ୟକ୍ତ କରିଥିଲେ ଯେ, 'ନିୟମିତ ଭାବରେ ବିତରକ କଂପାନୀମାନେ ସୂଚୀକରଣର ନିୟମକୁ ଉଲ୍ଲଙ୍ଘନ କରି, ଏପରିକି କମ୍ ଫ୍ରିକ୍ୟୁଏନସି ସମୟରେ ସେମାନଙ୍କର ଦାୟବଦ୍ଧ ପରିମାଣଠାରୁ ଅଧିକ ପରିମାଣର ଶକ୍ତି ଉଠାଣ କରୁଛନ୍ତି, ଯାହା ଫଳରେ ରାଜ୍ୟକୁ କେନ୍ଦ୍ରୀୟ ଗ୍ରୀଡରୁ ଉଠାଣ ଅଧିକ୍ୟର ସମ୍ମୁଖୀନ ହେବା ଏବଂ ଏଥିପାଇଁ ପୂର୍ବାଞ୍ଚଳ ଲୋଡ୍ ପ୍ରେରଣ କେନ୍ଦ୍ର ସଂଖ୍ୟାଧିକ କଟକଣା ସୃଷ୍ଟି କରିବା ପ୍ରସଂଗ ଏସ୍‌ଏଲଡିସି ଆୟୋଗଙ୍କ ସମକ୍ଷରେ ଉପସ୍ଥାପନା କରିଥିଲେ।' ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଦ୍ୟୁତ୍ ଆକ୍ଟର ବିଭାଗ -୨୩ ଅଧିନରେ ,ଆୟୋଗ ତାଂକର ୧୪.୧.୨୦୧୦ର ଆଦେଶନାମା ମୂଳେ ରାଜ୍ୟରେ ଶକ୍ତି ନିୟମାବଳୀ ଉପରେ ଆଦେଶନାମା (ଆଚରଣ ବିଧି) ଜାରି କରିଛନ୍ତି, ଯାହା ୧୫.୧.୨୦୧୦ ଠାରୁ ଲାଗୁ କରାଯାଇଛି।

୮୮. ଅଭିଯୋଗକାରୀ ଜଣକ କହିଥିଲେ ଯେ, ୧୪.୧.୨୦୧୦ର ଶକ୍ତି ନିୟମାବଳୀରେ ନିହିତ ଆଚରଣ ବିଧିର ଉଲ୍ଲଙ୍ଘନ ଯୋଗୁ, ସବୁ ବିତରକ କଂପାନୀ ଅଧିକ ଉଠାଣ କରିଛନ୍ତି; ବରଂ ପରିଣାମତଃ ୟୁଆଇ ମେକାନିଜିମ୍ ଉପରେ ତା'ର ଯେଉଁ ପ୍ରଭାବ ପଡିଛି (ନିର୍ଦ୍ଦେଶକ, ତାରିଫଙ୍କ ଅନୁଯାୟୀ ୧୫.୧.୨୦୧୦ ଠାରୁ ୭.୨.୨୦୧୦ ପର୍ଯ୍ୟନ୍ତ) ଏହାର ସବିଶେଷତା ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା।

.............

୮୯.	ଅଭିଯୋଗକାରୀ ଜଣକ ଆୟେଗଙ୍କୁ ଅନୁରୋଧ କରିଥିଲେ ଯେ, ଶକ୍ତି ନିୟମାବଳୀ ଉପରେ ଆୟୋଗଙ୍କର ଆଦେଶନାମା (ଆଚରଣ ବିଧି)ର ଉଲ୍ଲଂଘନ ସଂପର୍କରେ କୈଫୟତ ଦେବାକୁ ଅୟୋଗ ଏସ୍‌ଏଲଡିସିକୁ ନିର୍ଦ୍ଦେଶ ଦେଇ ପାରନ୍ତି। ଏଥିପାଇଁ ୮୦.୧୫୯ ଲକ୍ଷ ୟୁନିଟର ଅଧିକ ଉଠାଣ ହୋଇଛି ଏବଂ ୟୁଆଇ ଉପରେ ୨୯.୮୦ କୋଟି ଟଂକାର ପ୍ରଭାବ ପଡିଛି (୧୫.୧.୨୦୧୦ ଠାରୁ ୭.୨.୨୦୧୦ ପର୍ଯ୍ୟନ୍ତ)।

୯୦.	ତା ୧୮.୨.୨୦୧୦ର ଶୁଣାଣି ସମୟରେ ଅଭିଯୋଗକାରୀ ଜଣକ ଆହୁରି ଦର୍ଶାଇଥିଲେ ଯେ, ଆଜି ପର୍ଯ୍ୟନ୍ତ ବିତରକ କଂପାନୀଙ୍କର ଆଚରଣ ବିଧିକୁ ଉଲ୍ଲଙ୍ଘନ କରୁଥିବା ପ୍ରସଂଗରେ ଏସ୍‌ଏଲଡିସି ଆୟୋଗଙ୍କ ନିକଟରେ କୌଣସି ପିଟିସନ୍ ଦାୟର କରିନାହିଁ। ଯେଣୁ, ଆଇନର ନିୟମକୁ ଅନୁସରଣ ପୂର୍ବକ କାର୍ଯ୍ୟ ନିର୍ବାହନ କରିବାରେ ଏସ୍‌ଏଲଡିସି ଅସଫଳ ହୋଇଛି ଏବଂ ଆୟୋଗଙ୍କର ୧୪.୧.୨୦୧୦ର ଶକ୍ତି ନିୟମାବଳୀ ଉପରେ ଆଦେଶନାମାକୁ ଭିତ୍ତି କରି ବିତରକ କଂପାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅସଫଳ ହୋଇଛି, ତେଣୁ ବିଦ୍ୟୁତ୍ ଆକ୍ଟ, ୨୦୦୩ ର ବିଭାଗ-୧୪୨ ଅଧିନରେ ଏସ୍‌ଏଲଡିସିର ମୁଖ୍ୟ ଲୋଡ୍ ପ୍ରେରକଙ୍କ ଉପରେ ୧ ଲକ୍ଷ ଟଙ୍କାର ଜୋରିମାନା ଦଣ୍ଡ ଲାଗୁ କରିବାକୁ ଅଭିଯୋଗକାରୀ ଆୟୋଗଙ୍କୁ ଅନୁରୋଧ କରିଥିଲେ।

**<u>ବାର୍ଷିକ ରାଜସ୍ୱ ଆବଶ୍ୟକତା</u>**

୯୧.	କେତେକ ଅଭିଯୋଗକାରୀ ସୂଚାଇଥିଲେ ଯେ, ଏସ୍‌ଏଲଡିସି ଆୟୋଗଙ୍କ ସମକ୍ଷରେ ଏକ ଅସ୍ୱଭାବିକ ସ୍ଫୀତ ଏଆର୍‌ଆର୍ ଉପସ୍ଥାପନ କରିଛି।

**<u>ବାର୍ଷିକ ଦେୟ-ଦର ସମୂହ</u>**

୯୨.	କେତେକ ଅଭିଯୋଗକାରୀ ସେମାନଙ୍କର ମତ ଉପସ୍ଥାପନ କରିଥିଲେ ଯେ, ଏସ୍‌ଏଲଡିସିର ବାର୍ଷିକ ଦେୟ-ଦର (ଯେଦି କିଛି ପ୍ରଯୋଜ୍ୟ ହେବାକୁ ଥାଏ), ତେବେ ତାହା ବାହାର ରାଜ୍ୟକୁ ଏସ୍‌ଏଲଡିସି ଜରିଆରେ ମୁକ୍ତ ପ୍ରବେଶ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଶକ୍ତି ଯୋଗାଣରୁ ପ୍ରାପ୍ତ କରାଯାଇପାରେ।

୯୩.	ଆଉ କେତେକ ଅଭିଯୋଗକାରୀ ମତ ଦେଇଥିଲେ ଯେ, ବିଦ୍ୟୁତ୍ ଆକ୍ଟ ୨୦୦୩ ଓ ଜାତୀୟ ବିଦ୍ୟୁତ୍ ନୀତି ଅନୁଯାୟୀ, ଏସ୍‌ଏଲଡିସି ରାଜ୍ୟ ଶକ୍ତି ସେକ୍ଟରରେ ଏକ ସ୍ୱତନ୍ତ୍ର ପଦ୍ଧତି ପରିଚାଳକ ଭାବରେ କାର୍ଯ୍ୟ ନିର୍ବାହନ କରିବା କଥା; କିନ୍ତୁ ତାହା ସେ କରୁନାହିଁ, ବରଂ ଅଦ୍ୟାବଧି ସେ ଓପିଟିସିଏଲ ଅଧିନରେ କାର୍ଯ୍ୟ ନିର୍ବାହନ କରୁଛି, ତେଣୁ ଏସ୍‌ଏଲଡିସି ପାଇଁ ପଦ୍ଧତି ପରିଚାଳନା ଜନିତ ବ୍ୟୟ ଏବଂ ବଦାରପରିଚାଳନା ଜନିତ ବ୍ୟୟ ଭଳି କୌଣସି ପଥକ ବ୍ୟୟ ପରିମାଣ ଗ୍ରୀଡକୋର ସ୍ଥୁଳ ଯୋଗାଣ ଦେୟ-ଦରରେ ଯୋଗ କରିବାର କୌଣସି ଔଚିତ୍ୟ ନାହିଁ। ତା'ଛଡା, ଏସ୍‌ଏଲଡିସିର ସରବରାହ ତାରିଫ ଓ ସରବରାହ ଜନିତ କ୍ଷତି ଓପିଟିସିଏଲର ଏଆରଆର୍‌ରେ ହିସାବକୁ ଅଣାଯାଉଛି।

୯୪.	ଆଉ ଜଣେ ଅଭିଯୋଗକାରୀ କହିଥିଲେ ଯେ, ୨୦୦୯-୧୦ ଆ.ବ ପାଇଁ ବାର୍ଷିକ ବ୍ୟୟ ପରିମାଣକୁ ୨୦୧୦-୧୧ ଆ.ବ ପାଇଁ ଅନୁରୂପ ଭାବେ ଅପରିବର୍ତ୍ତିତ ରଖାଯାଇପାରେ।

୯୫.	ବାର୍ଷିକ ଦେୟ-ଦର ପ୍ରଦାନ ଉପରେ , କେତେକ ଅଭିଯୋଗ ପ୍ରସ୍ତାବ ଦେଇଥିଲେ ଯେ, ପଦ୍ଧତି ପରିଚାଳନା ଜନିତ ବ୍ୟୟ ପରିମାଣର ୪୫ ପ୍ରତିଶତ ଏବଂ ବଜାର ପରିଚାଳନା ଜନିତ ବ୍ୟୟ ପରିମାଣର ୫୦ ପ୍ରତିଶତ ଚାହିଦା ପରିମାଣ ବଂଟୁଆରା ଭିତ୍ତିରେ ବିତରକ କଂପାନୀ ଓ କ୍ରେତାଙ୍କ ମଧ୍ୟରେ ଭାଗ କରିଦିଆଯିବା ଉଚିତ୍।

**<u>ବଜାର ପରିଚାଳନା ଦେୟ-ଦର</u>**

୯୬.	ଜଣେ ଅଭିଯୋଗକାରୀ ସିଇଆରସି ନିୟମାବଳୀର, ନିୟମ-୨୩ ଅନୁଯାୟୀ ସବୁ ଶକ୍ତି ବ୍ୟବହାରକାରୀଙ୍କ ଉଦ୍ଦେଶ୍ୟରେ ବଜାର ପରିଚାଳନା ଦେୟ-ଦରର ସମାନ ବଂଟୁଆରା ପାଇଁ ପରାମର୍ଶ ଦେଇଥିଲେ। ଓପିଟିସିଏଲ/ଏସଏଲଡିସି ଦ୍ୱାରା ଉତ୍ପାଦିତ କ୍ଷମତା(ପରିମାଣ)ର ଭିତ୍ତିରେ ବଜାର ପରିଚାଳନା ଦେୟ-ଦରର ବଂଟୁଆରାକୁ ସେ ବିରୋଧ କରିଥିଲେ।

<u>ମୂଲ୍ୟ-ହ୍ରାସ</u>

୯୭.	ସିଇଆରସି ନିୟମାବଳୀ, ୨୦୦୫ ଅନୁଯାୟୀ, ମୁଖ୍ୟ ବ୍ୟୟର ଭରଣା ବାବଦକୁ ୫୬୮.୧୦ ଲକ୍ଷ ଟଂକାର ପ୍ରସ୍ତାବିତ ମୂଲ୍ୟ-ହ୍ରାସ ପରିମାଣ ନ୍ୟାୟୋଚିତ ନୁହେଁ ବୋଲି କେତେକ ଅଭିଯୋଗକାରୀ ଉପସ୍ଥାପନ କରିଥିଲେ। ୨୭.୮୦ ଲକ୍ଷ ଟଂକାର ମୂଲ୍ୟ-ହ୍ରାସ ପରିମାଣକୁ ଏଆର୍‌ଆର୍‌ରେ ଗ୍ରହଣ କରାଯାଇପାରେ ବୋଲି ସେମାନେ ମତ ଦେଇଥିଲେ।

୯୮.	କେତେକ ଅଭିଯୋଗକାରୀ ସୂଚାଇଥିଲେ ଯେ, ଯେଣୁ ଗ୍ରୀଡକୋ ୟୁଏଲଡିସି ଦେୟ-ଦର (ବ୍ୟୟ ପରିମାଣ) କୁ ପେମେଣ୍ଟ କରୁଛି, ତେଣୁ ୨୦୧୦-୧୧ ଆ.ବ ପାଇଁ ଏସ୍‌ଏଲଡିସିର ଏଆର୍‌ଆର୍‌ରେ ୟୁଏଲଡିସି ଆସେଟସମୂହର ମୂଲ୍ୟ-ହ୍ରାସ ପରିମାଣକୁ ବିବେଚନା କରାଯିବା ଉଚିତ ନୁହେଁ।

<u>**ପରିଚାଳନା ଓ ତୁଲାଜମା ବ୍ୟୟ ( ଓ' ଆଣ୍ଡ ଏମ୍ ବ୍ୟୟ) (ଘରଭଡା ବାବଦ ବ୍ୟୟକୁ ବାଦ୍ ଦେଇ)**</u>

୯୯.	କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ୨୦୦୯-୧୦ ଆ.ବ ପାଇଁ ଏସ୍‌ଏଲଡିସିର ଆକଳିତ ଓ'ଆଣ୍ଡଏମ୍ ବ୍ୟୟ ପରିମାଣର ୫.୪୨ ଗୁଣ ହେଉଛି ପ୍ରସ୍ତାବିତ ଓ'ଆଣ୍ଡଏମ୍ ବ୍ୟୟ ପରିମାଣ; ଅର୍ଥାତ୍ ୩୧୩.୮୪ ଲକ୍ଷ ଟଂକା। ୨୦୧୦-୧୧ ଆ.ବ ପାଇଁ ଏହି ୫୪୨% ର ଓ' ଆଣ୍ଡ ଏମ୍ ବ୍ୟୟ ବୃଦ୍ଧି ଗ୍ରହଣୀୟ ନୁହେଁ ଅଭିଯୋଗକାରୀମାନେ ମତ ଦେଇଥିଲେ।

୧୦୦.	ଜଣେ ଅଭିଯୋଗକାରୀ ପ୍ରସ୍ତାବ ଦେଇଥିଲେ ଯେ, ୨୦୦୪-୦୫ ଆ.ବ ଠାରୁ ୨୦୦୮-୦୯ ଆ.ବ ପର୍ଯ୍ୟନ୍ତ ପ୍ରକୃତ ଓ' ଆଣ୍ଡ ଏମ ବ୍ୟୟ ପରିମାଣର ହିସାବ କରାଯାଇପାରେ।

୧୦୧.	କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ୨୦୦୯-୧୦ ଆ.ବ ପାଇଁ ଏଆର୍‌ଆର୍‌ରେ ମରାମତି ଓ ତୁଲାଜମା ବ୍ୟୟ ବାବଦକୁ ଓଇଆରସି ଦ୍ୱାରା ଅନୁମୋଦିତ ୧ କୋଟି ଟଂକା ମଧ୍ୟରୁ ଏସ୍‌ଏଲ୍ ଡିସି ମାତ୍ର ୫ ଲକ୍ଷ ଟଂକାର ବ୍ୟୟ ସାଧନ କରିଛି। ତେଣୁ, ଗତାନୁଗତିକ ଭିତ୍ତିରେ ୨୦୧୦-୧୧ ଆ.ବ ପାଇଁ ମରାମତି ଓ ତୁଲାଜମା ବ୍ୟୟ ପରିମାଣକୁ ଅନୁମୋଦନ ଦିଆଯାଇପାରେ।

୧୦୨.	ଏଫ୍‌ଏମଏସ୍ ବାବଦକୁ ୩୦ ଲକ୍ଷ ଟଂକାର  ଅତିରିକ୍ତ ବ୍ୟୟ ପରିମାଣ, 'ୱାନ୍' ପାଇଁ ବ୍ୟାଣ୍ଡ ୱାଇଡଥ ପାଇଁ ଦେୟ-ଦର ବାବଦକୁ ୪୮ ଲକ୍ଷ ଟଂକା, ୪୦ ଲକ୍ଷ ଟଙ୍କାର ସ୍କାଡା/ଇଏମଏସ୍ ସାମଗ୍ରୀ ଏସ୍‌ଏଲଡିସି କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ପ୍ରଶିକ୍ଷଣ ବାବଦକୁ ୩୮ ଲକ୍ଷ ଟଂକାର ବ୍ୟୟ ପରିମାଣକୁ ଆୟୋଗ ଅନୁମୋଦନ ଦେଇପାରନ୍ତି ବୋଲି ଅନ୍ୟତମ ଅଭିଯୋଗକାରୀ ଉପସ୍ଥାପନ କରିଥିଲେ।

<u>**କର୍ମଚାରୀଙ୍କ ବାବଦକୁ ବ୍ୟୟ**</u>

୧୦୩.	୨୦୦୯-୧୦ ଆ.ବରେଯେଉଁ ପରିମାଣର ବ୍ୟୟକୁ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଅନୁମୋଦନ କରାଯାଇଥିଲା, ସେହି ପରିମାଣର ପାଖାପାଖି ଏକ ପ୍ରତ୍ୟାଶିତ ପରିମାଣକୁ ୨୦୧୦-୧୧ ଆ.ବ ପାଇଁ ଅନୁମୋଦନ ଦେବାକୁ କେତେକ ଅଭିଯୋଗକାରୀ ପ୍ରସ୍ତାବ ଦେଇଥିଲେ। ତା'ଛଡା, ୨୦୧୦-୧୧ ଆ.ବରେ ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ପାଇଁ ୧ କୋଟି ଟଂକାର ଏକ ଅତିରିକ୍ତ ପରିମାଣକୁ ଅନୁମତି ଦିଆଯାଇପାରେ ବୋଲି ସେହି ଅଭିଯୋଗକାରୀମାନେ ଉପସ୍ଥାପନାରେ ଦର୍ଶାଇଥିଲେ।

୧୦୪.	୨୦୦୯-୧୦ ଆ.ବ ପାଇଁ ଘରଭଡା ବାବଦକୁ ଆନୁମାନିକ ପରିମାଣ ହେଉଛି ୩୪୩.୪୫୬ ଲକ୍ଷ ଟଂକା। ଏହି ପରିମାଣ ଉପରେ ୫.୭୨ % ହାରରେ ଏ କବୃଦ୍ଧି ପରିମାଣକୁ ବିବେଚନା କରି ୨୦୧୦-୧୧ ଆ.ବ ପାଇଁ ଘରଭଡା ବ୍ୟୟ ବାବଦକୁ ୩୬୩.୧୦ ଲକ୍ଷ ଟଂକାର ଏକ ପରିମାଣକୁ ଅନୁମତି ଦିଆଯାଇପାରେ; ଅଧିକନ୍ତୁ 'ଶ୍ରମ-ଶକ୍ତି ପ୍ରମାଣୀକରଣ ଓ ପଦ୍ଧତି ପରିଚାଳନା ଉଦ୍ଦେଶ୍ୟରେ ପାରିତୋଷିକତା ଓ ଲୋଡ୍ ପ୍ରେରଣ

କେନ୍ଦ୍ର ସମୂହର ସ୍ୱଚ୍ଛ ପରିଚାଳନା' ଉଦ୍ଦେଶ୍ୟରେ ଗଠିତ କମିଟିର ରିପୋର୍ଟକୁ ଭିତ୍ତି କରି ୦.୬୦ ଲକ୍ଷ ଟଂକାର ଏକ ଅତିରିକ୍ତ ପରିପୂରକ ପରିମାଣକୁ ମଧ୍ୟ ଅନୁମତି ଦିଆଯାଇପାରେ ବୋଲି ଜଣେ ଅଭିଯୋଗକାରୀ ପ୍ରସ୍ତାବ ଦେଇଥିଲେ।

**କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ**

୧୦୫. ଓପିଟସିଏଲର ପ୍ରସ୍ତାବ ମତେ ୧୨%ରେ ନ ହୋଇ ଚଳିତ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ପିଏଲ୍ଆର୍ ୧୧.୭୫% ସୁଧ-ହାରକୁ ଭିତ୍ତି କରି କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ ପରିମାଣର ହିସାବ କରିବା ପାଇଁ ଜଣେ ଅଭିଯୋଗକାରୀ ପରାମର୍ଶ ଦେଇଥିଲେ।

୧୦୬) ଶୁଣାଣି ସମୟରେ କେତେକ ଅଭିଯୋଗକାରୀ ମତ ଉପସ୍ଥାପନ କରିଥିଲେ ଯେ, ୨୦୧୦-୧୧ ଆ.ବ. ପାଇଁ ଏସ୍ଏଲ୍ଡିସିର ଦରଖାସ୍ତ ସହ ଖଚିତ ଫର୍ମ-୮ରେ ଏସ୍ଏଲ୍ଡିସି ଦ୍ୱାରା ଉପସ୍ଥାପିତ କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ ପରିମାଣର ହିସାବ ସଇଆରସି ନିୟମାବଳୀ ଅନୁସରଣ ପୂର୍ବକ କରାଯାଇନାହିଁ, ଏବଂ ତେଣୁ ୧୦୧୧.୭୨ ଲକ୍ଷ ଟଙ୍କାର ସମୁଦାୟ କାର୍ଯ୍ୟକାରୀ ମୂଳଧନର ପୁନଃ ହିସାବ କରାଯାଇପାରେ, ଯାହା ଉପରେ ଭିତ୍ତି କରି ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପିଏଲ୍ଆର୍ ଅନୁଯାୟୀ, ୧୧.୭୫% ହାରରେ କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ ପରିମାଣ ଦିଆଯିବା ଉଚିତ, କିନ୍ତୁ ଏସ୍ଏଲ୍ଡିସି ଦ୍ୱାରା ପ୍ରସ୍ତାବିତ ମତେ ୧୨%ର ହାରରେ ନୁହେଁ ।

**ମୁଖ୍ୟ ବ୍ୟୟ ଖସଡା:**

୧୦୭) ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ସିଇଆରସି ନିୟମାବଳୀ, ୨୦୦୯ ଅନୁଯାୟୀ ୫୬୮.୧୦ଲକ୍ଷ ଟଙ୍କାର ମୁଖ୍ୟ ବ୍ୟୟ ପରିମାଣର ସମୁଦାୟ ଭରଣା ନ୍ୟାୟୋଚିତ ନୁହେଁ ।

୧୦୮) ୨୦୧୦-୧୧ ଆ.ବ. ପାଇଁ ୫୬୮.୧୦ଲକ୍ଷ ଟଙ୍କାର ମୁଖ୍ୟ ବ୍ୟୟ ପରିମାଣର ଭରଣା ପ୍ରସଂଗ ଉପରେ କେତେକ ଅଭିଯୋଗକାରୀ ୨୦୦୯-୧୦ ଆ.ବ. ପାଇଁ ଏସ୍ଏଲ୍ଡିସିର ଏଆର୍ଆର୍ରେ ରଇଝଝଉର ସଂରଚନାତ୍ମକ ଉନ୍ନତିକରଣ ଉଦ୍ଦେଶ୍ୟରେ ଓଇଆରସି ଦ୍ୱାରା ଅନୁମୋଦିତ ୨କୋଟି ଟଙ୍କା ବ୍ୟୟର ପୁଂଖାନୁପୁଂଖତାକୁ ଜାଣିବାକୁ ଚାହିଁଥିଲେ ।

୧୦୯) ଜଣେ ଅଭିଯୋଗକାରୀ ପ୍ରସ୍ତାବ ଦେଇଥିଲେ ଯେ, ଏଭଳି ଏକ ମୁଖ୍ୟ କାର୍ଯ୍ୟ ସମ୍ପାଦନ ସକାଶେ ଅଣାଯାଇଥିବା ଋଣର କେବଳ ସୁଧ ପରିମାଣକୁ ୨୦୧୦-୧୧ ଆ.ବ.ର ଏଆର୍ଆର୍ରେ ଅନୁମତି ଦିଆଯାଇପାରେ ।

**ଏସ୍ଏଲ୍ଡିସି ଉନ୍ନୟନ ପାଣ୍ଠି:**

୧୧୦) ସିଇଆର୍ସି ନିୟମାବଳୀ, ୨୦୦୯ର ନିୟମ-୯ ଅନୁଯାୟୀ, 'ଏସ୍ଏଲ୍ଡିସି ଉନ୍ନୟନ ପାଣ୍ଠି' ନାମରେ ଏକ ସ୍ୱତନ୍ତ୍ର ପାଣ୍ଠିର ସୃଷ୍ଟି ଓ ପରିଚାଳନା ପାଇଁ ଜଣେ ଅଭିଯୋଗକାରୀ ପରାମର୍ଶ ଦେଇଥିଲେ ।

**ପଞ୍ଜିକରଣ ଦେୟ:**

୧୧୧) ସିଇଆରସି ନିୟମାବଳୀ, ୨୦୦୯ର ନିୟମ-୨୪(୨) ଅନୁଯାୟୀ, ସବୁ ଶକ୍ତି ଉପଭୋକ୍ତାଙ୍କ ଠାରୁ ଏକକାଳୀନ ପଞ୍ଜିକରଣ ଦେୟ ଆଦାୟ କରାଯିବାର ବ୍ୟବସ୍ଥା ଉପରେ ଜଣେ ଅଭିଯୋଗକାରୀ ପ୍ରସ୍ତାବ ଦେଇଥିଲେ ।

**ଅଭିଯୋଗକାରୀଙ୍କୁ ଓପିଟିସିଏଲ୍ର ଉତ୍ତର (ପରିଚ୍ଛେଦ - ୧୧୨ ରୁ ୧୨୫):**

୧୧୨) ୨୦୧୦-୧୧ ଆ.ବ. ପାଇଁ ଏସ୍ଏଲ୍ଡିସି କାର୍ଯ୍ୟ ନିର୍ବାହନ ଉଦ୍ଦେଶ୍ୟରେ ଏଆର୍ଆର୍ ଏବଂ ବାର୍ଷିକ ଦେୟସମୂହ ଓ ଦେୟ-ଦରସମୂହ ଉପରେ ଅଭିଯୋଗକାରୀଙ୍କର ମତାୟନର ପ୍ରତିକ୍ରିୟା ସ୍ୱରୂପ ଓପିଟିସିଏଲ/ଏସ୍ଏଲ୍ଡିସି ପ୍ରତିଟି ପ୍ରଂସଗ ବିପକ୍ଷରେ ଉତ୍ତର-ଫର୍ଦ୍ଦ ଦାଖଲ କରିଥିଲେ ।

**ଏସ୍ଏଲ୍ଡିସିର କାର୍ଯ୍ୟ ପରିଚାଳନା:**

୧୧୩) ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଗଠିତ କମିଟିର ରିପୋର୍ଟ ଅନୁଯାୟୀ, ବିଦ୍ୟୁତ୍ ଆକ୍ଟ, ୨୦୦୩ ତଥା ଜାତୀୟ ବିଦ୍ୟୁତ୍ ନୀତିର ନିୟମାନୁସାରେ ଲୋଡ୍ ପ୍ରେରଣ କେନ୍ଦ୍ରର ସ୍ୱାଧିନ ନିର୍ବାହନକୁ ତ୍ୱରାନ୍ୱିତ କରିବାକୁ ଉପଯୁକ୍ତ ସରକାର ଆବଶ୍ୟକୀୟ ପଦକ୍ଷେପ ନେବେ । ଭାରତ ସରକାରଙ୍କ ଶକ୍ତି ମନ୍ତ୍ରାଳୟର ଅତିରିକ୍ତ ସଚିବ ଗୀରିଶ ବି.ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିଶ ଅନୁଯାୟୀ, ପ୍ରସଂଗଟି ସଂପ୍ରତି ଓଡ଼ିଶା ସରକାରଙ୍କ ପର୍ଯ୍ୟବେକ୍ଷଣାଧିନ ଅଛି । ତେବେ, ସେ ଯା' ହେଉନା କାହିଁକି, ବିଦ୍ୟୁତ୍ ଆକ୍ଟ, ୨୦୦୩ର ବିଭାଗ ୩୧(୨) ଅଧିନରେ, 'ରାଜ୍ୟ ସରକାରଙ୍କ ବିଜ୍ଞପିତମତେ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ କୌଣସି ପ୍ରାସଂଗିକ ଆକ୍ଟ ଅନୁଯାୟୀ ଗଠିତ / ସ୍ଥାପିତ ଏକ ସରକାରୀ କମ୍ପାନୀ କିମ୍ବା କୌଣସି କର୍ତ୍ତୃପକ୍ଷ କିମ୍ବା ନିଗମ ଦ୍ୱାରା ରାଜ୍ୟ ଲୋଡ଼ ପ୍ରେରଣ କେନ୍ଦ୍ରର କାର୍ଯ୍ୟକ୍ରମର ନିର୍ବାହନ କରାଯିବ ।

**ପ୍ରତିଷ୍ଠାନିକ ସଂରଚନା ଓ କର୍ମଚାରୀଙ୍କ ସଂଖ୍ୟା:**

୧୧୪) ୨୦୧୦-୧୧ ଆ.ବ. ପାଇଁ ଏଆର୍‌ଆର୍ ଏବଂ ଏସ୍‌ଏଲ୍‌ଡିସି ଦେୟ-ଦରସମୂହ ଅନୁମୋଦନ ନିମନ୍ତେ କେଶ୍ ନଂ.-୬୫/୨୦୦୮ରେ ପାରିତ ୨୦.୩.୨୦୦୯ର ଆଦେଶନାମାର ପରିଚ୍ଛେଦ-୨୦୫ରେ ଆୟୋଗଙ୍କର ନିର୍ଦ୍ଦେଶ ଅନୁଯାୟୀ, 'ପୂର୍ବାଞ୍ଚଳ ଲୋଡ଼ ପ୍ରେରଣ କେନ୍ଦ୍ର'ର ସଂରଚନାଗତ ନିୟମ ଅନୁସାରେ ଏସ୍‌ଏଲ୍‌ଡିସିର ୨୦୧୦-୧୧ ଆ.ବ.ର ଏଆର୍‌ଆର୍‌ରେ 'ଶ୍ରମ-ଶକ୍ତି' ବ୍ୟବସ୍ଥା କରାଯାଇଛି । ତେବେ, ଏ ନେଇ ପୂର୍ବାଞ୍ଚଳ ଲୋଡ଼ ପ୍ରେରଣ କେନ୍ଦ୍ରର କୌଣସି ମତ / ମନ୍ତବ୍ୟ ଦେବାର ପ୍ରୟୋଜନ ଅବାଂଛିତ, ଯେଣୁ ଏସ୍‌ଏଲ୍‌ଡିସି 'ପୂର୍ବାଞ୍ଚଳ ଲୋଡ଼ ପ୍ରେରଣ କେନ୍ଦ୍ର' ଅଧିନରେ କାର୍ଯ୍ୟ ପରିଚାଳନା କରୁନାହିଁ ।

୧୧୫) ଓପିଟିସିଏଲ୍ ଏବଂ ଏସ୍‌ଏଲ୍‌ଡିସି ଉଦ୍ଦେଶ୍ୟରେ ଶ୍ରମ-ଶକ୍ତି ସଂରଚନା ଭିତ୍ତିକ ରିପୋର୍ଟ ପ୍ରସ୍ତୁତି ପାଇଁ 'ଜାତୀୟ ଉତ୍ପାଦନ ପରିଷଦ' ଦାୟିତ୍ୱ ଦିଆଯାଇଥିଲା । ଏହି ପରିଷଦ ତା'ର ରିପୋର୍ଟ ଦାଖଲ କରିସାରିଛି, ଯାହା ସଂପ୍ରତି ଓପିଟିସିଏଲ୍‌ର ପରୀକ୍ଷାଧିନ ଅଛି । ଏନ୍‌ପିସି ରିପୋର୍ଟରେ, ନିର୍ଦ୍ଦେଶକ ପାହ୍ୟାର 'ମୁଖ୍ୟ ଲୋଡ୍ ପ୍ରେରକ' ଏବଂ ଏସ୍‌ଏଲ୍‌ଡିସିର ସବୁ ସହାୟକ କର୍ମଚାରୀଙ୍କୁ ସମେତ ସବୁ ପଦବୀଗୁଡ଼ିକୁ ପୂରଣ କରାଯିବାକୁ ପଦକ୍ଷେପକୁ ତ୍ୱରାନ୍ୱିତ କରାଯିବ ।

୧୧୬) ସର୍ବନିମ୍ନ ଆବଶ୍ୟକତାକୁ ବିଚାର କରାଯାଇ, ସଚିବ ସ୍ତରୀୟ କର୍ମଚାରୀଙ୍କର ସଂଖ୍ୟାକୁ ପ୍ରସ୍ତାବିତ ଏଆର୍‌ଆର୍‌ରେ ବ୍ୟବସ୍ଥା କରାଯାଇଛି ।

**'ଶକ୍ତି ବିଲିଂ କେନ୍ଦ୍ର' / 'ଶକ୍ତି ଆକାଉଣ୍ଟିଂ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର' :**

୧୧୭) ଏସ୍‌ଏଲ୍‌ଡିସିରେ ଏସ୍କ (EASSC) କେନ୍ଦ୍ର ପାଇଁ ବ୍ୟୟ ପରିମାଣର ଆଇଟମ୍-ୱାରୀ ପୁଂଖାନୁପୁଂଖତା (୨୦୦୯-୧୦ ଆ.ବ. ପାଇଁ ଏଆର୍‌ଆର୍‌ରେ ଅନୁମୋଦିତ) ସମ୍ପର୍କରେ ଉପସ୍ଥାପନା କରାଯାଇଛି ଯେ, ବ୍ୟୁଲ୍‌ଡ଼ିଂ ଗୁଡ଼ିକର ପୁନରୁଦ୍ଧାର ଉଦ୍ଦେଶ୍ୟରେ ସବୁ ସିଭିଲ୍ ଓ ବୈଦ୍ୟୁତିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଆବଶ୍ୟକୀୟ ହାର୍ଡ଼ୱେର ଓ ସଫ୍‌ଟୱେର କ୍ରୟ ପାଇଁ ପ୍ରକ୍ରିୟାନ୍ୱୟନ ଚାଲିଛି, ଯେଉଁଥିପାଇଁ ଟେଣ୍ଡର ଦିଆସରିଛି । ତେବେ, ୨୦୦୯-୧୦ ଆ.ବ.ର ଶେଷ ସୁଦ୍ଧା ସବୁ କାମ ସରିଯିବା ଆଶା କରାଯାଏ ଏବଂ ତା'ପରେ ଆଇଟମ-ୱାରୀ ବ୍ୟୟର ଚୂଡ଼ାନ୍ତକରଣ କରାଯିବ ।

**ମୂଲ୍ୟ-ହ୍ରାସ:**

୧୧୮) ଯେହେତୁ ଏଆର୍‌ଆର୍‌ରେ ପ୍ରସ୍ତାବିତ ମୁଖ୍ୟ କାର୍ଯ୍ୟସମୂହକୁ ୨୦୧୦-୧୧ ଆ.ବ.ରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ସେହେତୁ ସେକ୍ଟରର ଅଂଶୀଦାରମାନଙ୍କ ଠାରୁ ରାଜସ୍ୱ ଭରଣା ଜରିଆରେ ସେହି ଏକା ବର୍ଷରେ ମୂଲ୍ୟ-ହ୍ରାସ ଆକାରରେ ମୁଖ୍ୟ ବ୍ୟୟସମୂହର ଭରଣା ପାଇଁ ପ୍ରସ୍ତାବ ରଖାଯାଇଛି ।

୧୧୯) ପୂର୍ବାଞ୍ଚଳ ଲୋଡ଼ ପ୍ରେରଣ କେନ୍ଦ୍ରର ଦେୟସମୂହର ପେମେଣ୍ଟ ସମ୍ପର୍କରେ ଉପସ୍ଥାପନା କରାଯାଇଛି ଯେ, ଯେଣୁ ଜାତୀୟ ଲୋଡ଼ ପ୍ରେରଣ କେନ୍ଦ୍ର ଉଦ୍ଦେଶ୍ୟରେ ଶକ୍ତି ଗ୍ରୀଡ୍ ଦ୍ୱାରା କରାଯାଇଥିବା ନିବେଶ ଉଦ୍ଦେଶ୍ୟରେ ରାଜସ୍ୱ ଭରଣା ବାବଦକୁ ଗ୍ରୀଡ୍‌କୋ 'ଜାତୀୟ ଲୋଡ୍ ପ୍ରେରଣ କେନ୍ଦ୍ର' ଦେୟକୁ ପେମେଣ୍ଟ କରୁଛି ଏବଂ ଯେଉଁ ପରିମାଣକୁ ତା'ର ଏଆର୍‌ଆର୍‌ରେ ଅନ୍ତର୍ଭୁକ୍ତ କରାଯିବା କଥା, ତେଣୁ ଏସ୍‌ଏଲ୍‌ଡିସିର କାର୍ଯ୍ୟ ପରିଚାଳନା ପାଇଁ ଓପିଟିସିଏଲ୍‌ର ଏଆର୍‌ଆର୍‌ରେ ସେହି ଦେୟସମୂହକୁ ବିବେଚନା ଭୁକ୍ତ କରାଯାଇନାହିଁ, ବରଂ କେବଳ ନିୟନ୍ତ୍ରଣ କେନ୍ଦ୍ରରେ ବ୍ୟବହୃତ ଆସେଟ୍ ବା ସାମଗ୍ରୀସମୂହର ମୂଲ୍ୟ-ହ୍ରାସ ଜନିତ ବ୍ୟୟ ପରିମାଣକୁ ଏଆର୍‌ଆର୍‌ରେ ପ୍ରସ୍ତାବ କରାଯାଇଛି ।

**ପରିଚାଳନା ଓ ତୁଲାଜମା ବ୍ୟୟ (ଘରଭଡ଼ା ବ୍ୟୟକୁ ବାଦ୍ ଦେଇ):**

୧୨୦) ଏଆର୍‌ଆର୍‌ରେ ପ୍ରସ୍ତାବିତ ମୁ୍ଖ୍ୟ 'ପରିଚାଳନା ଓ ତୁଲାଜମା' ବ୍ୟୟସମୂହ ମଧ୍ୟରେ 'ୱାନ୍' ପାଇଁ ବ୍ୟାଣ୍ଡ-ୱାଇଡ଼ଥ ଦେୟ, 'ଫେସିଲିଟି ମ୍ୟାନେଜମେଣ୍ଟ ସିର୍ଭିସ (ଏଫ୍‌ଏମ୍‌ଏସ୍)', ସ୍କାଡ଼ା/ଇଏମ୍‌ଏସ୍ ଯନ୍ତ୍ରାଦି ପାଇଁ ଏଏମ୍‌ସି, ଏପିଏସ୍ ଯନ୍ତ୍ରାଦି ପାଇଁ ଏଏମ୍‌ସି, ଅପରେଟରଙ୍କର 'ପ୍ରମାଣୀକରଣ ସହିତ ପ୍ରଶିକ୍ଷଣ' ଏବଂ ବିଦ୍ୟୁତ୍ ଦେୟର ପେମେଣ୍ଟ ଆଦି ଅନ୍ତର୍ଭୁକ୍ତ ଅଟେ । ୩୦ଲକ୍ଷ ଟଙ୍କାର ବିଦ୍ୟୁତ ଦେୟକୁ ବାଦ୍ ଦେଇ ଆଉ ସବୁ ଦେୟର ବ୍ୟବସ୍ଥା ରଖିବାକୁ ଅଭିଯୋଗକାରୀ ସହମତି ପ୍ରକାଶ କରିଛନ୍ତି ଏବଂ ପ୍ରଶିକ୍ଷଣ ଜନିତ ବ୍ୟୟକୁ ୫୦ ଲକ୍ଷରୁ ୩୮ ଲକ୍ଷ ଟଙ୍କାକୁ କମାଇ ଦେବାକୁ ପରାମର୍ଶ ଦେଇଛନ୍ତି । ଏଆର୍‌ଆର୍‌ରେ ପ୍ରସ୍ତାବିତ ଅନ୍ୟ ବ୍ୟୟ ଗୁଡ଼ିକ ହେଲା - ଓ'ଆଣ୍ଡଏମ୍ ବ୍ୟୟ, ସିଭିଲ୍ କାର୍ଯ୍ୟଗୁଡ଼ିକର ମରାମତି ଜନିତ ବ୍ୟୟ, ଆର୍‌ଆଣ୍ଡଏମ୍ ବ୍ୟୟ, ଇଆର୍‌ପି ବା 'ଉଦ୍ୟୋଗୀ ସମ୍ବଳ ଖସଡ଼ା' ଜନିତ ବ୍ୟୟ, ଏବଂ ୨୦ ଲକ୍ଷ ଟଙ୍କାର ନୂଆ କମ୍ପ୍ୟୁଟର, ୮ ଲକ୍ଷ ଟଙ୍କାର ସଫ୍‌ଟୱେର ଏବଂ ୧୮ଲକ୍ଷ ଟଙ୍କାର ଭି-ସାଟ୍‌ଫଟୋପିଏର୍ ଆଦି ପାଇଁ ବ୍ୟୟ । ଯେଣୁ, ଏସ୍‌ଏଲ୍‌ଡିସି ପାଇଁ ବ୍ୟୁଲ୍‌ଡିଂ ଓ କଲୋନୀ ଆଦିର ମରାମତି ଓ ତୁଲାଜମା ତଥା କମ୍ପ୍ୟୁଟର ଓ ସଫ୍‌ଟୱେର କ୍ରୟ ନିହାତି ଆବଶ୍ୟକ, ତେଣୁ ଉପରୋକ୍ତ ବ୍ୟୟ ପରିମାଣକୁ ପରିହାର କରିହେବ ନାହିଁ ।

**କର୍ମଚାରୀଙ୍କ ବାବଦ ବ୍ୟୟ:**

୧୨୧) ଚଳିତ ବର୍ଷର ଶେଷ ସୁଦ୍ଧା ସବୁ ପଦବୀକୁ ପୂରଣ କରାଯିବାକୁ ଥିବା ପ୍ରସ୍ତାବମତେ ବିବେଚନା କରି, ଶ୍ରମ ସମ୍ବଳ

**********************

ବ୍ୟୟ-ଭାର ବାବଦକୁ ଓପିଟିସିଏଲ୍ ତା'ର ୨୦୧୦-୧୧ ଆ.ବ.ର ଏଆର୍ଆର୍‌ରେ ୪୪୯.୪୪୯ ଲକ୍ଷ ଟଙ୍କାର ପ୍ରସ୍ତାବ ଦେଇଛି । ତେବେ, କେତେକ ଅଭିଯୋଗକାରୀଙ୍କର ଉପସ୍ଥାପନା ଅନୁଯାୟୀ, ୨୦୧୦-୧୧ ଆ.ବ. ପାଇଁ ଘରଭଡ଼ା ବ୍ୟୟ ପରିମାଣକୁ ବିଚାରଭୁକ୍ତ କରାଯାଇ ପାରିବ ନାହିଁ, କାରଣ ଚଳିତ ବର୍ଷରେ ସବୁ ପଦବୀଗୁଡିକୁ (ସଂରଚନାରେ ପ୍ରସ୍ତାବିତ ମତେ) ପୂରଣ କରାଯାଇନାହିଁ ।

**କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ:**

୧୨୨) ଓପିଟିସିଏଲ୍ ଦର୍ଶାଇଥିଲା ଯେ, ଅଭିଯୋଗକାରୀଙ୍କ ପରାମର୍ଶକ୍ରମେ ୧୧.୭୫%ର ସୁଧ ହାର ପରିବର୍ତ୍ତେ, ଏଆର୍ଆର୍‌ରେ ୧୨%ର ସୁଧ ହାରକୁ ବିବେଚନାକୁ ନିଆଯାଇଛି, ଯାହାକି ମାତ୍ର ୪ଲକ୍ଷ ଟଙ୍କାର ପାର୍ଥକ୍ୟଗତ ପରିମାଣ ଅଟେ ।

**ବଜାର ପରିଚାଳନା ଦେୟ ସମୂହ:**

୧୨୩) ସିଇଆର୍‌ସି ନିୟମାବଳୀର ନିୟମ-୨୩ରେ ନିହିତ ବ୍ୟବସ୍ଥା ଅନୁଯାୟୀ, ଅନ୍ତଃ-ରାଜ୍ୟ ସରବରାହ ଅନୁମତିଧାରୀମାନଙ୍କୁ ବାଦ୍ ଦେଇ ଆଉ ସବୁ ଶକ୍ତି ବ୍ୟବସାୟକାରୀଙ୍କ ଠାରୁ ସମାନ ଭାବେ ବଜାର ପରିଚାଳନା ଦେୟ ଆଦାୟ କରିବାକୁ ପଡିବ । ଓପିଟିସିଏଲ୍ ଦ୍ୱାରା ଦାଖଲ କରାଯାଇଥିବା ଦରଖାସ୍ତରେ, ଶକ୍ତି ବ୍ୟବହାରକାରୀଙ୍କ ପ୍ରକାର-ଭେଦ (ଅର୍ଥାତ୍ 'କ୍ରେତାଙ୍କ ଠାରୁ ବିକ୍ରେତାଙ୍କ ପର୍ଯ୍ୟନ୍ତ)କୁ ବିବେଚନାକୁ ନେଇ ବଜାର ପରିଚାଳନା ଦେୟକୁ ବିଭକ୍ତିକରଣ କରାଯାଇଛି । ପୁନଶ୍ଚ, ୨୦୦୯-୧୦ ଆ.ବ. ପାଇଁ ଏଆର୍ଆର୍‌ରେ (କ୍ରେତାଙ୍କ ଉଦ୍ଦେଶ୍ୟରେ) ମାନ୍ୟବର ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଉଠାଣ ପରିମାଣ ଏବଂ 'ସିଜିପିମାନଙ୍କ ସମେତ ଉତ୍ପାଦନକାରୀମାନଙ୍କର ଉତ୍ପାଦନ କ୍ଷମତା (ବିକ୍ରେତାଙ୍କ ଉଦ୍ଦେଶ୍ୟରେ)କୁ ଭିତ୍ତି କରି ପ୍ରତି କ୍ୟାଟେଗୋରୀ ବା ପ୍ରକାରର ଶକ୍ତି ବ୍ୟବହାରକାରୀଙ୍କ ମଧ୍ୟରେ ବଜାର, ପରିଚାଳନା ଦେୟକୁ ଉପବିଭକ୍ତ କରାଯାଇଛି । ସବୁ ଶକ୍ତି ବ୍ୟବହାରକାରୀଙ୍କ ଠାରୁ ସମାନ ପରିମାଣର ବଜାର ପରିଚାଳନା ଦେୟ ଆଦାୟ କରାଯିବା ନେଇ ଅଭିଯୋଗକାରୀଙ୍କ ଦ୍ୱାରା ଯେଉଁ ଅଭିଯୋଗ ଉତ୍‌ଥାପନ କରାଯାଇଛି, ତାହା ଏହି ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ଯେ, ୧ ରୁ ୫ ମେଗାୱାଟର ଶକ୍ତି ଉତ୍ପାଦନ କରୁଥିବା ଏକ କ୍ଷୁଦ୍ର ଉତ୍ପାଦନକାରୀଙ୍କ ସହ କେବେହେଲେ ତୁଳନା କରାଯାଇପାରିବ ନାହିଁ ।

**କ୍ରେତା ଓ ବିତରକ କମ୍ପାନୀଙ୍କ ମଧ୍ୟରେ 'ପଦ୍ଧତି ପରିଚାଳନା ଦେୟ' (ଏସ୍‌ଓସି) ଏବଂ 'ବଜାର ପରିଚାଳନା ଦେୟ' (ଏମ୍‌ଓସି)ର ଭାଗକରଣ:**

୧୨୪) ସିଇଆରସି (ଆଞ୍ଚଳିକ ଲୋଡ୍ ପ୍ରେରଣ କେନ୍ଦ୍ରର ଦେୟ ଓ ଦେୟ-ଦର ତଥା ଅନ୍ୟାନ୍ୟ ସମ୍ପର୍କିତ ପ୍ରସଂଗସମୂହ) ନିୟମାବଳୀ, ୨୦୦୯ର ନିୟମ-୨୧,୨୨ ଓ ୨୩ରେ ନିହିତ ବ୍ୟବସ୍ଥା ଅନୁଯାୟୀ, ୨୦୧୦-୧୧ ଆ.ବ. ପାଇଁ ଗ୍ରୀଡ୍‌କୋର ଏଆର୍ଆର୍‌ରେ ଅନୁମୋଦିତ ମତେ, ବିତରକ ଅନୁମତିଧାରୀଙ୍କ ଦ୍ୱାରା ଶକ୍ତି ଉଠାଣର ଧାର୍ଯ୍ୟପରିମାଣ (ଲକ୍ଷ ୟୁନିଟରେ)କୁ ବିବେଚନା କରି ଏସ୍‌ଓସି ଏବଂ ଏମ୍‌ଓସିର ହିସାବକୁ କମ୍ପ୍ୟୁଟରୀକୃତ କରାଯାଇଛି; ଯେଣୁ ଚାହିଦାର ବଣ୍ଟନ-ଅଟକଳନ ଅପେକ୍ଷା ଶକ୍ତିର ଉଠାଣ ପ୍ରକ୍ରିୟା ହେଉଛି ଅଧିକ ବାସ୍ତବ-ଆଭିମୁଖ୍ୟ ।

**ପଞ୍ଜିକରଣ ଦେୟ:**

୧୨୫) ସିଇଆରସି ନିୟମାବଳୀ, ୨୦୦୯ର ନିୟମ-୨୪ ଅନୁଯାୟୀ, ପ୍ରତ୍ୟେକ ଶକ୍ତି ବ୍ୟବହାରକାରୀଙ୍କ ଠାରୁ ୧ଲକ୍ଷ ଟଙ୍କା ହାରରେ ଏକକାଳୀନ ପଞ୍ଜିକରଣ ଦେୟ ଆଦାୟକୁ ଏଆର୍ଆର୍ ଦରଖାସ୍ତରେ ଉଲ୍ଲେଖ କରାଯାଇଛି । ଯେଣୁ, ବୃହତ୍ ପରିମାଣର ଶକ୍ତି କିଣାବିକା ପରିଚାଳନା କରୁଥିବା ଆଇଏସ୍‌ଟି ପଦ୍ଧତିର ଶକ୍ତି ବ୍ୟବହାରକାରୀଙ୍କ ପାଇଁ ସିଇଆରସି ନିୟମାବଳୀ ପ୍ରଯୋଜ୍ୟ ଅଟେ । ତେଣୁ ପଞ୍ଜିକରଣ ଦେୟ ପରିମାଣକୁ ୧୦ଲକ୍ଷ ଟଙ୍କାରୁ କମାଇ ଦିଆଯାଇଛି । କିନ୍ତୁ ତୁଳନାତ୍ମକ ଭାବେ ରାଜ୍ୟ ଶୃଙ୍ଖଳା (ପଦ୍ଧତି) ବ୍ୟବହାରକାରୀମାନେ ଅଳ୍ପ ସଂଖ୍ୟକ ଅଟନ୍ତି ।

**ଆୟୋଗ କର୍ମକର୍ତ୍ତାଙ୍କ ଯାଞ୍ଚକାରୀ ପ୍ରଶ୍ନ ବିପକ୍ଷରେ ଓପିଟିସିଏଲ୍ ଉତ୍ତର:**

୧୨୬) ୨୪.୧୨.୨୦୦୯ ତାରିଖର ଚିଠି ନଂ-୧୪୭/୨୦୦୯/୨୯୯୨ ମୂଳେ, ଏସ୍ଏଲ୍‌ଡିସିର ଏଆର୍ଆର୍ ଏବଂ ୨୦୧୦-୧୧ ଆ.ବ. ପାଇଁ ଏସ୍ଏଲ୍‌ଡିସି ବାର୍ଷିକ ଦେୟ ଓ ଦେୟ-ଦର ସମୂହର ଅତିରିକ୍ତ ଦାବୀ ପ୍ରସ୍ତାବ ଉପରେ ଆୟୋଗଙ୍କ କର୍ମକର୍ତ୍ତାମାନେ କେତେକ ଯାଞ୍ଚକାରୀ ପ୍ରଶ୍ନ ଉଠାଇ ସ୍ୱଷ୍ଟିକରଣ ଏବଂ ଅତିରିକ୍ତ ସୂଚନା ଚାହିଁଥିଲେ । ଏହାର ଉତ୍ତରରେ ଓପିଟିସିଏଲ୍ ନିମ୍ନଲିଖିତ ସ୍ୱଷ୍ଟିକରଣ ଓ ଅତିରିକ୍ତ ସୂଚନା ପ୍ରଦାନ କରିଥିଲା ।

**ଓଇଆର୍‌ସିଙ୍କ ରୋଡ଼-ମ୍ୟାପ୍‌ରେ ଉଲ୍ଲେଖିତ ସ୍ଥାନ ନିରୂପଣ ସ୍ଥିତି ଓ ଭିତ୍ତି:**

୧୨୭)	୪.୮.୨୦୦୭ ତାରିଖର ଚିଠି ନଂ-୧୩୧୩ ମୂଳେ ଏସ୍‌ଏଲ୍‌ଡିସିର କାର୍ଯ୍ୟସୂଚୀ ପରିଚାଳନା ଉଦ୍ଦେଶ୍ୟରେ ବାର୍ଷିକ ଦେୟ ଓ ପରିଚାଳନା ଦେୟ-ଦରସମୂହର ଅତିରିକ୍ତ ଦାବୀ ପାଇଁ ଓଇଆରସି ଏକ ରୋଡ଼ ମ୍ୟାପ୍ ପ୍ରଦାନ କରିଥିଲେ ଏବଂ ଓଇଆର୍‌ସିଙ୍କ ଦ୍ୱାରା ପ୍ରସ୍ତାବିତ ଗୁରୁତ୍ୱପୂର୍ଣ୍ଣ-ନିରୂପିତ ସ୍ଥାନସମୂହ ଓ ସମୟ-ସାରଣୀ ନିମ୍ନ ପ୍ରକାରର ଅଟେ ।

(କ) ୩୧.୮.୨୦୦୭ର ବିଜ୍ଞପ୍ତି ମୂଳେ, ଓପିଟିସିଏଲ୍ ଅଧୀନରେ ଏସ୍‌ଏଲ୍‌ଡିସି ଏକ ସାଧୀନ ଓ ସ୍ୱୟଂସମ୍ପୂର୍ଣ୍ଣ ସଂସ୍ଥାନ ଭାବେ କାର୍ଯ୍ୟ ପରିଚାଳନା କରିବା ଉଦ୍ଦେଶ୍ୟରେ (ଓଡ଼ିଶା ସରକାରଙ୍କ ୨୦୦୫ର ଦାୟିତ୍ୱ ହସ୍ତାନ୍ତରଣ ସ୍କିମର ଅନୁସରଣ ପୂର୍ବକ) ମଞ୍ଚେଶ୍ୱରଠାରେ ଥିବା ୟୁନିଫାଏଡ ଷ୍ଟେଟ୍ ଲୋଡ୍ ଡେସ୍‌ପାଚ ସେଣ୍ଟର ସବୁ ଆସେଟ୍, ଭୁବନେଶ୍ୱର, ମେରାମୁଣ୍ଡଳୀ, ଜୟନଗର ଓ ବୁଢ଼ୀପଦରଠାରେ ଥିବା ଜମି, ବ୍ୟୁଲ୍‌ଡ଼ିଂ, କାରଖାନା ଏବଂ ଷ୍ଟେଟ୍ ଲୋଡ୍ ଡେସ୍‌ପାଚ ସେଣ୍ଟର ତଥା ସବ୍-ଲୋଡ୍ ଡେସ୍‌ପାଚ ସେଣ୍ଟରର ସବୁ ଆନୁଷଙ୍ଗିକ ଓ ସମ୍ପର୍କିତ ସାମଗ୍ରୀ (ଯନ୍ତ୍ରାଦି)କୁ ଏସ୍‌ଏଲ୍‌ଡିସି ହସ୍ତାନ୍ତରଣ ।

(ଖ) ୩୧.୮.୨୦୦୭ର ବିଜ୍ଞପ୍ତି ମୂଳେ, ଆବଶ୍ୟକୀୟ କର୍ମକର୍ତ୍ତା, ସଫ୍‌ଟୱେର ଏବଂ ହାର୍ଡୱେରର ବ୍ୟବସ୍ଥା କରି ସେକ୍ଟରର ସବୁ ଅଂଶଦାରଙ୍କ ଦ୍ୱାରା ବିଲିଂ ଓ ପେମେଣ୍ଟ ପାଇଁ ମାସିକିଆ ରାଜ୍ୟ ଶକ୍ତି ଆକାଉଣ୍ଟିଂ, ସାପ୍ତାହିକ ୟୁଆଇ ଏବଂ ପାରମାଣବିକ ଶକ୍ତି ଆକାଉଣ୍ଟିଂ (ଉଭୟ ବ୍ୟବସ୍ଥା - ସାପେକ୍ଷ ଓ ଚୂଡ଼ାନ୍ତ)ର ପ୍ରସ୍ତୁତି ଉଦ୍ଦେଶ୍ୟରେ 'ଶକ୍ତି ବିଲିଂ କେନ୍ଦ୍ର'ର ସ୍ଥାପନା ।

(ଗ) ୩୧.୮.୨୦୦୭ର ବିଜ୍ଞପ୍ତିମୂଳେ, ପିଜିସିଆଇଏଲ୍‌କୁ ୟୁଏଲ୍‌ଡିସିର ଦେୟ ସମ୍ପର୍କିତ ସବୁ ନଥି/ପିପିଏ ଏସ୍‌ଏଲ୍‌ଡିସିକୁ ହସ୍ତାନ୍ତରଣ ।

ଆୟୋଗଙ୍କର ସଦୟ ବିଚାର ନିମନ୍ତେ ଉପଲିଖିତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବସମୂହର ରାଜ୍ୟ ତାରିଖାନୁସାରୀ ଆଇନଗତ ସ୍ଥିତି ଓ ଭିତ୍ତିକୁ ଦାଖଲ କରିବାକୁ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା ।

୧୨୮)	ଉପରୋକ୍ତ ପରିଚ୍ଛେଦ-୧୨୭ରେ ଉଲ୍ଲେଖିତ ଯାଞ୍ଚକାରୀ ପ୍ରସ୍ତାବ ଓ ପ୍ରଶ୍ନର ପ୍ରତିକ୍ରିୟା ସ୍ୱରୂପ ଓପିଟିସିଏଲ୍ ନିମ୍ନଲିଖିତ ଉତ୍ତରକୁ ଉପସ୍ଥାପନା କରିଥିଲା ।

(କ) ଏସ୍‌ଏଲ୍‌ଡିସିର ସବୁ ଆସେଟ୍‌କୁ ସୂଚିତ କରାଯାଇଛି । ଏହି ଆସେଟ୍‌ସମୂହର ଦାମ୍ ନିର୍ଦ୍ଧାରଣ ଓ ଏସ୍‌ଏଲ୍‌ଡିସିକୁ ହସ୍ତାନ୍ତରଣ ପ୍ରକ୍ରିୟା ଜାରି ରହିଛି । ତେବେ ମଞ୍ଚେଶ୍ୱର ଠାରେ ଥିବା ୟୁନିଫାଏଡ ଲୋଡ଼ ପ୍ରେରଣ କେନ୍ଦ୍ର ଏବଂ ସବ୍-ଲୋଡ୍ ପ୍ରେରଣ କେନ୍ଦ୍ରସମୂହର ସବୁ ଆସେଟ୍‌ର ହସ୍ତାନ୍ତରଣ କାର୍ଯ୍ୟ କରାଯିବାକୁ ଆହୁରି ବାକି ଅଛି ।

(ଖ) ଏସ୍‌ଏଲ୍‌ଡିସି ଠାରେ ଶକ୍ତି ବିଲିଂ କେନ୍ଦ୍ର ସଂସ୍ଥାପନା ଉଦ୍ଦେଶ୍ୟରେ ସିଭିଲ୍ କାର୍ଯ୍ୟ ସମେତ ସବୁ ସଂରଚନାଗତ ପ୍ରକ୍ରିୟା ଶେଷ ହୋଇଛି । ଆବଶ୍ୟକୀୟ ହାର୍ଡୱେର ଓ ସଫ୍‌ଟୱେର କ୍ରୟ ପାଇଁ ଟେଣ୍ଡର ଦେବା କାର୍ଯ୍ୟ ଶେଷ ହୋଇଛି ଏବଂ ଏହି ଆର୍ଥିକ ବର୍ଷ ୨୦୦୯-୧୦ରେ ହାର୍ଡୱେର ଓ ସଫ୍‌ଟୱେର କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଯିବା ଆଶା କରାଯାଏ ।

୧୨୯)	ମୁଖ୍ୟ ବ୍ୟୟ ସମୂହ ଏବଂ ଲୋଡ୍ ପ୍ରେରଣ କେନ୍ଦ୍ରଗୁଡିକରେ କର୍ମଚାରୀ ଓ ଅଧିକାରୀ ସ୍ତରୀୟ ପଦବୀଗୁଡିକର ପୂରଣ ସମ୍ପର୍କିତ ପ୍ରସଂଗ ଉପରେ ଟାସ୍କ ଫୋର୍ସ କମିଟିର ରିପୋର୍ଟରେ ସୁପାରିଶ ଅନୁଯାୟୀ, ନିୟନ୍ତ୍ରଣ କେନ୍ଦ୍ର (ଏସ୍‌ଏଲ୍‌ଡିସି) ପାଇଁ ଅଭିଳଷିତ ଆସେଟ୍‌ସବୁକୁ ଏସ୍‌ଏଲ୍‌ଡିସି ହସ୍ତାନ୍ତରଣ କରିବାକୁ ପଡିବ । ୟୁଏଲ୍‌ଡିସି ପ୍ରୋଜେକ୍ଟ ଉପରେ ଶକ୍ତୀ ଗ୍ରୀଡ୍ ଦ୍ୱାରା ନିବେଶିତ ଅବଶିଷ୍ଟ ପରିମାଣର ଭରଣାର ବ୍ୟବସ୍ଥାକୁ ଏସ୍‌ଏଲ୍‌ଡିସିର ଏଆର୍‌ଆର୍‌ରେ ରଖାଯିବ ।

**ଉତ୍ପାଦନକାରୀ ଓ ବିକ୍ରେତାଙ୍କ ଠାରୁ ପଦ୍ଧତି ପରିଚାଳନା ଦେୟସମୂହର ଆଦାୟ:**

୧୩୦)	ସିଇଆରସି ନିୟମାବଳୀ, ୨୦୦୯ର ନିୟମ-୨୨ ଅନୁଯାୟୀ, ଉତ୍ପାଦନକାରୀ କମ୍ପାନୀମାନଙ୍କ ଠାରୁ ପଦ୍ଧତି ପରିଚାଳନା ଦେୟକୁ ସେମାନଙ୍କର ଉତ୍ପାଦନ କ୍ଷମତା 'ପରିମାଣ' କିମ୍ବା ଚୁକ୍ତି ଭିତ୍ତିକ କ୍ଷମା (ପରିମାଣ) (ସ୍ଥିତି ଯେମିତି ହୋଇଥିବ)ର ଅନୁପାତ ଭିତ୍ତିରେ ଆଦାୟ କରାଯିବ । ୩୦.୧୧.୨୦୦୯ରେ ଓପିଟିସିଏଲ୍ ଦାଖଲ କରିଥିବା ଏଆର୍‌ଆର୍‌ର ପୃଷ୍ଠା-୧୪ ଓ ୧୫ରେ ଉତ୍ପାଦନକାରୀ କମ୍ପାନୀ ଏବଂ ବିକ୍ରେତାଙ୍କ ସମ୍ପର୍କରେ ଉଲ୍ଲେଖ କରିଥିଲା, ଯହିଁରୁ ଜାଣିବାକୁ ମିଳିଛି ଯେ, ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ଓଡ଼ିଶାର ଭାଗ ସମ୍ପର୍କରେ ସେ ଉଲ୍ଲେଖ କରିନାହିଁ ଏବଂ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟକୁ ଏକ ଉତ୍ପାଦନକାରୀ ଭାବେ ମଧ ବିବେଚନା କରିନାହିଁ । ଏଭଳି ସ୍ଥିତି/ଉଲ୍ଲେଖ ସମ୍ପର୍କରେ ସ୍ପଷ୍ଟିକରଣ ଦେବାକୁ ଅବଶ୍ୟକ ଓପିଟିସିଏଲ୍‌କୁ କୁହାଯାଇଛି ।

୧୩୧)	ଆୟୋଗଙ୍କର ଏଭଳି ଯାଚଞ୍ଚାର ଉତ୍ତରରେ ଓପିଟିସିଏଲ୍ କହିଥିଲା ଯେ, ରାଜ୍ୟ ଉତ୍ପାଦନକାରୀ ଓ ବିକ୍ରେତାଙ୍କ ଉଦ୍ଦେଶ୍ୟରେ ପଦ୍ଧତି ପରିଚାଳନା ଦେୟକୁ ଲାଗୁ କରାଯାଇଛି । ଯେହେତୁ, ରାଜ୍ୟ ଉତ୍ପାଦକଙ୍କ ଶ୍ରେଣୀରେ ମାଛକୁଣ୍ଡ ପାୱାର ହାଉସ୍ ଆସୁନାହିଁ ଏବଂ ମାଛକୁଣ୍ଡ ଉତ୍ପାଦନର ୩୦% ପରିମାଣ ଗ୍ରୀଡ୍‌କୋ ପାଉଛି ତଥା କ୍ରୟ ଭିତ୍ତିରେ ୨୦% ପାଉଛି, ସେହେତୁ ମାଛକୁଣ୍ଡ ଉପରେ ପଦ୍ଧତି ପରିଚାଳନା ଦେୟ ଲାଗୁ କରିବାକୁ ସେ ବିବେଚନା କରିନାହିଁ ।

**ସ୍ୱଳ୍ପମିଆଦୀ ମୁକ୍ତ ପ୍ରବେଶ ଉପଭୋକ୍ତାଙ୍କ ଠାରୁ ଦରଖାସ୍ତ ଫି' ଏବଂ ସୂଚୀକରଣ ଦେୟ ଆଦାୟ ସମ୍ପର୍କରେ :**

୧୩୨) ସ୍ୱଳ୍ପକାଳୀନ ମୁକ୍ତ ପ୍ରବେଶ ଉପଭୋକ୍ତାଙ୍କ ଠାରୁ ପ୍ରତି ଦରଖାସ୍ତ ପିଛା ୫ ହଜାର ଟଙ୍କାର ଦରଖାସ୍ତ ଫି' ଏବଂ ଦୈନିକ ୨ ହଜାର ଟଙ୍କା କିମ୍ବା ୨ ହଜାର ଟଙ୍କାର କିୟଦଂଶ ସୂଚୀକରଣ ଦେୟ ବାବଦକୁ ଆଦାୟ କରିବାକୁ ଓପିଟିସିଏଲ୍ ୨୦୧୦-୧୧ ଆ.ବ. ପାଇଁ ତା'ର ଏଆର୍‌ଆର୍ ଆବେଦନ ପତ୍ରର ପୃଷ୍ଠା - ୧୨ରେ ପ୍ରସ୍ତାବ ଦେଇଛି । ୨୦୦୮-୦୯ ଆ.ବ. ଓ ୨୦୦୯-୧୦ ଆ.ବ. (୨୦୦୯ ଏପ୍ରିଲ ରୁ ନଭେମ୍ବର)ରେ ସ୍ୱଳ୍ପ ମିଆଦୀ ମୁକ୍ତ ପ୍ରବେଶ ଉପଭୋକ୍ତାଙ୍କ ଠାରୁ ଏଭଳିକ ଦରଖାସ୍ତ ଫି' ଓ ସୂଚୀକରଣ ଦେୟ ଆଦାୟ ଜନିତ ରସିଦକୁ ଦାଖଲ କରିବାକୁ ଆୟୋଗ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି ।

୧୩୩) ଉପରୋକ୍ତ ପରିଚ୍ଛେଦ-୧୩୨ରେ ଆୟୋଗଙ୍କ ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଓପିଟିସିଏଲ୍ କହିଥିଲା ଯେ, ୧.୪.୨୦୦୯ ଠାରୁ ୩୦.୧୧.୨୦୦୯ ସମୟ ଅବଧି ମଧ୍ୟରେ ସ୍ୱଳ୍ପକାଳୀନ ଉପଭୋକ୍ତାଙ୍କ ଠାରୁ ସେ ଯେଉଁ ଦରଖାସ୍ତ ଫି' ଓ ସୂଚୀକରଣ ଦେୟ ଆଦାୟ କରିଥିଲା, ତା'ର ପରିସଂଖ୍ୟାନକୁ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

ସାରଣୀ - ୧୬

**ପଞ୍ଜିକରଣ ଦେୟ ଆଦାୟ ସମ୍ପର୍କରେ.........**

୧୩୪) ପଞ୍ଜିକରଣ ଦେୟ ବାବଦକୁ ସବୁ ଉପଭୋକ୍ତାଙ୍କ ଠାରୁ ୧ଲକ୍ଷ ଟଙ୍କା ଆଦାୟ ହୋଇଥିବା କଥା ଓପିଟିସିଏଲ୍ ୨୦୧୦-୧୧ ଆ.ବ. ପାଇଁ ତା'ର ଏଆର୍‌ଆର୍ ଦରଖାସ୍ତର ପୃଷ୍ଠା-୧୨ରେ ଉଲ୍ଲେଖ କରିଛି । ଶକ୍ତି ବ୍ୟବହାରକାରୀଙ୍କ ଠାରୁ ଏହି ୧ଲକ୍ଷ ଟଙ୍କାର ପଞ୍ଜିକରଣ ଦେୟ ଆଦାୟର ଔଚିତ୍ୟ ସମ୍ପର୍କରେ ସ୍ପଷ୍ଟ କରିବାକୁ ଓପିଟିସିଏଲ୍‌କୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

୧୩୫) ଏହାର ଉତ୍ତରରେ ଓପିଟିସିଏଲ ଦର୍ଶାଇଥିଲା ଯେ, ସିଇଆର୍‌ସି ନିୟମାବଳୀର ବ୍ୟବସ୍ଥା-୨୪ ଅନୁଯାୟୀ, ସବୁ ଉପଭୋକ୍ତା ଯେଉଁମାନଙ୍କର ସୂଚୀକରଣ, ମିଟରିଂ ଓ ଶକ୍ତି ଆକାଉଣ୍ଟିଂ ଆଞ୍ଚଳିକ ଲୋଡ୍ ଡେସ୍‌ପାଚ ସେଣ୍ଟର ଦ୍ୱାରା ସମନ୍ୱିତ ହେବାକୁ ପଡିଥାଏ । ସେମାନେ ଏହି ନିୟମାବଳୀରେ ଆପେଣ୍ଡିକ୍ସ-** ଭାବରେ ନିର୍ଦ୍ଧାରିତ ଫର୍ମାଟରେ ଦରଖାସ୍ତ ଦାଖଲ କରି ସମ୍ପୃକ୍ତ ଆଞ୍ଚଳିକ ଲୋଡ୍ ପ୍ରେରଣ କେନ୍ଦ୍ର ସହ ନିଜକୁ ପଞ୍ଜିକରଣ କରିବେ । ପଞ୍ଜିକରଣ ପାଇଁ ଦରଖାସ୍ତ ଦେବାକୁ ହେଲେ ଏକକାଳୀନ ୧୦ଲକ୍ଷ ଟଙ୍କା ଦେବାକୁ ପଡିବ। ସେହି ଅନୁଯାୟୀ, ଓପିଟିସିଏଲ୍ ପଦ୍ଧତି ସହ ଅନୁବନ୍ଧିତ ସବୁ ଉପଭୋକ୍ତାଙ୍କ ଠାରୁ ୧ଲକ୍ଷ ଟଙ୍କା ଆଦାୟ କରାଯିବାର ବ୍ୟବସ୍ଥା ରଖାଯାଇଛି, ଯେଣୁ ଏସ୍‌ଏଲ୍‌ଡିସିକୁ ପ୍ରାୟତଃ ଶକ୍ତି ଆକାଉଣ୍ଟିଂ ଓ ମିଟରିଂ ତଥ୍ୟାବଳୀକୁ ତୁଳାଇବାକୁ ପଡିଥାଏ ।

**ଏସ୍‌ଏଲ୍‌ଡିସିର ନିୟନ୍ତ୍ରଣକୁ ଉପ-ଲୋଡ ପ୍ରେରଣ କେନ୍ଦ୍ରର ହସ୍ତାନ୍ତରଣ:**

୧୩୬) ୨୦.୩.୨୦୦୯ର ଆୟୋଗଙ୍କ ଆଦେଶନାମାର ପରିଚ୍ଛେଦ-୨୦୩ ଓ ୨୦୪ ଅନୁଯାୟୀ, ଭୁବନେଶ୍ୱର, ମେରାମୁଣ୍ଡଳୀ, ଜୟନଗର ଓ ବୁଢ଼ୀପଦରଠାରେ ଥିବା ଉପ-ଲୋଡ୍ ପ୍ରେରଣ କେନ୍ଦ୍ର/ଅତିରିକ୍ତ ଲୋଡ୍ ପ୍ରେରଣ କେନ୍ଦ୍ରଗୁଡିକୁ ଯଥାଶୀଘ୍ର ଓପିଟିସିଏଲ୍ ଏସ୍‌ଏଲ୍‌ଡିସିକୁ ହସ୍ତାନ୍ତର କରିବା ଉଚିତ ଏବଂ ଉପ-ଲୋଡ୍ ପ୍ରେରଣକେନ୍ଦ୍ର ସମ୍ପର୍କିତ ସବୁ ବ୍ୟୟଭାରକୁ ଏସ୍‌ଏଲ୍‌ଡିସିକୁ ବହନ କରିବାକୁ ପଡିବ । ଏହି ପ୍ରସଂଗରେ ଅଦ୍ୟ- ତାରିଫ ପର୍ଯ୍ୟନ୍ତ ସ୍ଥିତିର ବିବରଣୀକୁ ଦାଖଲ କରିବାକୁ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି ।

୧୩୭) ଉପରୋକ୍ତ ପରିଚ୍ଛେଦ-୧୩୬ରେ ଆୟୋଗଙ୍କ ଯାଚଞ୍ଚାର ଉତ୍ତରରେ ଓପିଟିସିଏଲ୍ କହିଥିଲା ଯେ, ସଂପ୍ରତି ଉପ-ଲୋଡ୍ ପ୍ରେରଣ କେନ୍ଦ୍ରଗୁଡିକ ତଥ୍ୟ ସଂଗ୍ରହ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛନ୍ତି । ତେବେ, ବର୍ତ୍ତମାନର ଏଆର୍‌ଆର୍‌ରେ ଉପରୋକ୍ତ ତଥ୍ୟ ସଂଗ୍ରହ କେନ୍ଦ୍ରମାନଙ୍କରେ ଅଧିକାରୀ ସ୍ତରୀୟ କର୍ମଚାରୀଙ୍କର ନିଯୁକ୍ତି ବ୍ୟବସ୍ଥା କରାଯାଇ ପାରିଛି ।

**ମୁଖ୍ୟ ଲୋଡ୍ ପ୍ରେରକ ଭାବରେ ନିର୍ଦ୍ଦେଶକଙ୍କ ନିଯୁକ୍ତି ଏବଂ ଅନ୍ୟାନ୍ୟ ଅଧିକାରୀବୃନ୍ଦ:**

୧୩୮) ଆୟୋଗଙ୍କ ୨୦.୩.୨୦୦୯ର ଆଦେଶନାମାର ପରିଚ୍ଛେଦ-୨୦୫ ଓ ୨୦୬ ଅନୁଯାୟୀ, ଓପିଟିସିଏଲ୍‌କୁ ନିଶ୍ଚିତ ହେବାକୁ ପଡିବ ଯେ, ନିର୍ଦ୍ଦେଶକ ପାହ୍ୟାର ଜଣେ ମୁଖ୍ୟ ଲୋଡ୍ ପ୍ରେରକ ଏସ୍‌ଏଲ୍‌ଡିସିର ତତ୍ତ୍ୱାବଧାନ କରୁଥିବା ଉଚିତ ଏବଂ ପୂର୍ବାଞ୍ଚଳ ଲୋଡ୍‌ପ୍ରେରଣ କେନ୍ଦ୍ର ସହ ସମକକ୍ଷ ଭାବେ ୨୦୦୯-୧୦ ଆ.ବ.ରେ ୮୧ଜଣ କର୍ମଚାରୀ ଓ ଅଧିକାରୀ ରହିଥିବା ଉଚିତ । କାରଣ ଏହି ମୁଖ୍ୟ ଲୋଡ୍ ପ୍ରେରକ, ଅଧିକାରୀବୃନ୍ଦ ଓ କର୍ମଚାରୀମାନେ ଗ୍ରୀଡ୍ ନିର୍ବାହନର ୩ଟି ଲେଖାଏଁ ପୃଥକ୍ ଶାଖା ଥିବା ଏସ୍‌ଏଲ୍‌ଡିସିର ସବୁପ୍ରକାର ନିର୍ବାହନ ତଥା ବ୍ୟବସାୟିକ ଓ ବାର୍ତ୍ତା- ଯୋଗାଯୋଗକୁ ପରିଚାଳନା ଓ ନିୟନ୍ତ୍ରଣ କରିବେ । ଏହି ପ୍ରସଂଗରେ ଏକ ସନ୍ତୋଷଜନକ ରିପୋର୍ଟ ପ୍ରଦାନ କରିବାକୁ ଓପିଟିସିଏଲ୍‌କୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

୧୩୯)   ଉପରୋକ୍ତ ପରିଚ୍ଛେଦ-୧୩୮ରେ ଆୟୋଗଙ୍କ ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଓପିଟିସିଏଲ୍ ଦର୍ଶାଇଥିଲା ଯେ, ଓପିଟିସିଏଲ୍ ତଥା ଏସ୍ଏଲ୍ଡିସିର ଶ୍ରମ-ସମ୍ବଳ ସଂରଚନା ଉପରେ ଏକ ରିପୋର୍ଟ ପ୍ରସ୍ତୁତି ପାଇଁ ଏନ୍ପିସିକୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ଉପରୋକ୍ତ ପରାମର୍ଶଦାତା ତାଙ୍କର ରିପୋର୍ଟ ଉପସ୍ଥାପନ କରିଛନ୍ତି । ଗ୍ରୀଡ୍ ପରିଚାଳନା, ବ୍ୟବସାୟିକ ଓ ବାର୍ତ୍ତା-ଯୋଗାଯୋଗ ଉଦ୍ଦେଶ୍ୟରେ, ନିର୍ଦ୍ଦେଶକ ପାହ୍ୟାର ଜଣେ ମୁଖ୍ୟ ଲୋଡ୍ ପ୍ରେରକ ଏବଂ ଅଧିକାରୀ ବୃନ୍ଦଙ୍କର ବ୍ୟବସ୍ଥାକୁ ଉପରୋକ୍ତ ସଂରଚନାରେ ରଖାଯାଇଛି, ଯାହାକୁ ଓପିଟିସିଏଲ୍ ଅନୁମୋଦନ ଦେବାକୁ ପଡିବ ।

**ବିତରକ କମ୍ପାନୀ ଓ କ୍ରେତାଙ୍କ ଠାରୁ 'ପଦ୍ଧତି ପରିଚାଳନା ଦେୟ' (*) ଆଦାୟ:**

୧୪୦)   ସିଇଆରସି ନିୟମାବଳୀ, ୨୦୦୯ର ନିୟମ-୨୨ ଅନୁଯାୟୀ, ଆନ୍ତଃ-ରାଜ୍ୟ ସରବରାହ ଅନୁମତିଧାରୀ, ଉତ୍ପାଦନକାରୀ ଷ୍ଟେସନସମୂହ ଓ ବିକ୍ରେତା, ବିତରକ ଅନୁମତିଧାରୀ ଓ କ୍ରେତାଙ୍କ ଠାରୁ ପଦ୍ଧତି ପରିଚାଳନା ଦେୟ ଆଦାୟ କରିବାକୁ ପଡିଥାଏ । ଓପିଟିସିଏଲ୍ ତା'ର ଏଆର୍ଆର୍ ଦରଖାସ୍ତର ପୃଷ୍ଠା-୧୩ରେ କେବଳ ବିତରକ ଅନୁମତିଧାରୀମାନଙ୍କର ନାମ ଉଲ୍ଲେଖ କରିଛି ଏବଂ ଅନ୍ୟାନ୍ୟ କ୍ରେତାଙ୍କ ସମ୍ପର୍କରେ ଉଲ୍ଲେଖ କରିନାହିଁ । ତେଣୁ, ୨୦୦୯-୧୦ ଆ.ବ.ରେ ଆନ୍ତଃ-ରାଜ୍ୟ ସରବରାହ ଶୃଙ୍ଖଳା ବ୍ୟବହାର କରିଥିବା ବିତରକ କମ୍ପାନୀଙ୍କ ବାଦ୍ କ୍ରେତାଙ୍କ ତାଲିକାକୁ ଖଚିତ କରିବାକୁ ଓପିଟିସିଏଲ୍କୁ ନିର୍ଦ୍ଦେଶ ଦିଆଯାଇଛି ।

୧୪୧)   ଉପରୋକ୍ତ ପରିଚ୍ଛେଦ-୧୪୦ରେ ଆୟୋଗଙ୍କ ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଓପିଟିସିଏଲ୍ କହିଥିଲା ଯେ, ବିତରକ କମ୍ପାନୀଙ୍କ ବାଦ୍ ରାଜ୍ୟରେ 'ନାଲ୍କୋ' ଓ 'ଇମ୍ଫା' ନାମଧାରୀ ଆଉ ୨ଜଣ କ୍ରେତା ଅଛନ୍ତି । ଯେଉଁମାନେ କି ଓପିଟିସିଏଲ୍ ଶୃଙ୍ଖଳା ଜରିଆରେ ସେମାନଙ୍କର ନିଜ କ୍ୟାପ୍ଟିଭ ଜେନେରେଟିଂ ୟୁନିଟରୁ ଶକ୍ତି ଘୂର୍ଣ୍ଣନ କରି ଆଣୁଛନ୍ତି ଏବଂ ସେଥିପାଇଁ ସେମାନେ କେବଳ ଘୂର୍ଣ୍ଣନଦେୟ ହିଁ ଦେଉଛନ୍ତି । ଏହି ଦୃଷ୍ଟିରୁ, ଏହି ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷ ଦ୍ୱୟଙ୍କୁ 'କ୍ରେତା' ଭାବରେ ବିବେଚନା କରାଯାଇନାହିଁ ।

**୨୦୦୯-୧୦ ଆ.ବ. ପାଇଁ ଏସ୍ଏଲ୍ଡିସି ବ୍ୟୟ ସମୂହ(ନଭେମ୍ବର, ୨୦୦୯ ପର୍ଯ୍ୟନ୍ତ):**

୧୪୨)   ୨୦୦୯-୧୦ ଆ.ବ.ର ଏଆର୍ଆର୍ରେ, ଏସ୍ଏଲ୍ଡିସିର ପରିଚାଳନା ଦେୟ ଜରିଆରେ ଭରଣା କରାଯିବାକୁ ଏସ୍ଏଲ୍ଡିସି ଉଦ୍ଦେଶ୍ୟରେ ଆୟୋଗ ୯.୬୬ କୋଟି ଟଙ୍କାର ଏକ ପରିମାଣକୁ ଅନୁମୋଦନ ଦେଇଥିଲେ । ୨୦୦୯, ନଭେମ୍ବର ପର୍ଯ୍ୟନ୍ତ ଆଇଟମ-ୱାରୀ, ଯଥା- କର୍ମଚାରୀଙ୍କ ବାବଦକୁ ବ୍ୟୟ, ଅତିରିକ୍ତ ପରିପୂରକ ପରିମାଣ, ମରାମତି ଓ ତୁଳାଜମା, ଯୁକ୍ତିସଂଗତ ଲାଭାଂଶ ଫେରସ୍ତ ପରିମାଣ, ମୂଲ୍ୟ-ହ୍ରାସ ପରିମାଣ, ଋଣ ଉପରେ ସୁଧ ତଥା ଋଇଝଝଉ/ଋଇଉର ସଂରଚନାଗତ ଉନ୍ନୟନ ଓପିଟିସିଏଲ୍କୁ କୁହାଯାଇଛି ।

୧୪୩)   ଉପରୋକ୍ତ ପରିଚ୍ଛେଦ-୧୪୨ରେ ଆୟୋଗଙ୍କ ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଓପିଟିସିଏଲ୍ ଦର୍ଶାଇଥିଲା ଯେ, ୨୦୦୯-୧୦ ଆ.ବ.ର ନଭେମ୍ବର, ୨୦୦୯ ପର୍ଯ୍ୟନ୍ତ ଆଇଟମ୍-ୱାରୀ ପ୍ରକୃତ ବ୍ୟୟ ପରିମାଣର ବିବରଣୀ ନିମ୍ନ ସାରଣୀରେ ପ୍ରଦର୍ଶନ କରାଯାଇଛି ।

**୨୦୧୦-୧୧ ଆ.ବ. ପାଇଁ ୫୦ ଲକ୍ଷ ଟଙ୍କାର ପ୍ରଶିକ୍ଷଣ ଉଦ୍ଦେଶ୍ୟିତ ବ୍ୟୟ ପରିମାଣର ବ୍ୟବସ୍ଥା:**

୧୪୪)   ଚଳିତ ବର୍ଷ, ଅର୍ଥାତ୍ ୨୦୦୯-୧୦ ଆ.ବ. ପାଇଁ ୧୧୫ଲକ୍ଷ ଟଙ୍କାର ଏକ ଅନୁମୋଦିତ ପରିମାଣ ବିପକ୍ଷରେ ୨୦୧୦-୧୧ ଆ.ବ. ପାଇଁ ଓପିଟିସିଏଲ୍ 'ପ୍ରଶାସନିକ ଓ ସାଧାରଣ' ବ୍ୟୟ ପରିମାଣ ମଧ୍ୟରେ ପ୍ରଶିକ୍ଷଣ ବ୍ୟୟ ବାବଦକୁ ୫୦ ଲକ୍ଷ ଟଙ୍କାର ଏକ ପରିମାଣକୁ ଅନ୍ତର୍ଭୁକ୍ତ କରିଛି । ୫୦ ଲକ୍ଷ ଟଙ୍କାର ଏଭଳି ଏକ ବ୍ୟୟ-ପ୍ରସ୍ତାବ ସପକ୍ଷରେ ପୁଂଖାନୁପୁଂଖତା ଦାଖଲ କରିବାକୁ ଓପିଟିସିଏଲ୍କୁ କୁହାଯାଇଛି ।

୧୪୫)   ଏହର ଉତ୍ତରରେ ଓପିଟିସିଏଲ୍ ଦର୍ଶାଇଛି ଯେ, ଭାରତ ସରକାରଙ୍କ ଶକ୍ତି ମନ୍ତ୍ରାଳୟ ଦ୍ୱାରା 'ପଦ୍ଧତି ପରିଚାଳନା ଓ ଲୋଡ୍ ପ୍ରେରଣ କେନ୍ଦ୍ରସମୂହର ସ୍ୱଚ୍ଛତା ଉଦ୍ଦେଶ୍ୟରେ ଶ୍ରମ-ସମ୍ବଳ ପ୍ରମାଣୀକରଣ ଓ ପାରିତୋଷିକତା' ଉପରେ ଗଠିତ କମିଟିର ସୁପାରିଶ ଅନୁଯାୟୀ, ଏସ୍ଏଲ୍ଡିସିର ସବୁ କର୍ମକର୍ତ୍ତା 'ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ' (*) ଠାରେ ସର୍ବନିମ୍ନ ସ୍ତରୀୟ ପ୍ରଶିକ୍ଷଣ ଓ 'ପ୍ରମାଣୀକରଣ' ହାସଲ କରିବେ । ତେଣୁ, ୨୦୧୦-୧୧ ଆ.ବ.ରେ ଏସ୍ଏଲ୍ଡିସିର ସବୁ କର୍ମକର୍ତ୍ତାଙ୍କୁ ଉପରୋକ୍ତ ପ୍ରଶିକ୍ଷଣ ଓ ପ୍ରମାଣୀକରଣ ହାସଲ କରାଇବାର ଲକ୍ଷ୍ୟ ରଖାଯାଇ ଏଆର୍ଆର୍ରେ ୫୦ ଲକ୍ଷ ଟଙ୍କାର ପ୍ରସ୍ତାବ ଖଚିତ କରାଯାଇଛି ।

**ମରାମତି ଓ ତୁଳାଜମାର ବ୍ୟବସ୍ଥା:**

୧୪୬)   ୨୦୦୯-୧୦ ଆ.ବ.ରେ ୦.୦୬ କୋଟି ଟଙ୍କାର ଆର୍ଆଣ୍ଡଏମ୍ ବ୍ୟୟ ବିପକ୍ଷରେ ୨୦୧୦-୧୧ ଆ.ବ. ପାଁ ୨.୦୨ କୋଟି ଟଙ୍କା ପ୍ରଦର୍ଶନର ଭିତ୍ତିକୁ ବୁଝାଇ କରିବାକୁ ଓପିଟିସିଏଲ୍କୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ପୁନଶ୍ଚ, ୨୦୧୦-୧୧ ଆ.ବ. ପାଇଁ ଏଭଳି ଏକ ବଡ଼ ପରିମାଣର ଆବଶ୍ୟକତା ଯୁକ୍ତିଯୁକ୍ତ ଓ ନ୍ୟାୟୋଚିତ ବୋଲି ଏସ୍ଏଲ୍ଡିସି ମଧ୍ୟ ସ୍ୱଷ୍ଟ କରିବା ବାଞ୍ଛନୀୟ ଅଟେ ।

୨୪୭)	ଆୟୋଗଙ୍କ ପ୍ରଶ୍ନର ଉତ୍ତରରେ ଓପିଟିସିଏଲ୍ କହିଥିଲା ଯେ, ଏଆର୍‌ଆର୍‌ରେ ପୃଷ୍ଠା - ୧୯ (ଫର୍ମ-୭-ଗ)ରେ ଆର୍ ଆଣ୍ଡ ଏମ୍ ବାବଦକୁ ପ୍ରଦର୍ଶିତ ବ୍ୟୟ ପରିମାଣର ପୁଂଖାନୁପୁଂଖତାକୁ ଉଲ୍ଲେଖ କରାଯାଇଛି । ବିତରକ କମ୍ପାନୀମାନଙ୍କର ସବୁ ଅନ୍ତଃ-ସଂଯୋଗ ପଏଣ୍ଟରୁ ମିଟରିଂ ତଥ୍ୟାବଳୀର ସଂଗ୍ରହଣ ଉଦ୍ଦେଶ୍ୟରେ ଆବଶ୍ୟକୀୟ 'ପ୍ରଶସ୍ତ କ୍ଷେତ୍ର ନେଟ୍‌ୱର୍କ'ର ସଂସ୍ଥାପନା ପାଇଁ 'ବ୍ୟାଣ୍ଡ-ୱାଇଡ୍‌ଥ୍', 'ଫେସିଲିଟଇ ମ୍ୟାନେଜମେଣ୍ଟ ସର୍ଭିସି' (ଏଫ୍‌ଏମ୍‌ଏସ୍) ବ୍ୟବସ୍ଥା, ସ୍ଥାଡ଼ା ପାଇଁ ଏଏମ୍‌ସି ଦେୟ ଏବଂ ଏପିଏମ୍ ସାମଗ୍ରୀ ସମୂହ ଏହି ଆର୍ ଆଣ୍ଡ ଏମ୍ ବ୍ୟୟ ପରିମାଣ ମଧ୍ୟରେ ଅନ୍ତର୍ଭୁକ୍ତ, ଯାହାକୁ ୨୦୦୯-୧୦ ଆ.ବ.ର ଏଆର୍‌ଆର୍‌ରେ ବିବେଚନା କରାଯାଇନାହିଁ ।

**୧୮.୨.୨୦୧୦ର ଶୁଣାଣି ସମୟରେ ନିର୍ଦ୍ଦେଶକ (ଟାରିଫ)ଙ୍କ ଦ୍ୱାରା ଉଦ୍ରେକିତ ଯାଞ୍ଚକାରୀ ପ୍ରଶ୍ନସମୂହ ବିପକ୍ଷରେ ଓପିଟିସିଏଲ୍‌ର ଉତ୍ତର (ପରିଚ୍ଛେଦ ୧୪୮ରୁ ୧୬୪):**

୧୪୮)	ମାମଲା ସଂଖ୍ୟା - ୧୪୬/୨୦୦୯ରେ ୨୦୧୦-୧୧ ଆ.ବ. ପାଇଁ 'ରାଜ୍ୟ ଲୋଡ୍ ପ୍ରେରଣ କେନ୍ଦ୍ର' ଉଦ୍ଦେଶ୍ୟରେ 'ବାର୍ଷିକ ରାଜସ୍ୱ ଆବଶ୍ୟକତା' ଏବଂ ବାର୍ଷିକ ଦେୟ ଓ ଦେୟ-ଦର ସମୂହ ଅନୁମୋଦନ ନିମନ୍ତେ ଓପିଟିସିଏଲ୍‌ର ଆବେଦନ ପତ୍ରର ଶୁଣାଣି ସମୟରେ ନିର୍ଦ୍ଦେଶକ (ଟାରିଫ), ଓଇଆର୍‌ସି ଏସ୍‌ଏଲ୍‌ଡିସିର ଉତ୍ତରକୁ ଅପେକ୍ଷା ରଖି କେତେକ ଯାଞ୍ଚକାରୀ ପ୍ରଶ୍ନ ଉତ୍‌ଥାପନ କରିଥିଲେ । ନିମ୍ନଲିଖିତ ପରିଚ୍ଛେଦମାନଙ୍କରେ ଉଲ୍ଲେଖମତେ କିଛି ଅତିରିକ୍ତ ସୂଚନା ସହ ଓପିଟିସିଏଲ୍ ସେହିସବୁ ପ୍ରଶ୍ନର ସ୍ପଷ୍ଟୀକରଣ ଉପସ୍ଥାପନା କରିଥିଲା ।

**'ଶକ୍ତି ବିଲିଂ କେନ୍ଦ୍ର' / 'ଶକ୍ତି ଆକାଉଣ୍ଟିଂ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର'ର ସଂସ୍ଥାପନା:**

୧୪୯)	ଆୟୋଗଙ୍କର ରୋଡ଼୍ ମ୍ୟାପ୍ ଅନୁଯାୟୀ, ସଫଟ୍‌ୱେର ଏବଂ ହାର୍ଡ଼ୱେରର ଆବଶ୍ୟକୀୟ କର୍ମକର୍ତ୍ତାଙ୍କୁ ବ୍ୟାପୃତ କରାଇ ସେକ୍ଟରର ସବୁ ଅଂଶୀଦାରଙ୍କ ସକାଶେ ବିଲିଂ ଓ ପେମେଣ୍ଟ ଉଦ୍ଦେଶ୍ୟରେ ମାସିକିଆ ରାଜ୍ୟ ଶକ୍ତି ଆକାଉଣ୍ଟିଂ, ସାପ୍ତାହିକ ୟୁଆଇ ଏବଂ ସାପ୍ତାହିକ ପାରମାଣବିକ ଶକ୍ତି ଆକାଉଣ୍ଟର ପ୍ରସ୍ତୁତି ସକାଶେ ୩୧.୮.୨୦୦୭ ଠାରୁ ଋଈଉ/ଋଇଝଝଉର କାର୍ଯ୍ୟ ଆରମ୍ଭ ହେବାର ଥିଲା । ଆୟୋଗଙ୍କର ଏହି ପ୍ରଶ୍ନର ଜବାବରେ ଏସ୍‌ଏଲ୍‌ଡିସି ୧୧.୧.୨୦୧୦ରେ ଋଇଝଝଉର କାର୍ଯ୍ୟକ୍ରମ ସମ୍ପର୍କରେ ନିମ୍ନମତେ ଉତ୍ତର ଦେଇଥିଲା ।

"ଏସ୍‌ଏଲ୍‌ଡିସି ଠାରେ EASSCe ସଂସ୍ଥାପନା ପାଇଁ ସିଭିଲ୍ କାର୍ଯ୍ୟ ସମେତ ସବୁ ସଂରଚନାଗତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଆବଶ୍ୟକୀୟ ହାର୍ଡୱେର ଓ ସଫ୍‌ଟୱେର କ୍ରୟ ପାଇଁ ଟେଣ୍ଡର ଦେବା ପ୍ରକ୍ରିୟା ଶେଷ ହୋଇଛି ଏବଂ ୨୦୦୯-୧୦ ଆର୍ଥିକ ବର୍ଷରେ କ୍ରୟ-ପ୍ରକ୍ରିୟା ଆରମ୍ଭ କରାଯିବାର ଆଶା କରାଯାଏ ।"

ତେବେ, EBC/EASSCe କାର୍ଯ୍ୟ ଶୁଭାରମ୍ଭର ସଠିକ ସମୟ-ସୀମା ଏସ୍‌ଏଲ୍‌ଡିସି ଦାଖଲ କରିବା ଉଚିତ ।

୧୫୦)	ଉତ୍ତରରେ ଏସ୍‌ଏଲ୍‌ଡିସି ଦର୍ଶାଇଥିଲା ଯେ, ସୁଇଚ ଓ ସର୍ଭର ସମେତ ଆବଶ୍ୟକୀୟ ହାର୍ଡ଼ୱେରର ଯୋଗାଣ ପାଇଁ କ୍ରୟ ଅର୍ଡ଼ର ସ୍ଥାନିତ ହୋଇଛି । ମାର୍ଚ୍ଚ, ୨୦୧୦ ସୁଦ୍ଧା ସର୍ଭର ଓ ଆନୁଷଙ୍ଗିକ ହାର୍ଡ଼ୱେର ମିଳିଯିବା ଆଶା କରାଯାଏ । 'ପ୍ରଶସ୍ତ କ୍ଷେତ୍ର ନେଟ୍‌ୱର୍କ'ର ସଂସ୍ଥାପନା ପରେ ମିଟରିଂ ତଥ୍ୟାବଳୀର ଅନ୍-ଲାଇନ୍ ସଂଗ୍ରହଣ କରାଯାଇ ପାରିବ, ଯାହା ଅନ୍ୟୁନ ୬ ମାସ ସମୟ ନେବ । ତେବେ, ୨୦୧୦ ଏପ୍ରିଲ୍ ସୁଦ୍ଧା ଉପଲବ୍ଧ ହାର୍ଡ଼ୱେର ସହିତ ଶକ୍ତି ଆକାଉଣ୍ଟିଂ କାର୍ଯ୍ୟ ହାତକୁ ନିଆଯିବ ।

**ଏସ୍‌ଏଲ୍‌ଡିସି ନିୟନ୍ତ୍ରଣକୁ ଉପ-ଲୋଡ୍ ପ୍ରେରଣ କେନ୍ଦ୍ର ସମୂହର ହସ୍ତାନ୍ତରଣ:**

୧୫୧)	ଭୁବନେଶ୍ୱର, ମେରାମୁଣ୍ଡଳୀ, ଜୟନଗର ଓ ବୁଢ଼ୀପଦର ଠାରେ ଥିବା ଉପ-ଲୋଡ୍ ପ୍ରେରଣ କେନ୍ଦ୍ରସମୂହର ସବୁ ଆସେଟ୍‌କୁ ଯଥାଶୀଘ୍ର ଏସ୍‌ଏଲ୍‌ଡିସିକୁ ହସ୍ତାନ୍ତରଣ ପାଇଁ ଆୟୋଗ ୨୦.୩.୨୦୦୯ର ଆଦେଶନାମାର ପରିଚ୍ଛେଦ-୨୦୩ ମୂଳେ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦେଇଥିଲେ । ଏହାର ଉତ୍ତରରେ ଏସ୍‌ଏଲ୍‌ଡିସି ୧୧.୧.୨୦୧୦ରେ ସୂଚାଇଥିଲା ଯେ, ଏସ୍‌ଏଲ୍‌ଡିସିର ସବୁ ଆସେଟ୍‌ର ଚିହ୍ନଟକରଣ କାର୍ଯ୍ୟ ସରିଛି ଏବଂ ତଥାପି ସେ ସବୁ ଏସ୍‌ଏଲ୍‌ଡିସି ନିୟନ୍ତ୍ରଣକୁ ଆସିବାକୁ ବାକି ଅଛି । ତେବେ ଏସବୁ ଉପ-ଲୋଡ୍ ପ୍ରେରଣ କେନ୍ଦ୍ରର ଆସେଟ୍‌କୁ ଏସ୍‌ଏଲ୍‌ଡିସିକୁ ହସ୍ତାନ୍ତରଣ ପାଇଁ ଓପିଟିସିଏଲ୍ ନିର୍ଦ୍ଦିଷ୍ଟ ସମୟ-ସୀମା ଦେବା ଉଚିତ ।

୧୫୨)	ଏଭଳି ପ୍ରଶ୍ନର ଉତ୍ତରରେ, ଏସ୍‌ଏଲ୍‌ଡିସି ଉପସ୍ଥାପନ କରିଥିଲା ଯେ, ବୁଢ଼ୀପଦର, ମେରାମୁଣ୍ଡଳୀ ଓ ଜୟନଗର ଠାରେ ଥିବା ଏସ୍‌ଏଲ୍‌ଡିସି ଏବଂ ଉପ-ଏଲ୍‌ଡିସିର ଆସେଟ୍‌ସମୂହକୁ ଚିହ୍ନଟ କରାଯାଇସାରିଛି । ୨୦୧୦-୧୧ ଆ.ବ.ରେ ହସ୍ତାନ୍ତରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଯିବ ।

**ଏସ୍‌ଏଲ୍‌ଡିସିରେ ମୁଖ୍ୟ ଲୋଡ୍ ପ୍ରେରକ ଓ ଅନ୍ୟ ଅଧିକାରୀଙ୍କ ନିଯୁକ୍ତି:**

୧୫୩)	ଆୟୋଗ ତାଙ୍କର ୨୦.୩.୨୦୦୯ର ଆଦେଶନାମାର ପରିଚ୍ଛେଦ ୨୦୫ ଓ ୨୦୬ରେ ଓପିଟିସିଏଲ୍‌କୁ ନିଶ୍ଚିତ ହେବାକୁ ନିର୍ଦ୍ଦେଶ ଦେଇଥିଲେ ଯେ, ନିର୍ଦ୍ଦେଶକ ପାହ୍ୟାର ଜଣେ ମୁଖ୍ୟ ଲୋଡ୍ ପ୍ରେରକ ଏସ୍‌ଏଲ୍‌ଡିସିର ମୁଖ୍ୟ ଅଧିକାରୀ ହେବା ଉଚିତ । ଏହା ବାଦ୍, ଅନ୍ୟାନ୍ୟ ଆନୁଷଙ୍ଗିକ ସହାୟକ ସେବା ସାଧନ ସହିତ ପୂର୍ବାଞ୍ଚଳ ଲୋଡ୍ ପ୍ରେରଣ କେନ୍ଦ୍ରରେ ନିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କ ନିଯୁକ୍ତି (୮୧ଜଣ) ଦ୍ୱାରାରେ

ଏସ୍ଏଲ୍ଡିସିର ଗ୍ରୀଡ୍ ନିର୍ବାହନ ତଥା ବ୍ୟବସାୟିତକ ଓ ବାର୍ତ୍ତା ଯୋଗାଯୋଗର ୩ଟି ପୃଥକ୍ ଶାଖା ସ୍ଥାପିତ ହୋଇଥିବା ଉଚିତ । ଏହା ନ ହୋଇଥିଲେ ୪ ମାସ ମଧ୍ୟରେ, ଅର୍ଥାତ୍ ୨୦, ଜୁଲାଇ, ୨୦୦୯ ସୁଦ୍ଧା ଏହି ଶାଖା ୩ଟି ସ୍ଥାପନ କରାଯିବା ଜରୁରୀ ଆବଶ୍ୟକତା ଅଟେ । ଏହା ହୋଇ ପାରିଲେ, ଶକ୍ତି ମନ୍ତ୍ରାଳୟର ଗିରୀଶ ବି.ପ୍ରଧାନଙ୍କ ସୁପାରିଶ ଅନୁଯାୟୀ, ଏସ୍ଏଲ୍ଡିସି ଏକ 'ସ୍ୱାଧୀନ ପଦ୍ଧତି ନିର୍ବାହକ' ଭାବେ କାର୍ଯ୍ୟ ପରିଚାଳନା କରିବାକୁ ସ୍ୱୟଂସମ୍ପୂର୍ଣ୍ଣ ଓ ସମର୍ଥ ହୋଇପାରିବ । ଏ ପ୍ରସଂଗରେ ଏସ୍ଏଲ୍ଡିସି ତା'ର ସାଂପ୍ରତିକ ସ୍ଥିତିକୁ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିବା ବାଞ୍ଛନୀୟ ।

୧୫୪) ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଏସ୍ଏଲ୍ଡିସି ଉପସ୍ଥାପନ କରିଥିଲା ଯେ, ଓପିଟିସିଏଲ୍ ତଥା ଏସ୍ଏଲ୍ଡିସିର ଶ୍ରମ-ସମ୍ବଳ ସଂରଚନା ଉପରେ ଏକ ରିପୋର୍ଟ ପ୍ରସ୍ତୁତି ପାଇଁ ଏନ୍ପିସିକୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ଉପରୋକ୍ତ ପରାମର୍ଶଦାତା ତାଙ୍କର ରିପୋର୍ଟ ଦାଖଲ କରିଛନ୍ତି । ଗ୍ରୀଡ୍ ନିର୍ବାହନ ତଥା ବ୍ୟବସାୟିକ ଓ ବାର୍ତ୍ତା ଯୋଗାଯୋଗ ଭଳି ଆନୁଷଙ୍ଗିକ ସହାୟକ ସେବା ସାଧନ ଉଦ୍ଦେଶ୍ୟରେ ନିର୍ଦ୍ଦେଶକ ପାହ୍ୟାର ଜଣେ ମୁଖ୍ୟ ଲୋଡ୍ ପ୍ରେରକ ଓ ଅନ୍ୟାନ୍ୟ ଅଧିକାରୀଙ୍କର ନିଯୁକ୍ତି ବ୍ୟବସ୍ଥାକୁ ଉପରୋକ୍ତ ସଂରଚନାରେ ସ୍ଥାନ ଦିଆଯାଇଛି, ଯାହା କି ଓପିଟିସିଏଲ୍ର ସକ୍ରିୟ ଓ ଆଶୁ ବିବେଚନା ଅପେକ୍ଷାରେ ଅଛି । ତେବେ, ରିପୋର୍ଟର ଅନୁମୋଦନ ପରେ ସବୁ ଆବଶ୍ୟକୀୟ ପଦବୀଗୁଡିକ ପୂରଣ କରାଯିବ ।

**ଏସ୍ଏଲ୍ଡିସି ୱେବ୍ସାଇଟ:**

୧୫୫) ଆୟୋଗ ତାଙ୍କର ୨୦.୩.୨୦୦୯ର ଆଦେଶନାମା ମୂଳେ, ୨୦୦୯, ମେ'୨୦ ମଧ୍ୟରେ ଏସ୍ଏଲ୍ଡିସି ତା'ର ନିଜର ୱେବ୍ସାଇଟ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଏସ୍ଏଲ୍ଡିସି ତା'ର ନିଜର ୱେବ୍ସାଇଟ୍ ସ୍ଥିତି ଓ ଭିତ୍ତି ସମ୍ପର୍କରେ ଉପସ୍ଥାପନ କରିପାରେ ଏବଂ ସେକ୍ଟରର ସବୁ ଅଂଶୀଦାରଙ୍କର ସୂଚନା ନିମନ୍ତେ ସିଇଆରସି/ଓଇଆରସି ନିୟମାବଳୀ ଅନୁଯାୟୀ ତଥ୍ୟ ପ୍ରସାର କରିପାରେ ।

୧୫୬) ଏହାର ଉତ୍ତରରେ ଏସ୍ଏଲ୍ଡିସି ଦର୍ଶାଇଥିଲା ଯେ, ଏସ୍ଏଲ୍ଡିସି ୱେବ୍ସାଇଟ ସୃଷ୍ଟି କରାଯାଇ ସାରିଛି ଓ ଯଥା-ସ୍ଥାନିତ କରାଯାଇଛି । ସାପ୍ତାହିକ/ମାସିକ/ବାର୍ଷିକ ପଦ୍ଧତି ନିର୍ବାହନ ଜନିତ ରିପୋର୍ଟ ସମୂହର ପ୍ରସାରଣ ୱେବ୍ସାଇଟ୍ରେ କରାଯାଉଛି । ସିଇଆର୍ସି ଓଇଆର୍ସି ନିୟମାବଳୀ ଅନୁଯାୟୀ, ଅନ୍ୟାନ୍ୟ ରିପୋର୍ଟ/ତଥ୍ୟସମୂହର ପ୍ରସାରଣ ୨୦୧୦ ଏପ୍ରିଲ,୧ ରୁ କରାଯିବ ।

**୧୪.୧.୨୦୧୦ର ଶକ୍ତି ନିୟମାବଳୀ ଉପରେ ଓଇଆରସି ଆଚରଣ ବିଧିର ଉଲଂଘନ:**

୧୫୭) ୮.୧.୨୦୧୦ର ଜନଶୁଣାଣି ବେଳେ ଏସ୍ଏଲ୍ଡିସି ଉପସ୍ଥାପନ କରିଥିଲା ଯେ, ବିତରକ କମ୍ପାନୀମାନେ ନିୟମିତ ଭାବେ ସିଡ୍ୟୁଲକୁ ଉଲଂଘନ କରିଆସୁଥିଲେ ଏବଂ ସେମାନଙ୍କର ଯଥା-ଉଦ୍ଦିଷ୍ଟ ପରିମାଣ ଠାରୁ ଅଧିକ ପରିମାଣର ଶକ୍ତି ଉଠାଣ କରୁଥିଲେ । ଫଳରେ ରାଜ୍ୟକୁ କେନ୍ଦ୍ରୀୟ ଗ୍ରୀଡ୍ରୁ ଉଠାଣ-ଆଧିକ୍ୟର ସମ୍ମୁଖୀନ ହେବାକୁ ପଡୁଥିଲା । ଏପରିକି ଅନେକ ସମୟରେ ରାଜ୍ୟକୁ ନିମ୍ନ ମାନର ଫ୍ରିକ୍ୟୁଏନ୍ସିର ଶୀକାର ହେବାକୁ ମଧ୍ୟ ପଡୁଥିଲା, ଯେଉଁଥିପାଇଁ ପୂର୍ବାଞ୍ଚଳ ଲୋଡ୍ ପ୍ରେରଣ କେନ୍ଦ୍ର ଅନେକ କଟକଣା ଜାରି କରିଛନ୍ତି । ବିଦ୍ୟୁତ୍ ଆକ୍ଟର ବିଭାଗ-୨୩ ଅଧିନରେ, ରାଜ୍ୟରେ ଶକ୍ତି ନିୟନ୍ତ୍ରଣ ଉପରେ ୧୪.୧.୨୦୧୦ର ଆଦେଶନାମାରେ ଆୟୋଗ ଆଦେଶନାମା (ଆଚରଣବିଧି) ଜାରି କଲେ, ଯାହା ୧୫.୦୧.୨୦୧୦ ଠାରୁ ଲାଗୁ କରାଯିବା ଉଚିତ ହୋଇଥା'ନ୍ତା । ୧୫, ଜାନୁଆରୀ, ୨୦୧୦ରୁ ୭,ଫେବୃଆରୀ, ୨୦୧୦ ମଧ୍ୟରେ ଏସ୍ଏଲ୍ଡିସିର ଅନ୍-ଲାଇନ୍ ତଥ୍ୟାବଳୀରୁ ଜାଣିବାକୁ ମିଳିଛି ଯେ, ୧୪.୧.୨୦୧୦ର ଶକ୍ତି ନିୟମାବଳୀ ଉପରେ ଆଚରଣ ବିଧିର ଉଲଂଘନ ଯୋଗୁ ସବୁ ବିତରକ କମ୍ପାନୀ ଅନୁବନ୍ଧ ପରିମାଣ ଠାରୁ ଅଧିକ ଉଠାଣ କରିଛନ୍ତି, ଯାହାର ପରିଣାମଗତ ୟୁଆଇ ପ୍ରତିଫଳନ ନିମ୍ନ ସାରଣୀରୁ ଜାଣି ହେବ ।

ଅତଏବ, ଶକ୍ତି ନିୟମାବଳୀ ଉପରେ ଆୟୋଗଙ୍କ ଆଦେଶନାମାର ଉଲଂଘନ ସମ୍ପର୍କରେ କାରଣ ଦର୍ଶାଇବାକୁ ଏସ୍ଏଲ୍ଡିସିକୁ କୁହାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏସ୍ଏଲ୍ଡିସିର ଏଭଳି ଆଚରଣ ବିଧି ଉଲଂଘନ ଦ୍ୱାରା ବିତରକ କମ୍ପାନୀମାନେ ୮୦.୧୫୯ ଲକ୍ଷ ୟୁନିଟର ଶକ୍ତିର ଅଧିକ ଉଠାଣ କରିଛନ୍ତି ଏବଂ ଏହାର ୟୁଆର ପ୍ରତିଫଳନ ହେଉଛି ୨୯.୮୦ କୋଟି ଟଙ୍କା ।

୧୫୮) ଆୟୋଗଙ୍କ ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଏସ୍ଏଲ୍ଡିସି ଦର୍ଶାଇଥିଲା ଯେ, ବିଦ୍ୟୁତ୍ ଆକ୍ଟ, ୨୦୦୩ର ବିଭାଗ-୨୩ ଅଧିନରେ ରାଜ୍ୟରେ ଶକ୍ତି ନିୟମାବଳୀ ଉପରେ ମାମଲା ସଂଖ୍ୟା୧/୨୦୧୦ରେ ପାରିତ ୧୪.୧.୨୦୧୦ର ଆଦେଶନାମା ମୂଳେ ଓଇଆର୍ସିଙ୍କର ନିର୍ଦ୍ଦେଶମତେ ଏବଂ ଆନ୍ତଃ-ରାଜ୍ୟ ଏବିଟି 'ଅଭ୍ୟାସ ଅନୁଶୀଳନୀ'ର ପ୍ରବର୍ତ୍ତନ ଉଦ୍ଦେଶ୍ୟରେ ଅନୁଷ୍ଠିତ ସଦ୍ୟ ବିଗତ ବୈଠକର ନିଷ୍ପତ୍ତି ଅନୁଯାୟୀ, ସବୁ ଶକ୍ତି ଉତ୍ସରୁ ରାଜ୍ୟର ଶକ୍ତି ଉପଲବ୍ଧତାକୁ ବିଚାରକୁ ନେଇ ଏସ୍ଏଲ୍ଡିସି ବିତରକ କମ୍ପାନୀଙ୍କ ପାଇଁ 'ଗୋଟିଏ ଦିନର ଆଗୁଆ ଉଠାଣ ସିଡ୍ୟୁଲ'କୁ ପ୍ରସ୍ତୁତ କରୁଛନ୍ତି ଓ ବିତରକ କମ୍ପାନୀଙ୍କ ଉଦ୍ଦେଶ୍ୟରେ ପଠାଇବାକୁ ଯାଉଛନ୍ତି । ପୁନଶ୍ଚ, ରିଏଲ୍ ଟାଇମ ଭିତ୍ତିରେ, ଉତ୍ପାଦନର ଯୋଗକରଣ/ବିଯୋଗକରଣ କ୍ଷେତ୍ରରେ ସିଡ୍ୟୁଲ୍ର ସଂଶୋଧନ ମଧ୍ୟ କରାଯାଉଛି ।

୧୫୯) ଏସ୍ଏଲ୍ଡିସି ପୁନଶ୍ଚ ଉପସ୍ଥାପନ କରିଥିଲା ଯେ, ସେମାନଙ୍କର ସୂଚୀଭୁକ୍ତ ପରିମାଣ ଅନୁସାରେ ବିତରକ କମ୍ପାନୀମାନେ ଶକ୍ତି ଉଠାଣ କରିବାର ଆଶା କରାଯାଏ । ତେବେ, ନିଅଣ୍ଟିଆ ପରିସ୍ଥିତିରେ, ଉପରୋକ୍ତ ଆଦେଶନାମାରେ ଉଲ୍ଲିଖିତ ଗାଇଡ୍ ଲାଇନ୍ ଅନୁଯାୟୀ, ବିତରକ କମ୍ପାନୀମାନଙ୍କୁ ସେମାନଙ୍କର ଯଥା-ଉଦ୍ଦିଷ୍ଟ ଅଞ୍ଚଳମାନଙ୍କରେ ଲୋଡ୍ କଟକଣା କରିବାକୁ ପଡିବ । ଉପରୋକ୍ତ ଆଦେଶନାମାର ପରିଚ୍ଛେଦ-୯ରେ

ନିର୍ଦ୍ଦେଶିତମତେ, ଉପଭୋକ୍ତାଙ୍କୁ ଶକ୍ତି ଯୋଗାଣ କରୁଥିବା ଫିଡରମାନଙ୍କୁ ଅଙ୍ଗୁଳି-ଇଙ୍ଗିତ କରିବା ଅବଶ୍ୟ ଏସ୍‌ଏଲ୍‌ଡିସି ପକ୍ଷରେ ଉଚିତ ହେବ ନାହିଁ, କିନ୍ତୁ ଯଦି ସମ୍ପୃକ୍ତ ଶିଳ୍ପସଂସ୍ଥାଗତ ଉପଭୋକ୍ତା ବାରମ୍ବାର ସତର୍କ ସୂଚନା ପାଇବା ପରେ ଏସ୍‌ଏଲ୍‌ଡିସିର ନିର୍ଦ୍ଦେଶ/ପରାମର୍ଶକୁ ମାନି ନ ଚଳନ୍ତି, ତେବେ ସେ କ୍ଷେତ୍ରରେ ଏସ୍‌ଏଲ୍‌ଡିସି ତାହା କରି ପାରିବେ । ଆଦେଶନାମାର ପରିଚ୍ଛେଦ-୪ ପୁନଶ୍ଚ ବ୍ୟକ୍ତ କରେ ଯେ, "ଯଦି ଇଏଚଟିରେ ଶକ୍ତି ଉପଯୋଗ କରୁଥିବା କୌଣସି ଶିଳ୍ପସଂସ୍ଥାଗତ ଉପଭୋକ୍ତା ଆଇଟିସି ଚାହିଦା କଟକଣାକୁ ବାହାରି ଯିବାକୁ ଚାହାନ୍ତି, ତେବେ ସେମାନେ ବିତରକ କମ୍ପାନୀ ଓ ଗ୍ରୀଡ୍‌କୋକୁ ତାଙ୍କର ଆଭିମୁଖ୍ୟର ଲିଖିତ ବୟାନ ଦେବା ଉଚିତ......."।

୧୬୦) ଏସ୍‌ଏଲ୍‌ଡିସି, ତେଣୁ ଉପସ୍ଥାପନା ଦର୍ଶାଇଛି ଯେ, ଏଚଟିରେ ଶକ୍ତି ଉଠାଣ କରୁଥିବା ଶିଳ୍ପ ସଂସ୍ଥାଗତ ଉପଭୋକ୍ତାଙ୍କର ଉଠାଣକୁ ତତ୍ତ୍ୱାବଧାନ କରିବାକୁ ଏସ୍‌ଏଲ୍‌ଡିସିର କୌଣସି କ୍ଷମତା ପରିସର ନାହିଁ, ଯେଣୁ ସେମାନେ ସ୍ଲାଡ଼ା ଅଧୀନସ୍ଥ ନୁହନ୍ତି । ଇଏଚଟିରେ ଶକ୍ତି ଉଠାଣ କରୁଥିବା ଶିଳ୍ପସଂସ୍ଥାଗୁଡିକ ସମ୍ପର୍କରେ କୁହାଯାଇପାରେ ଯେ, କେବଳ ସ୍ଲାଡ଼ା ଅଧୀନସ୍ଥ ଶିଳ୍ପ ସଂସ୍ଥାଗୁଡିକର ତତ୍ତ୍ୱାବଧାନ କରାଯାଇ ପାରିବ । ତେବେ, ସେହି ସବୁ ଶିଳ୍ପ ସଂସ୍ଥାର ଇଚ୍ଛାମତ ଓ ଚୁକ୍ତିଚାହିଦା ବିତରକ କମ୍ପାନୀଙ୍କ ଠାରୁ ଏସ୍‌ଏଲ୍‌ଡିସିକୁ ପାଇବାକୁ ତଥାପି ବାକି ଅଛି ।

**୨୦୦୯-୧୦ଆ.ବ. (ଜାନୁଆରୀ, ୨୦୧୦ ପର୍ଯ୍ୟନ୍ତ)ରେ ସବୁ ଆଦାୟ ଓ ବ୍ୟୟ ପରିମାଣର ମାସିକିଆ ନେଣ-ଦେଣ:**

୧୬୧) ୨୦୦୯-୧୦ ଆ.ବ. ପାଇଁ ଏସ୍‌ଏଲ୍‌ଡିସିର ନିର୍ବାହନ ଦେୟ ବାବଦକୁ ସମୁଦାୟ ୯.୬୬ କୋଟି ଟଙ୍କାର ପରିମାଣକୁ ଆୟୋଗ ଅନୁମୋଦନ କରିଥିଲେ । ୨୦୦୯-୧୦ ଆ.ବ. ପାଇଁ (ଜାନୁଆରୀ, ୨୦୧୦ ପର୍ଯ୍ୟନ୍ତ) ପ୍ରକୃତ-ଭିତ୍ତିରେ ଆଇଟମ-ୱାରୀ ସବୁ ଆଦାୟ ଓ ବ୍ୟୟର ମାସିକିଆ ନେଣ-ଦେଣକୁ ଏସ୍‌ଏଲ୍‌ଡିସି ଦାଖଲ କରିବା ବାଞ୍ଛନୀୟ ଅଟେ ।

୧୬୨) ଏହାର ଉତ୍ତରରେ ଏସ୍‌ଏଲ୍‌ଡିସି ଉପସ୍ଥାପନ କରିଥିଲା ଯେ, ପ୍ରକୃତ-ଭିତ୍ତିରେ ଆଦାୟ ଓ ବ୍ୟୟର ମାସିକିଆ ନେଣ-ଦେଣ ହିସାବ ପ୍ରସ୍ତୁତ କରାଯିବାକୁ ତଥାପି ବାକି ଅଛି । ତେବେ, ୨୦୦୯-୧୦ ଆ.ବ. ପାଇଁ (ଜାନୁଆରୀ,୧୦୧୦ ପର୍ଯ୍ୟନ୍ତ) ଆଦାୟ ଓ ଦେୟ (ବ୍ୟବସ୍ଥା-ସାପେକ୍ଷ) ତଳେ ଉଲ୍ଲେଖ କରାଗଲା ।

୨୦୧୦, ଜାନୁଆରୀ ପର୍ଯ୍ୟନ୍ତ ନଗତ ଆଦାୟ- ୬,୧୭,୮୯,୬୮୮ ଟଙ୍କା

୨୦୧୦, ଜାନୁଆରୀ ପର୍ଯ୍ୟନ୍ତ ବ୍ୟୟ -- ୨,୭୭,୬୫, ୦୫୭ ଟଙ୍କା

୨୦୧୦-୧୧ ଆ.ବ.ରେ ୫.୭୮କୋଟି ଟଙ୍କାର ପ୍ରସ୍ତାବିତ ମୁଖ୍ୟ ବ୍ୟୟ:

୧୬୩) ୨୦୧୦-୧୧ ଆ.ବ. ପାଇଁ ପ୍ରସ୍ତାବିତ ୧୪.୯୧ କୋଟି ଟଙ୍କାର ବାର୍ଷିକ ରଜାସ୍ୱ ଆବଶ୍ୟକତା ମଧ୍ୟରେ ୨୦୧୦-୧୧ ଆ.ବ.ରେ ଭରଣା କରାଯିବାକୁ ଥିବା ୫.୭୮ କୋଟି ଟଙ୍କାର ମୁଖ୍ୟ ବ୍ୟୟ ପରିମାଣ ଅନ୍ତର୍ଭୁକ୍ତ ଅଟେ । ତେବେ, ଏଆର୍‌ଆର୍ ଜରିଆରେ ଗୋଟିଏ ବର୍ଷରେ ଉପରୋକ୍ତ ପରିମାଣର ମୁଖ୍ୟ ବ୍ୟୟର ଭରଣାର ଔଚିତ୍ୟ ସପକ୍ଷରେ ଯୁକ୍ତି ଦାଖଲ କରାଯିବା ବାଞ୍ଛନୀୟ ।

୧୬୪) ଉତ୍ତରରେ, ଏସ୍‌ଏଲ୍‌ଡିସି ଉପସ୍ଥାପନ କରିଥିଲା ଯେ, ଏଆର୍‌ଆର୍‌ରେ ପ୍ରସ୍ତାବିତ ମୁଖ୍ୟ କାର୍ଯ୍ୟ ସମୂହର ସବୁ ଆଇଟମ ୨୦୧୦-୧୧ ଆ.ବ. ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତେଣୁ, ସେକ୍ଟରର ସବୁ ଅଂଶୀଦାରମାନଙ୍କ ଠାରୁ ଏକା ବର୍ଷରେ ରାଜସ୍ୱ ଭରଣା ଜରିଆରେ ମୂଲ୍ୟ-ହ୍ରାସ ଆକାରରେ ମ୍ୟୁଖ ବ୍ୟୟସମୂହର ଭରଣା କରିବାକୁ ଏସ୍‌ଏଲ୍‌ଡିସି ପ୍ରସ୍ତାବ ରଖିଛି ।

**ଓଡ଼ିଶା ସରକାରଙ୍କ ମତାୟନ:**

୧୬୫) ୧୮.୨.୨୦୧୦ ଜନ ଶୁଣାଣିରେ ଅଂଶଗ୍ରହଣ କରିଥିବା ରାଜ୍ୟ ସରକାରଙ୍କ ପ୍ରତିନିଧି କରିଥିଲେ ଯେ, ଖୁବୀ ଶୀଘ୍ର ରାଜ୍ୟ ସରକାରଙ୍କ ମତାମତ ଆୟୋଗଙ୍କ ସମକ୍ଷରେ ନଥିଭୁକ୍ତ ଭାବେ ଦାଖଲ କରାଯିବ । ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ୨୩.୨.୨୦୧୦ର ଚିଠି ନଂ-୧୫୭୭ ମୂଳେ ଆୟୋଗଙ୍କୁ ସୂଚାଇ ଥିଲେ ଯେ, ସାମାଜିକ ହିତ ହାସଲ ଉଦ୍ଦେଶ୍ୟରେ, ରାଜ୍ୟର ଅଗମ୍ୟ ଅଞ୍ଚଳମାନଙ୍କରେ ଅଣ-ପାରିତୋଷିକ ସ୍କିମରେ ବ୍ୟୟ-ଭାରକୁ ସହାୟତା ଦେବା ନିମନ୍ତେ ୩ବର୍ଷ ମଧ୍ୟରେ ଓପିଟିସିଏଲ୍‌କୁ ୧ ହଜାର କୋଟି ଟଙ୍କାର ଏକ ଲାଭଜନକ ନିବେଶର ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ଏକ ନିଷ୍ପତ୍ତି ନେଇଛନ୍ତି । ସେହି ନିଷ୍ପତ୍ତି ଅନୁସାରେ, ୨୦୦୮-୦୯ ଓ ୨୦୦୯-୧୦ରେ ରାଜ୍ୟ ସରକାର ଓପିଟିସିଏଲ୍‌କୁ ଯଥାକ୍ରମେ ୨୩,୦୫,୫୫,୦୦୦ଟଙ୍କା ଓ ୫କୋଟି ଟଙ୍କା ଯୋଗାଇ ଦେଇଛନ୍ତି । ଅବଶିଷ୍ଟ ପରିମାଣ ମଧ୍ୟରୁ ୨୦୧୦-୧୧ ଆ.ବ.ରେ ୫୦ କୋଟି ଟଙ୍କା ଯୋଗାଇ ଦିଆଯିବ । ଯଦିଓ, ୨୦୧୦-୧୧ ଆ.ବ. ପାଇଁ ଏସ୍‌ଏଲ୍‌ଡିସି ଉଦ୍ଦେଶ୍ୟରେ ଓପିଟିସିଏଲ୍ ଦ୍ୱାରା ପ୍ରସ୍ତାବିତ 'ସ୍ୱାଧୀନ ଏସ୍‌ଏଲ୍‌ଡିସି ଦେୟ ଓ ଦେୟ-ଦର' ଲାଗୁ ଉପରେ ସରକାର କୌଣସୁ ସୁ-ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ଗ୍ରହଣ କରିନାହାନ୍ତି, ତଥାପି ବିଦ୍ୟୁତ୍ ଶକ୍ତିର ଉଚ୍ଚମାନର ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଦରସୂଚୀ ତଥା ବିତରକ କମ୍ପାନୀଙ୍କ ଉଦ୍ଦେଶ୍ୟରେ ଦର-ସୂଚୀ ସ୍ଥିରୀକରଣ ଓ ନିର୍ବାହନ ମାପଦଣ୍ଡର ନିର୍ଦ୍ଧାରଣ ଉପରେ ତାଙ୍କର ସୁ-ନିର୍ଦ୍ଦିଷ୍ଟ ମତ ପ୍ରକାଶ କରିଛନ୍ତି, ଯାହା ନିମ୍ନରେ ଉଲ୍ଲେଖ କରାଗଲା ।

**(କ) ଉଚ୍ଚା ମାନର ଉପଭୋକ୍ତାଙ୍କ ସକାଶେ ଟାରିଫ:**

ଯଦି ଉଚ୍ଚମାନର ଶକ୍ତି ଉପଭୋକ୍ତାମାନେ ଅବ୍ୟାହତ ଶକ୍ତି ଯୋଗାଣ ଓ ଉଚ୍ଚା ଦାମ୍‌ର ଶକ୍ତି ଉପଯୋଗ ପାଇଁ ଉଚ୍ଚା ଟାରିଫ ଦେବାକୁ ସହମତ ଥାଆନ୍ତି, ତେବେ ଏ ପ୍ରସଂଗରେ ଆୟୋଗଙ୍କ ନିଷ୍ପତ୍ତି ନେଇ ପାରନ୍ତି ।

**(ଖ) ବିତରକ କମ୍ପାନୀଙ୍କ ଉଦ୍ଦେଶ୍ୟରେ ଦରସୂଚୀ ସ୍ଥିରୀକରଣ ଓ ନିର୍ବାହନ ମାପଦଣ୍ଡର ନିର୍ଦ୍ଧାରଣ:**

ଗୁଣବତ୍ତା ଭିତ୍ତିକ ଶକ୍ତି ଯୋଗାଣ ସହିତ ଆଦାୟ-ଉତ୍କୃଷ୍ଟତାରେ ବିକାଶ ସାଧନ ତଥା ସରବରାହ ଓ ବଣ୍ଟନ ଜନିତ କ୍ଷତି ଏବଂ ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତିକୁ ହ୍ରାସ କରି ଉପଭୋକ୍ତାମାନଙ୍କୁ ଶକ୍ତି-ଉପଲବ୍ଧତାକୁ ସନ୍ତୋଷ ପ୍ରଦାନ କରି ସେକ୍ଟର ସୁଫଳ ହାସଲ ନିମନ୍ତେ ବିତରକ କମ୍ପାନୀମାନଙ୍କୁ ଆୟୋଗ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇପାରନ୍ତି । ଅତଏବ, ଏହି ବିଭାବଟି ଉପରେ ଆୟୋଗ ଯତ୍ନର ସହିତ ଗୁରୁତ୍ୱ ଆରୋପ କରିବା ବାଞ୍ଛନୀୟ ।

**'ରାଜ୍ୟ ଉପଦେଷ୍ଟା କମିଟି'ର ନିରୀକ୍ଷଣ (ପରିଚ୍ଛେଦ ୧୬୬ରୁ ୧୭୧):**

୧୬୬) ଓଏଚପିସି, ଓପିଟିସିଏଲ୍, ଗ୍ରୀଡ଼କୋ, ଏସ୍ଏଲ୍‌ଡିସି, ସେସୁ, ନେସ୍କୋ, ସାଉଥ୍‌କୋ ଓ ୱେସ୍କୋ ଆଦି ରାଜ୍ୟର ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷମାନଙ୍କର ୨୦୧୦-୧୧ ଆ.ବ. ପାଇଁ 'ବାର୍ଷିକ ରାଜସ୍ୱ ଆବଶ୍ୟକତା' (ଏଆର୍‌ଆର୍) ଏବଂ ଦରସୂଚୀ ନିର୍ଦ୍ଧାରଣ ନିମନ୍ତେ ଦରଖାସ୍ତ ଉପରେ ଅଭିମତ ପ୍ରଦାନ କରିବା ଉଦ୍ଦେଶ୍ୟରେ ବିଦ୍ୟୁତ୍ ଆକ୍ଟ, ୨୦୦୩ର ବିଭାଗ-୮୭ ଅଧିନରେ ଗଠିତ 'ରାଜ୍ୟ ଉପଦେଷ୍ଟା କମିଟି' (ସାକ୍)ର ଏକ ବୈଠକ ୨୦୧୦, ଫେବୃଆରୀ-୧୮ରେ ଆହୂତ ହୋଇଥିଲା ।

୧୬୭) ନିର୍ଦ୍ଦେଶକ (ଟାରିଫ) ୨୦୧୦-୧୧ ଆ.ବ. ପାଇଁ ଏଆର୍‌ଆର୍ ଏବଂ ଟାରିଫ ଦରଖାସ୍ତ ଉପରେ ଏକ ସଂକ୍ଷିପ୍ତ ଓ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ନିମ୍ନ ସାରଣୀରେ ତା'ର ପ୍ରଦର୍ଶନ କରାଗଲା ।

୧୬୮) ସାକ୍‌ର ସଦସ୍ୟମାନଙ୍କୁ ସୂଚାଇ ଦିଆଯାଇଥିଲା ଯେ, ବିତରକ କମ୍ପାନୀମାନଙ୍କର ପ୍ରଦର୍ଶନ ମତେ, ୫.୯୭ ପ୍ରତିଶତର ଟାରିଫ ବୃଦ୍ଧି ଯଥାକ୍ରମେ ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍‌ର ୨୦୦୯-୧୦ ଆ.ବ.ର ପ୍ରଚଳିତ ସ୍ଥୁଳ ଯୋଗାଣ ଦର ଓ ସରବରାହ ଟାରିଫ ଉପରେ ହିଁ ଆଧାରିତ ଅଟେ । ତେବେ, ବିତରକମାନଙ୍କ ଉଦ୍ଦେଶ୍ୟରେ ସ୍ଥୁଳ ଯୋଗାଣ ଦରରେ ବୃଦ୍ଧି ଏବଂ ଓପିଟିସିଏଲ୍ ଉଦ୍ଦେଶ୍ୟରେ ସରବରାହ ଟାରିଫରେ ବୃଦ୍ଧି ଘଟିଲେ ପରିମାଣତଃ ତାହା ବିତରକ କମ୍ପାନୀଙ୍କର ପରାମର୍ଶିତ ପ୍ରସ୍ତାବ ଅନୁଯାୟୀ ପାଇକାରୀ ଯୋଗାଣ ଟାରିଫରେ ବୃଦ୍ଧି ଘଟାଇବ ।

୧୬୯) ସାକ୍‌ର ସଦସ୍ୟମାନେ ମତ ଦେଇଥିଲେ ଯେ, ଓପିଟିସିଏଲ୍ ପ୍ରୋଜେକ୍ଟ ସମୂହର କାର୍ଯ୍ୟ ନିର୍ବାହନରେ ଦୀର୍ଘସୂତ୍ରୀ ମନୋଭାବ ତଥା ଆନୁଷଙ୍ଗିକ ବ୍ୟବହାର୍ଯ୍ୟ ଆସେଟ୍ ସମୂହର ଦର ବୃଦ୍ଧି ଯୋଗୁ ସରବରାହ ଦରରେ ବୃଦ୍ଧି ଘଟିଛି । କିନ୍ତୁ, ଏହି ବର୍ଦ୍ଧିତ ଦର ଉପଭୋକ୍ତାଙ୍କ ଉପରେ ଲାଗୁ କରାଯିବା ଠିକ୍ ହେବ ନାହିଁ । ପ୍ରୋଜେକ୍ଟଗୁଡ଼ିକୁ ଆଭିଯାନିକ ଢ଼ାଞ୍ଚାରେ ଗତିଶୀଳ କରାଇବାକୁ ଓପିଟିସିଏଲ୍‌ର ଏକ ସୁ-ସଂରଚିତ ପ୍ରୋଜେକ୍ଟ ପରିଚାଳନା ପରିଷଦର ଆବଶ୍ୟକତା ଅଛି । ତା'ଛଡା, ଯେଉଁ କ୍ଷେତ୍ରରେ, କୌଣସି କାର୍ଯ୍ୟକୁ ଓପିଟିସିଏଲ୍ ନିଜେ ନିର୍ବାହନ କରିପାରିବ, ତାହାକୁ କଣ୍ଟ୍ରାକ୍ଟରମାନଙ୍କ ଦ୍ୱାରା କରାଇବା ଉଚିତ ନୁହେଁ । ମରାମତି ଓ ତୁଳାଜମା କାର୍ଯ୍ୟର ଉପଯୁକ୍ତ ଯାଞ୍ଚ ହେବା ଦରକାର ଏବଂ ଉଚ୍ଚା ମୂଲ୍ୟ-ହ୍ରାସ ଜନିତ ଦେୟ ପରିମାଣକୁ ଅନୁମତି ଦିଆଯିବା ଉଚିତ ନୁହେଁ । ବାର୍ଷିକ ୦.୩% ହାରରେ ସରବରାହ-କ୍ଷତି କମାଇବାକୁ କାନୁନଗୋ କମିଟି ସୁପାରିଶ କରିଛନ୍ତି । ଏହାକୁ ଅନୁସରଣ କରାଯିବା ଉଚିତ । ବୃଦ୍ଧି ପ୍ରାପ୍ତ ସରବରାହ କ୍ଷତି, ସୁଧ ଏବଂ ଆସେଟ୍ ଯୋଗକରଣ ଯୋଗୁ ଉଦ୍‌ଭବ ହୋଇଥିବା ମୂଲ୍ୟ-ହ୍ରାସର ଦୁଇଗୁଣା ବୋଝକୁ ଉପଭୋକ୍ତାଙ୍କ ଉପରେ ଲଦି ଦିଆଯିବା ଉଚିତ ନୁହେଁ ।

୧୭୦) କେତେକ ସଦସ୍ୟ ମତ ଦେଇଥିଲେ ଯେ, ଓପିଟିସିଏଲ୍ ଅଯୋଗ୍ୟତା କାରଣରୁ ଓଡ଼ିଶାର ଉପଭୋକ୍ତାମାନେ ନିମ୍ନ ମାନର ଭୋଲ୍‌ଟେଜର ଶୀକାର ହୋଇଛନ୍ତି । ସାକ୍ ବୈଠକରେ ପୂର୍ବତନ ରେଳବାଇ ଦର୍ଶାଇଥିଲା ଯେ, ରାଜ୍ୟରେ ଦିନକୁ ଦିନ ଶକ୍ତି ଯୋଗାଣର ଗୁଣବତ୍ତା ହ୍ରାସ ପାଉଛି । ରେଳବାଇ ବିଭାଗ କଥା କୁହାଗଲେ, ସେସୁ ଅଧିନିସ୍ଥ ମୁଖ୍ୟତଃ କାଇପଦର ରୋଡ଼, କେନ୍ଦ୍ରାପଡ଼ା ରୋଡ଼ ଏବଂ ସୋରାରୀ ଟ୍ରାକ୍ସନ ସବ୍-ଷ୍ଟେସନ ଗୁଡିକ ବାରମ୍ବାର ଶକ୍ତି ବ୍ୟାହତି/ଭୋଲ୍‌ଟେଜ କମ୍ ବେଶୀ ଯୋଗୁ ପ୍ରଭାବିତ ହେଉଛନ୍ତି । ବ୍ରହ୍ମପୁର-ଖୋର୍ଦ୍ଧା ରୋଡ଼ - ପୁରୀ - କଟକ ସେକ୍ସନରେ ଯାତାୟତ କରୁଥିବା ଟ୍ରେନଗୁଡିକ ଦୈନିକ ସେମାନଙ୍କର ସମୟାନୁବର୍ତ୍ତିତା ହରାଉଛନ୍ତି । ପରିମାଣତଃ, ଯାତ୍ରୀମାନେ ଅଯଥା ହନ୍ତସନ୍ତ ହେଉଛନ୍ତି । ତା'ଛଡା, ରେଳ ମନ୍ତ୍ରାଳୟ, ନୂଆଦିଲ୍ଲୀଙ୍କର ପୂର୍ବତନ ରେଳବାଇ ଉପରେ ଖରାପ ଧାରଣା ଆସୁଛି । ସ୍ୱତନ୍ତ୍ର ମତ ଉପସ୍ଥାପନ ପୂର୍ବକ ପୂର୍ବତନ ରେଳବାଇ କହିଥିଲା ଯେ, ଶକ୍ତି ଯୋଗାଣର ଗୁଣବତ୍ତାକୁ ସମୁନ୍ନତ କରାଯିବା ଉଚିତ । ରେଳବାଇକୁ ପ୍ରାଥମିକତା ଦିଆଯିବା ଭିତରେ ରେଳବାଇ ଟ୍ରାକ୍ସନ ଉଦ୍ଦେଶ୍ୟରେ ଶକ୍ତି କଟକଣାକୁ ଲଦି ଦିଅଯିବା ଉଚିତ ନୁହେଁ ।

୧୭୧) ମୋଟ ଉପରେ ସାକ୍‌ର ସଦସ୍ୟମାନେ କ୍ଷତି ହ୍ରାସ, ସବିଶେଷ ଉପଭୋକ୍ତା (ସାଧାରଣ ଉପଭୋକ୍ତା)ଙ୍କ ଉପରେ ସହନୀୟ ଯୋଗାଣ ଦର ସହିତ ନିର୍ବାହନ ମାନଦଣ୍ଡର ବିକାଶ ହଟାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏବଂ ଏକ ମଧ୍ୟମ ଧରଣର ଟାରିଫ ବୃଦ୍ଧି ପାଇଁ ମତ ଦେଇଥିଲେ । ଯାହା ଯୋଗାଣର ଉନ୍ନତ ଗୁଣାତ୍ମକତା ଓ ଉପଭୋକ୍ତାଙ୍କ ସେବା ସାଧନ ନିମନ୍ତେ ଉଦ୍ଦିଷ୍ଟ ହୋଇଥିବ ।

**ଆୟୋଗଙ୍କର ନିରୀକ୍ଷଣ (ପରିଚ୍ଛେଦ-୧୭୨ ରୁ ୨୩୫):**

୧୭୨) ବିଦ୍ୟୁତ୍ ଆକ୍ଟ, ୨୦୦୩ ସିଇଆରସି (ପୂର୍ବାଞ୍ଚଳ ଲୋଡ୍ ପ୍ରେରଣ କେନ୍ଦ୍ରର ଦେୟ ଓ ଦେୟ-ଦର ତଥା ଅନ୍ୟାନ୍ୟ ସମ୍ପର୍କିତ ପ୍ରସଂଗସମୂହ) ନିୟମାବଳୀ, ୨୦୦୯ ଏବଂ ଅନ୍ୟାନ୍ୟ ଅଧିନସ୍ଥ ନିୟମ-ସମୂହରେ ନିହିତମତେ ଏକା ଶୃଙ୍ଖଳା ଓ ପ୍ରକ୍ରିୟାନୁଯାୟୀ ୨୦୧୦-୧୧ ଆ.ବ. ପାଇଁ ଏସ୍ଏଲ୍ଡିସି କାର୍ଯ୍ୟସୂଚୀ ଓ ବାର୍ଷିକ ଦେୟ ଓ ଦେୟ-ଦର ସମ୍ବଳିତ ଏଆର୍ଆର୍ର ଅନୁମୋଦନ ପାଇଁ ଆୟୋଗ ଅନୁସରଣ କରିଥିଲେ ।

୧୭୩) ଏଆର୍ଆର୍ର ପ୍ରସଂଗିତ ଉପାଦାନ ସମୂହ ଅଧିନରେ ଏହି ଆଦେଶନାମାର ମୁଖ୍ୟ ପ୍ରସଂଗରେ ଏଆର୍ଆର୍ ନିର୍ଦ୍ଧାରଣ ଅନୁଶୀଳନର ଭିତ୍ତି ରୂପେ ଏହି ଶୃଙ୍ଖଳା ସମୂହର ବିସ୍ତାରିତ ଆଲୋଚନା କରାଯାଇଛି ।

**ବାର୍ଷିକ ଦେୟ-ଦର ସମୂହ:**

୧୭୪) ସିଇଆର୍ସି ନିୟମାବଳୀ, ୨୦୦୯କୁ ଭିତ୍ତି କରି, ଆୟୋଗ ବାର୍ଷିକ ଦେୟ-ଦରର ନିର୍ଦ୍ଧାରଣ ପାଇଁ ଭିତ୍ତିକୁ ଆୟୋଗ ସବିଶେଷ ବିଶ୍ଳେଷଣ କରିଥିଲେ । ରାଜ୍ୟ ଲୋଡ୍ ପ୍ରେରଣ କେନ୍ଦ୍ରର ବାର୍ଷିକ ଦେୟ-ଦରସମୂହ ନିମ୍ନଲିଖିତ ଉପାଦାନ ସମୂହକୁ ସଂଶ୍ଳିଷ୍ଟ କରେ ।

(କ) ନିବେଶିତ ଅଂଶ-ଧନ ଉପରେ ଲାଭାଂଶ ଫେରସ୍ତ ପରିମାଣ

(ଖ) ଋଣଧନ ଉପରେ ସୁଧ

(ଗ) ମୂଲ୍ୟ-ହ୍ରାସ

(ଘ) କର୍ମଚାରୀଙ୍କ ବାବଦକୁ ବ୍ୟୟ ପିରମାଣ ବାଦ୍ ପରିଚାଳନା ଓ ତୁଲାଜମା ବ୍ୟୟ

(ଙ) କର୍ମଚାରୀଙ୍କ ବାବଦକୁ ବ୍ୟୟ

(ଚ) କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ

**ନିବେଶିତ ଅଂଶଧନ ଉପରେ ଲାଭାଂଶ ଫେରସ୍ତ ପରିମାଣ:**

୧୭୫) ଏସ୍ଏଲ୍ଡିସି କ୍ଷେତ୍ରରେ ନିବେଶ ଶୂନ୍ୟ ହୋଇଥିବାରୁ ନିବେଶିତ ମୂଳଧନ ଉପରେ ଲାଭାଂଶ ପରିମାଣ ଫେରସ୍ତ ପାଇଁ ଆୟୋଗ କୌଣସି ପରିମାଣକୁ ଅନୁମୋଦନ ଦେଇନାହାନ୍ତି ।

**ଋଣ-ଧନ ଉପରେ ସୁଧ:**

୧୭୬) ୨୦୧୦-୧୧ ଆ.ବ. ପାଇଁ ଏସ୍ଏଲ୍ଡିସିର ବ୍ୟୟ ଉଦ୍ଦେଶ୍ୟରେ କୌଣସି ବଳକା ଋଣ/ପ୍ରସ୍ତାବିତ ଋଣ ନଥିବାରୁ ଋଣ-ଧନ ଉପରେ କୌଣସି ପରିମାଣକୁ ଆୟୋଗ ଅନୁମୋଦନ ଦେଇ ନାହାନ୍ତି ।

**ମୂଲ୍ୟ-ହ୍ରାସ:**

୧୭୭) ୟୁନିଫାଏଡ୍ ଲୋଡ୍ ପ୍ରେରଣ କେନ୍ଦ୍ର ଏବଂ ଏସ୍ଏଲ୍ଡିସିର କାର୍ଯ୍ୟାଳୟମାନଙ୍କରେ ଆସେଟ୍ ସମୂହର ମୂଲ୍ୟ-ହ୍ରାସ ବାବଦକୁ ୨୦୧୦-୧୧ ଆ.ବ. ପାଇଁ ଆୟୋଗ ୨୭.୮୦୨ ଲକ୍ଷ ଟଙ୍କାର ବ୍ୟବସ୍ଥା କରିଛନ୍ତି । ଏହାର ସବିଶେଷ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

୧୭୮) ପୁନଶ୍ଚ, ମୂଲ୍ୟ-ହ୍ରାସ ଜରିଆରେ ୨୦୧୦-୧୧ ଆ.ବ. ପାଇଁ ଏସ୍ଏଲ୍ଡିସି ଉଦ୍ଦେଶ୍ୟରେ ବ୍ୟୟିତ ହେବାକୁ ଥିବା ୫୬୮.୧୦ ଲକ୍ଷ ଟଙ୍କର ମୁଖ୍ୟ ବ୍ୟୟ ପରିମାଣର ଭରଣା ବାବଦକୁ ଓପିଟିସିଏଲ୍ ମଲ୍ୟ-ହ୍ରାସ ପ୍ରସ୍ତାବ ଦେଇଛି । ତେଣୁ, ୨୦୧୦-୧୧ ଆ.ବ. ପାଇଁ ୬୦୫.୯୦୨ ଲକ୍ଷ ଟଙ୍କାର ସାମୁଦାୟିକ ମୂଲ୍ୟ-ହ୍ରାସ ଜନିତ ବ୍ୟୟ ପରିମାଣକୁ ପ୍ରସ୍ତାବ ଦେଇଛି । ଓପିଟିସିଏଲ୍ ଦ୍ୱାରା ପ୍ରସ୍ତାବିତ ମୂଲ୍ୟ-ହ୍ରାସର ପୁଂଖାନୁପୁଂଖତାକୁ ନିମ୍ନ ସାରଣୀର ପ୍ରଦର୍ଶନ କରାଗଲା ।

୧୭୯) ୨୦୧୦-୧୧ ଆ.ବ. ପାଇଁ ମୂଲ୍ୟ-ହ୍ରାସ ବାବଦକୁ ଓପିଟିସିଏଲ୍ ଦ୍ୱାରା ପ୍ରସ୍ତାବିତ ୨୭.୮୦୨ ଲକ୍ଷ ଟଙ୍କାର ପରିମାଣକୁ ଆୟୋଗ ଅନୁମୋଦନ ଦେଇଛନ୍ତି ।

**ପରିଚାଳନା ଓ ତୁଲାଜମା ବ୍ୟୟସମୂହ:**

୧୮୦) ନିମ୍ନଲିଖିତ ଶୀର୍ଷକ ସମୂହରେ ୨୦୧୦-୧୧ ଆ.ବ. ପାଇଁ ଏସ୍ଏଲ୍ଡିସିର ପରିଚାଳନା ଓ ତୁଲାଜମା ବ୍ୟୟସମୂହକୁ ବିବେଚନା କରାଯାଇଛି ।

(କ) କ୍ଷତି-ପୂରଣ ପରିମାଣ (ସହାୟକ ପରିମାଣ)କୁ ମିଶାଇ କର୍ମଚାରୀଙ୍କ ବାବଦକୁ ବ୍ୟୟ

(ଖ) ମରାମତି ଓ ତୁଲାଜମା ବ୍ୟୟ

(ଗ) ପ୍ରଶାସନିକ ଓ ସାଧାରଣ ବ୍ୟୟ

(ଘ) କମ ମୂଳଧନୀକରଣ

**କର୍ମଚାରୀଙ୍କ ବାବଦକୁ ବ୍ୟୟ (ମାନବ ସମ୍ବଳ ବ୍ୟୟସମୂହ):**

୧୮୧) କ୍ଷତିପୂରଣ ବାବଦୀୟ ବ୍ୟୟ ପରିମାଣକୁ ମିଶାଇ ଓପିଟିସିଏଲ୍ ୪୪୯.୪୪୯ ଲକ୍ଷ ଟଙ୍କା କର୍ମଚାରୀଙ୍କ ସକାଶେ ବ୍ୟୟ ପରିମାଣ ଉଦ୍ଦେଶ୍ୟରେ ପ୍ରଦର୍ଶନ କରିଛି । ଏହାର ସବିଶେଷତା ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

୧୮୨) ୨୦୦୯-୧୦ ଆ.ବ.ରେ (୨୦୦୯ର ଏପ୍ରିଲରୁ ନଭେମ୍ବର) ଏସ୍ଏଲ୍ଡିସି ଦ୍ୱାରା ସାଧନ କରାଯାଇଥିବା ବ୍ୟୟ ପରିମାଣ, ୨୦୦୯ ଏପ୍ରିଲରୁ ନଭେମ୍ବର ମଧ୍ୟରେ ସମୟ ଅବଧି ପାଇଁ ପ୍ରକୃତ ବ୍ୟୟ ପରିମାଣକୁ ଭିତ୍ତି କରି ୨୦୦୯-୧୦ ଆ.ବ. ପାଇଁ ଏସ୍ଏଲ୍ଡିସି ଉଦ୍ଦେଶ୍ୟରେ ପ୍ରାକ୍ବିନ୍ୟାସିତ ବ୍ୟୟ ପରିମାଣ' ଏବଂ ୨୦୦୯-୧୦ ଆ.ବ. ପାଇଁ ଏସ୍ଏଲ୍ଡିସିର ପ୍ରାକ୍-ବିନ୍ୟାସିତ ବ୍ୟୟ ପରିମାଣ ଉପରେ ୩%ର ବାର୍ଷିକ ବୃଦ୍ଧିକୁ ଭିତ୍ତି କରି କର୍ମଚାରୀଙ୍କ ବାବଦକୁ ବ୍ୟୟ ପରିମାଣର ନିର୍ଦ୍ଧାରଣ ହୋଇଛି । ୨୦୧୦-୧୧ ଆ.ବ. ପାଇଁ ଆୟୋଗଙ୍କ ଦ୍ୱାରା କର୍ମଚାରୀଙ୍କ ବ୍ୟୟ ବାବଦକୁ ଅନୁମୋଦିତ ବ୍ୟୟ ପରିମାଣକୁ ନିମ୍ନସାରଣୀରେ ପ୍ରଦର୍ଶନ କରାଯାଇଛି ।

**ପ୍ରଶାସନିକ ଓ ସାଧାରଣ ବ୍ୟୟ (ଏ'ଆଣ୍ଡ ଦି' ବ୍ୟୟ):**

୧୮୩) ଇନ୍ସୁରାନ୍ସ, ସାମଗ୍ରୀ ପରିବହନ, ଟେଲିଫୋନ, ଗାଡି କିଣା, ଘରଭଡ଼ା, ବ୍ୟବହାର୍ଯ୍ୟ ଷ୍ଟେସନାରୀ ସାମଗ୍ରୀ, ବିଦ୍ୟୁତ୍ ଦେୟ, ମନୋରଞ୍ଜନ, ଆଇନଗତ, ଅଡିଟ, ବୈଷୟିକ ଓ ବୃତ୍ତିଗତ ଶୁଳ୍କ, ଷ୍ଟାମ୍ପ ଚାର୍ଜ, ସିକ୍ୟୁରିଟି, ସେବା-ଦେୟ-ଦର ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବିବିଧ ଦେୟ ଜନିତ ବ୍ୟୟ ପ୍ରଶାସନିକ ଓ ସାଧାରଣ ବ୍ୟୟ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ।

୧୮୪) ଓପିଟିସିଏଲ୍ ଏସ୍ଏଲ୍ଡିସି ଉଦ୍ଦେଶ୍ୟରେ ୨୦୧୦-୧୧ ଆ.ବ. ପାଇଁ ୧୧୨.୦୪୦ ଲକ୍ଷ ଟଙ୍କାର ପ୍ରଶାସନିକ ଓ ସାଧାରଣ ବ୍ୟୟ ପରିମାଣର ପ୍ରଦର୍ଶନ କରିଛି । ନିମ୍ନ ସାରଣୀରେ ତା'ର ଉପାଦାନଓ୍ୱାରୀ ପୁଂଖାନୁପୁଂଖତାକୁ ପ୍ରଦର୍ଶନ କରାଗଲା ।

୧୮୫) ସେକ୍ଟରର ସବୁ ଅଂଶୀଦାର ତଥା ଏସ୍ଏଲ୍ଡିସିର ମତାମତକୁ ବିଚାରକୁ ନେଇ ଆୟୋଗ ୨୦୧୦-୧୧ ଆ.ବ. ପାଇଁ ନିମ୍ନୋକ୍ତ ବ୍ୟୟ ପରିମାଣକୁ ଅନୁମୋଦନ ଦେଇଛନ୍ତି ।

**ମରାମତି ଓ ତୁଲାଜମା ବ୍ୟୟ ସମୂହ:**

୧୮୬) ୨୦୧୦-୧୧ ଆ.ବ. ପାଇଁ ଓପିଟିସିଏଲ୍ ୨୦୧.୮୦୦ ଲକ୍ଷ ଟଙ୍କାର ଆର୍ ଆଣ୍ଡ ଏମ୍ ବ୍ୟୟ ପରିମାଣକୁ ପ୍ରସ୍ତାବ କରିଛି । ଏଆର୍ଆର୍ରେ ପ୍ରସ୍ତାବିତ ହୋଇଥିବା ଏହି ପରିମାଣର ସବିଶେଷତାକୁ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

୧୮୭) ଆୟୋଗ ଜାଣିବାକୁ ପାଇଥିଲେ ଯେ, ୨୦୧୦-୧୧ ଆ.ବ. ପାଇଁ ଏସ୍ଏଲ୍ଡିସି ଉଦ୍ଦେଶ୍ୟରେ ପ୍ରସ୍ତାବିତ ଆର୍ଆଣ୍ଡଏମ୍ ବ୍ୟୟ ପରିମାଣ ମଧ୍ୟରେ ଏଏମ୍ସି ଦେୟ, 'ଓ୍ୱାନ୍' ପାଇଁ ବ୍ୟାଣ୍ଡ-ଓ୍ୱାଇଡ୍ଥ ଦେୟ, ଏବଂ 'ସୁବିଧା ସୁଯୋଗ ପରିଚାଳନା ସେବା' ବାବଦକୁ ଏକ ମୋଟା ଅଙ୍କର ପରିମାଣ ଅନ୍ତର୍ଭୁକ୍ତ ଅଟେ । ଆୟୋଗ, ତେଣୁ ଏସ୍ଏଲ୍ଡିସି ଏବଂ ଭୁବନେଶ୍ୱର, ମେରାମୁଣ୍ଡଳି, ଜୟନଗର ଓ ବୁଢ଼ୀପଦର ଠାରେ ଥିବା ଉପ-ଏଲ୍ଡିସିଗୁଡିକ ସହ ସମ୍ପର୍କିତ ୨୦୧.୮୦୦ ଲକ୍ଷ ଟଙ୍କାର ପ୍ରସ୍ତାବିତ ବ୍ୟୟ ପରିମାଣକୁ ୨୦୧୦-୧୧ ଆ.ବ. ପାଇଁ ଅନୁମୋଦନ ଦେଇଛନ୍ତି । ଉପଯୁକ୍ତ ଖସଡା ଅନୁସାରେ ଏହି ପରିମାଣର ବ୍ୟୟ ସାଧନ କରାଯିବା ଉଚିତ, ଯାହା ଫଳରେ ୨୦୧୦-୧୧ ଆ.ବ.ରେ ଏହି ଲୋଡ୍ ପ୍ରେରଣ କେନ୍ଦ୍ର ଓ ଉପ-ଲୋଡ୍ ପ୍ରେରଣ କେନ୍ଦ୍ର ଗୁଡିକ ସମୁନ୍ନତ ଭାବେ ନୂଆ ରଙ୍ଗ ଢ଼ଙ୍ଗରେ ରୂପାୟିତ ହେବ ।

**କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ:**

୧୮୮) ୧୨ ପ୍ରତିଶତର ସୁଧ ହାରକୁ ବିବେଚନାକୁ ନେଇ ଓପିଟିସିଏଲ୍ କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ ପରିମାଣକୁ ୧୨୧.୪୧ଲକ୍ଷ ଟଙ୍କାରେ ପ୍ରଦର୍ଶନ କରିଛି । ଏହାର ସବିଶେଷତା ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ।

୧୮୯) ଯାଞ୍ଚରୁ ଜଣାପଡିଥିଲା ଯେ, ଏସ୍‌ଏଲ୍‌ଡିସି ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ମୂଳଧନର ସୁଧ ହିସାବରେ ଓପିଟିସିଏଲ୍‌ର ତ୍ରୁଟି ରହିଛି । ତେଣୁ, ଆୟୋଗ ୨୦୧୦-୧୧ ଆ.ବ. ପାଇଁ କାର୍ଯ୍ୟକାରୀ ମୂଳଧନର ସୁଧ ବାବଦକୁ ୨୨.୩୩ ଲକ୍ଷ ଟଙ୍କାର ଏକ ପରିମାଣକୁ ଅନୁମୋଦନ ଦେଇଥିଲେ, ଯାହାର ପୁଂଖାନୁପୁଂଖତା ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

**ମୁଖ୍ୟ ବ୍ୟୟ ଖସଡା:**

୧୯୦) ୨୦୧୦-୧୧ ଆ.ବ.ରେ ବ୍ୟୟିତ ହେବାକୁ ୫୬୮.୧୦ ଲକ୍ଷ ଟଙ୍କାର କାପେକ୍ସ ଖସଡାକୁ ଏସ୍‌ଏଲ୍‌ଡିସି ପ୍ରଦର୍ଶନ କରିଛି । ଏହାର ସବିଶେଷତା ନିମ୍ନ ସାରଣୀରେ ପ୍ରଦର୍ଶିତ ହେଲା ।

୧୯୧) ମୂଲ୍ୟ-ହ୍ରାସ ଉଦ୍ଦେଶ୍ୟିତ ପରିମାଣ (ଅର୍ଥ) ଜରିଆରେ ୫୬୮.୧୦ ଲକ୍ଷ ଟଙ୍କାର ପ୍ରସ୍ତାବିତ ମୁଖ୍ୟ ବ୍ୟୟ ଖସଡ଼ାକୁ ଅନୁମୋଦନ ନ ଦେବାକୁ ଆୟୋଗ ନିଷ୍ପତ୍ତି ନେଇଛନ୍ତି । ତେବେ, ଆୟୋଗଙ୍କର ସୁ-ନିର୍ଦ୍ଦିଷ୍ଟ ପୂର୍ବ-ଅନୁମୋଦନ ସହ ଏସ୍‌ଏଲ୍‌ଡିସି ଉନ୍ନୟନ ଜମାରେ ଉପଲବ୍ଧ ପରିମାଣରୁ ୨୦୧୦-୧୧ ପାଇଁ କାପେକ୍ସ ବ୍ୟୟ (ଯଦି କିଛି ଥାଏ)କୁ ଅନୁମତି ଦେଇଛନ୍ତି । ୩୦, ଏପ୍ରିଲ ୨୦୧୦ ସୁଦ୍ଧା ୨୦୧୦-୧୧ ଆ.ବ. ପାଇଁ ଏସ୍‌ଏଲ୍‌ଡିସି ଉଦ୍ଦେଶ୍ୟରେ କାପେକ୍ସ ଖସଡାକୁ ଅନୁମୋଦନ ନିମନ୍ତେ ଆୟୋଗଙ୍କ ସମକ୍ଷରେ ଦାଖଲ କରିବାକୁ ଏତଦ୍ଦ୍ୱାରା ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି ।

**ସଂରକ୍ଷିତ କଣ୍ଟିନ୍‌ଜେନ୍ସି:**

୧୯୨) ଏହି ଦିଗରେ ୨୦୧୦-୧୧ ଆ.ବ. ପାଇଁ ଓପିଟିସିଏଲ୍ କୌଣସି ଅବସ୍ଥା କରିନାହିଁ । ତେଣୁ, ଏହି ହେଡ୍‌ରେ ଆୟୋଗ କୌଣସି ପରିମାଣକୁ ଅନୁମୋଦନ ଦେଇନାହାନ୍ତି ।

୧୯୩) ଏସ୍‌ଏଲ୍‌ଡିସିର ୨୦୦୯-୧୦ ଆ.ବ. ପାଇଁ ୯୬୬.୦୦ଲକ୍ଷ ଟଙ୍କାର ଅନୁମୋଦିତ ପରିମାଣ ୨୦୧୦-୧୧ ଆ.ବ. ପାଇଁ ୧୪୯୦.୬୦ ଲକ୍ଷ ଟଙ୍କାର ପ୍ରସ୍ତାବିତ ପରିମାଣ ବିପକ୍ଷରେ ଆୟୋଗ ୭୭୬.୮୫ ଲକ୍ଷ ଟଙ୍କାର ପରିମାଣକୁ ଅନୁମୋଦନ ଦେଇଛନ୍ତି । ୨୦୧୦-୧୧ ଆ.ବ. ପାଇଁ ଏସ୍‌ଏଲ୍‌ଡିସି ଏଆର୍‌ଆର୍‌ରେ ପ୍ରସ୍ତାବିତ ପରିମାଣ ଓ ଆୟୋଗଙ୍କର ଅନୁମୋଦିତ ସମ୍ବନ୍ଧୀୟ ସବିଶେଷ ବିବରଣୀ ନିମ୍ନ ସାରଣୀରେ ଚିତ୍ରଣ କରାଗଲା ।

**ଏସ୍‌ଏଲ୍‌ଡିସିର ବାର୍ଷିକ ଦେୟ-ଦର ସ୍ଥିରୀକରଣ :**

୧୯୪)ସିଇଆରସି (ଆଞ୍ଚଳିକ ଲୋଡ୍ ପ୍ରେରଣ କେନ୍ଦ୍ରର ଦେୟ ଓ ଦେୟ-ଦର ତଥା ଅନ୍ୟାନ୍ୟ ସମ୍ପର୍କିତ ପ୍ରସଂଗସମୂହ) ନିୟମାବଳୀ, ୨୦୦୯ର ନିୟମ ୨୦,୨୧,୨୨ ଓ ୨୩ରେ ବ୍ୟବସ୍ଥିତ ମତେ ଓପିଟିସିଏଲ୍ ଏସ୍‌ଏଲ୍‌ଡିସିର ବାର୍ଷିକ ଦେୟ-ଦର ସମୂହର ପ୍ରସ୍ତାବନା କରିଛି । ୨୦୧୦-୧୧ ଆ.ବ.ରେ ଏସ୍‌ଏଲ୍‌ଡିସି ପରିଚାଳନାର ବାର୍ଷିକ ଦେୟ-ଦର ବାର୍ଷିକ ୭୭୬.୮୫ ଲକ୍ଷ ଏବଂ ମାସିକ ୬୪.୭୪ ଲକ୍ଷ ଟଙ୍କାରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ହୋଇଛି, ଯାହାକୁ ଆନ୍ତଃ-ରାଜ୍ୟ ସରବରାହ ନେଟ୍‌ୱର୍କ କିମ୍ବା ସହ-ସମ୍ପର୍କିତ ସୁବିଧା ସୁଯୋଗ ଏବଂ ଏସ୍‌ଏଲ୍‌ଡିସିର ଉପଲବ୍ଧି କରୁଥିବା ଉପଯୋଗକାରୀଙ୍କ ଠାରୁ ଭରଣା କରିବାକୁ ପଡିବ ।

୧୯୫)ପଦ୍ଧତିଗତ ପରିଚାଳନା କାର୍ଯ୍ୟସୂଚୀ ଓ ବଜାର ପରିଚାଳନା କାର୍ଯ୍ୟସୂଚୀକୁ ସିଇଆରସି ନିୟମାବଳୀ, ୨୦୦୯ ନିମ୍ନମତେ ସଙ୍କାୟନ କରିଛି ।

- ଗ୍ରୀଡ୍ ପରିଚାଳନାର ତତ୍ତ୍ୱାବଧାନ, ଆନ୍ତଃ-ରାଜ୍ୟ ସରବରାହ ପଦ୍ଧତି ଉପରେ ତଦାରଖ ଓ ନିୟନ୍ତ୍ରଣ, ଗ୍ରୀଡ୍ ନିୟନ୍ତ୍ରଣ ଓ ପ୍ରେରଣ ପାଇଁ ପିଏଲ୍-ଟାଇମ୍ ସହ ସଂଶ୍ଳିଷ୍ଟ ତଥ୍ୟ ସଂକଳନ ଓ ଉପସ୍ଥାପନା, କଙ୍ଗେସନ୍ ମ୍ୟାନେଜମେଣ୍ଟ ଏବଂ ବ୍ଲାକ୍ ଷ୍ଟାର୍ଟ୍ କୋ-ର୍ଡିନେସନ ଆଦି ପଦ୍ଧତି ପରିଚାଳନା କାର୍ଯ୍ୟସୂଚୀ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ ।

- ସୂଚୀକରଣ, ପ୍ରେରଣ, ମିଟରିଂ, ତଥ୍ୟ ସଂଗ୍ରହଣ, ଶକ୍ତି ହିସାବକରଣ ଓ ବନ୍ଦୋବସ୍ତ, ସରବରାହ କ୍ଷତିର ହିସାବକରଣ ଓ ଭାଗକରଣ, ପୋଲ୍ ଆକାଉଣ୍ଟ ଓ କଙ୍ଗେସନ୍ ଚାର୍ଜ ଆକାଉଣ୍ଟର ପରିଚାଳନା, ଉପକ୍ରମଣିକ ପ୍ରଶାସନିକ ବିବରଣ ସେବାସମୂହ ଏବଂ ସୂଚନା ପୃଥକୀକରଣ ଆଦି ବଜାର ପରିଚାଳନା କାର୍ଯ୍ୟସୂଚୀ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ ।

୧୯୬) ସିଇଆରସି ନିୟମାବଳୀ, ୨୦୦୯ ନିମ୍ନଲିଖିତ ମତେ ବାର୍ଷିକ ଦେୟ-ଦରକୁ ସୁ-ନିର୍ଦ୍ଦିଷ୍ଟ କରିଛି । ତାହା ହେଲା -

(କ) ପଦ୍ଧତି ପରିଚାଳନା ଦେୟ-ଦର (ଏସ୍‌ଓସି) ଅର୍ଥାତ୍ ବାର୍ଷିକ ଦେୟ - ଦରର ୮୦% ।

(ଖ) ବଜାର ପରିଚାଳନା ଦେୟ-ଦର (ଏସ୍‌ଓସି) ଅର୍ଥାତ ବାର୍ଷିକ ଦେୟ-ଦରର ୨୦% ।

୧୯୭) ସିଇଆରସି ନିୟମାବଳୀ, ୨୦୦୯ ଅନୁଯାୟୀ, ନିମ୍ନୋକ୍ତ ଅନୁପାତ ଭିତ୍ତିରେ ଶକ୍ତି ବ୍ୟବହାରକାରୀଙ୍କ ଠାରୁ ପଦ୍ଧତି ପରିଚାଳନା ଦେୟ-ଆଦାୟ କରାଯିବ ।

- ଆନ୍ତଃ-ରାଜ୍ୟ ସରବରାହ ଅନୁମତିଧାରୀ - ସିକେଟି - କେଏମ୍‌ଏସ୍ ଭିତ୍ତିରେ ଏସ୍‌ଓସିର ୧୦%
- ଉତ୍ପାଦନକାରୀ କମ୍ପାନୀ ଓ ବିକ୍ରେତାସମୂହ - ଉତ୍ପାଦିତ କ୍ଷମତା (ପରିମାଣ) କିମ୍ବା ଚୁକ୍ତି କ୍ଷମତା (ପରିମାଣ) ଭିତ୍ତିରେ ଏସ୍‌ଓସିର ୪୫% ।
- ବିତରକ ଅନୁମତିଧାରୀ ଏବଂ କ୍ରେତାସମୂହ - ସେମାନଙ୍କର ବଣ୍ଟନ - ପରିମାଣ ଓ ଚୁକ୍ତି - ପରିମାଣ ଅନୁପାତରେ ଏସ୍‌ଓସିର ୪୫% ।

୧୯୮) ସିଇଆରସି ନିୟମାବଳୀ, ୨୦୦୯ ଅନୁଯାୟୀ, ସେମାନଙ୍କର ପ୍ରତିବଦ୍ଧତା ଏବଂ ଉତ୍ପାଦିତ ପରିମାଣ/ ଚୁକ୍ତି ପରିମାଣର ଭାଗକରଣ ଅନୁସାରେ ବିତରକ କମ୍ପାନୀ ଉତ୍ପାଦନକାରୀ କମ୍ପାନୀଙ୍କ ଠାରୁ ବଜାର ପରିଚାଳନା ଦେୟ-ଦର (ଏମଓସି) ସମାନ ଭାବେ ଆଦାୟ କରାଯିବ ।

୧୯୯) ଆୟୋଗ, ତେଣୁ ୨୦୧୦-୧୧ ଆ.ବ. ପାଇଁ ଏସ୍‌ଏଲ୍‌ଡିସି ପରିଚାଳନାର ବାର୍ଷିକ ଦେୟ-ଦର-ସମୂହକୁ ବାର୍ଷିକ ୭୭୬.୮୫ ଲକ୍ଷ ଟଙ୍କା; ଅର୍ଥାତ୍ ମାସିକ ୬୪.୭୪ ଲକ୍ଷ ଟଙ୍କାର ବିବେଚନା କରିଛନ୍ତି, ଯାହାକି ନିମ୍ନୋକ୍ତ ମତେ ଏସ୍‌ଓସି ଏବଂ ଏମ୍‌ଓସି ଜରିଆରେ ଭରଣା କରିବାକୁ ପଡିଥାଏ ।

- ପଦ୍ଧତିଗତ ପରିଚାଳନା ଦେୟ-ଦରସମୂହ (ଏସ୍‌ଓସି) (ବାର୍ଷିକ ଦେୟ-ଦରର ୮୦%)
- ବାର୍ଷିକ ୬୨୧.୪୮ ଲକ୍ଷ ଟଙ୍କା କିମ୍ବା ମାସିକ ୫୧.୭୯ ଲକ୍ଷ ଟଙ୍କା ।
- ବଜାର ପରିଚାଳନା ଦେୟ-ଦର (ଏମ୍‌ଓସି) (ବାର୍ଷିକ ଦେୟ-ଦରର ୨୦%) - ବାର୍ଷିକ ୧୫୫.୩୭ ଲକ୍ଷ ଟଙ୍କା କିମ୍ବା ୧୯.୨୫ ଲକ୍ଷ ଟଙ୍କା ।

**ପଦ୍ଧତି ପରିଚାଳନା ଦେୟ-ଦର ସମୂହ (ଏସ୍‌ଓସି):**

୨୦୦) ବାର୍ଷିକ ୬୨୧.୪୮ ଲକ୍ଷ ଟଙ୍କା କିମ୍ବା ମାସିକ ୫୧.୭୯ ଲକ୍ଷ ଟଙ୍କାର ପଦ୍ଧତି ପରିଚାଳନା ଦେୟ-ଦର (ଏସ୍‌ଓସି)କୁ ସେକ୍ଟରର ନିମ୍ନୋକ୍ତ ଅଂଶୀଦାରମାନଙ୍କ ଠାରୁ ଆଦାୟ ଉଦ୍ଦେଶ୍ୟରେ ଭାଗକରଣ କରାଯିବ ।

- ଆନ୍ତଃ-ରାଜ୍ୟ ସରବରାହ ଅନୁମତିଧାରୀ - ଏସ୍‌ଓସିର ୧୦% ହାରରେ - ବାର୍ଷିକ ୬୨.୧୫ ଲକ୍ଷ କିମ୍ବା ମାସିକ ୫.୧୮ ଲକ୍ଷ ଟଙ୍କା।
- ଉତ୍ପାଦନକାରୀ ଷ୍ଟେସନ ସମୂହ ଏବଂ ବିକ୍ରେତାସମୂହ - ଏସ୍‌ଓସିର ୪୫% - ବାର୍ଷିକ ୨୭୯.୬୭ ଲକ୍ଷ ଟଙ୍କା କିମ୍ବା ମାସିକ ୨୩.୩୧ ଲକ୍ଷ ଟଙ୍କା
- ବିତରକ କମ୍ପାନୀସମୂହ ଏବଂ କ୍ରେତାସମୂହ - ଏସ୍‌ଓସିର ୪୫% - ବାର୍ଷିକ ୨୭୯.୬୭ ଲକ୍ଷ ଟଙ୍କା କିମ୍ବା ମାସିକ ୨୩.୩୧ ଲକ୍ଷ ଟଙ୍କା ।

**୨୦୧) ପଦ୍ଧତି ପରିଚାଳନା ଦେୟର (ଏସ୍‌ଓସି) ଭରଣା:**

- ଆନ୍ତଃ-ରାଜ୍ୟ ସରବରାହ ଅନୁମତିଧାରୀ ଭାବରେ ଓପିଟିସିଲ୍ ଠାରୁ ଏସ୍‌ଓସିର ଭରଣା ବାର୍ଷିକ ୬୨.୧୫ ଲକ୍ଷ ଟଙ୍କା ଏବଂ ମାସିକ ୫.୧୮ ଲକ୍ଷ ଟଙ୍କାର ଏସ୍‌ଓସିର ୧୦% ହେବ ।

- ୪୦୦୧.୫୦ ମେଗାୱାଟରେ ଓପିଟିସିଏଲ୍‌ର ଆକଳନ ଅନୁଯାୟୀ, ସବୁ ଉତ୍ପାଦନକାରୀ ଓ ସିଜିପିମାନଙ୍କର ଉତ୍ପାଦନ କ୍ଷମତା (ପରିମାଣ) ଭିତ୍ତିରେ ଉତ୍ପାଦନକାରୀ ଷ୍ଟେସନ ଓ ବିକ୍ରେତାଙ୍କ ଠାରୁ ବାର୍ଷିକ ମେଗାୱାଟ ପିଛା ୬,୯୮୯.୦୪ ଟଙ୍କା ହାରରେ କିମ୍ବା ମାସିକ ମେଗାୱାଟ ପିଛା ୫୮୨.୪୨ ଟଙ୍କା ହାର ହେବ ।

- ବିତରକ ଅନୁମତିଧାରୀ ଓ କ୍ରେତାମାନଙ୍କ ଠାରୁ ଏସ୍‌ଓସିର ଭରଣା ୨୦୧୦-୧୧ ଆ.ବ. ପାଇଁ ଶକ୍ତି ଉପଯୋଗର ପ୍ରତିଶତ ଭିତ୍ତିରେ ହେବ । ନିମ୍ନ ସାରଣୀରେ ଏହାର ପ୍ରଦର୍ଶନ କରାଗଲା ।

**ବଜାର ପରିଚାଳନା ଦେୟ-ଦର (ଏମ୍‌ଓସି):**

୨୦୨)ବାର୍ଷିକ ୧୫୫.୩୭ ଲକ୍ଷ ଟଙ୍କା କିମ୍ବା ମାସିକ ୧୨.୯୫ ଲକ୍ଷ ଟଙ୍କାର ବଜାର ପରିଚାଳନା ଦେୟ-ଦର (ଏମ୍‌ଓସି) କୁ ସେକ୍ଟରର ନିମ୍ନ ଅଂଶୀଦାରମାନଙ୍କ ଠାରୁ ଆଦାୟ ଉଦ୍ଦେଶ୍ୟରେ ଭାଗକରଣ ହେବ ।

- ଉତ୍ପାଦନକାରୀ ଷ୍ଟେସନସମୂହ ଓ ବିକ୍ରେତାସମୂହ - ଏମ୍‌ଓସିର ୫୦% - ବାର୍ଷିକ ୭୭.୬୯ ଲକ୍ଷ ଟଙ୍କା କିମ୍ବା ମାସିକ ୬.୪୭ ଲକ୍ଷ ଟଙ୍କା

- ବିତରକ କମ୍ପାନୀସମୂହ ଏବଂ କେତ୍ରସମୂହ - ଏମ୍‌ଓସିର ୫୦% - ବାର୍ଷିକ ୭୭.୬୯ ଲକ୍ଷ ଟଙ୍କା କିମ୍ବା ମାସିକ ୬.୪୭ ଲକ୍ଷ ଟଙ୍କା ।

**୨୦୩) ବଜାର ପରିଚାଳନା ଦେୟ-ଦରର ଭରଣା (ଏମ୍‌ଓସି):**

- ୪୦୦୧.୫୦ ମେଗାୱାଟର ଓପିଟିସିଏଲ୍ ଦ୍ୱାରା ଆକଳିତ ମତେ ସବୁ ଉତ୍ପାଦନକାରୀ ଏବଂ ସିଜିପିମାନଙ୍କର ଉତ୍ପାଦନ କ୍ଷମତାକୁ ଭିତ୍ତି କରି ଉତ୍ପାଦନକାରୀ ଷ୍ଟେସନ ଓ ବିକ୍ରେତାମାନଙ୍କ ଠାରୁ ଏମ୍‌ଓସିର ଭରଣା ବାର୍ଷିକ ମେଗାୱାଟ ପିଛା ୧୯୪୧.୪୦ ଟଙ୍କା ହାରରେ କିମ୍ବା ମାସିକ ମେଗାୱାଟ ପିଛା ୧୬୧.୭୮ ଟଙ୍କା ହାରରେ ହେବ ।

- ବିତରକ ଅନୁମତିଧାରୀଙ୍କ ଠାରୁ ଏମ୍‌ଓସିର ଭରଣା ୨୦୧୦-୧୧ ଆ.ବ. ପାଇଁ ଶକ୍ତି ଉପଯୋଗର ପ୍ରତିଶତ ପରିମାଣ ଉପରେ ଆଧାରିତ ଅଟେ । ନିମ୍ନ ସାରଣୀରେ ଏହାର ପ୍ରଦର୍ଶନ କରାଗଲା ।

**ବାର୍ଷିକ ଓ ପଞ୍ଜିକରଣ ଦେୟର ଭାଗକରଣ:**

୨୦୪)ଯେଉଁ ଶକ୍ତି ବ୍ୟବହାରକାରୀଙ୍କର ସିଡ୍ୟୁଲିଂ, ମିଟରିଂ ଏବଂ ଶକ୍ତି ଆକାଉଣ୍ଟିଂ ଏସ୍‌ଏଲ୍‌ଡିସି ସହ ସମନ୍ୱିତ ଅଟେ, ସେମାନଙ୍କ ଠାରୁ ପଞ୍ଜିକରଣ ଦେୟ ବାବଦକୁ ଏକକାଳୀନ ୧ଲକ୍ଷ ଟଙ୍କା ଆଦାୟ କରିବାକୁ ଓପିଟିସିଏଲ୍ ପ୍ରସ୍ତାବ ଦେଇଛି । ଆୟୋଗ ଅବଶ୍ୟ ଏହାକୁ ଅନୁମୋଦନ ଦେଇଛନ୍ତି ଏହି ସର୍ତ୍ତରେ ଯେ, ସେହି ସବୁ ଆଦାୟ ପରିମାଣକୁ ଏସ୍‌ଏଲ୍‌ଡିସି ଉନ୍ନୟନ ପାଣ୍ଠିରେ ଜମା କରିବାକୁ ପଡିବ ।

**ଆବେଦନ ପତ୍ର ଦେୟ ଏବଂ ସୂଚୀକରଣ ଦେୟ-ଦର:**

୨୦୫)ଓପିଟିସିଏଲ୍ ଏସ୍‌ଏଲ୍‌ଡିସି ଉଦ୍ଦେଶ୍ୟରେ ଉପସ୍ଥାପନ କରିଥିବା ଏଆର୍‌ଆର୍ ଦରଖାସ୍ତର ପ୍ରସ୍ତାବ ଦେଇଛି ଯେ, ମୁକ୍ତ ପ୍ରବେଶ ଉପଭୋକ୍ତାମାନେ ୫ହଜାର ଟଙ୍କାର ଦରଖାସ୍ତ ଦେୟ ଏବଂ ସୂଚୀକରଣ ବା ସିଡ୍ୟୁଲିଂ ଦେୟ ଦେବେ ଏବଂ ଦୈନିକ ବା ଦିନର କିୟଦଂଶ ପାଇଁ ୨ହଜାର ଟଙ୍କା ଦେବେ । ତେଣୁ, ୨୦୧୦-୧୧ ଆ.ବ. ପାଇଁ ମୁକ୍ତ ପ୍ରବେଶ ଉପଭୋକ୍ତାମାନେ ଏସ୍‌ଏଲ୍‌ଡିସିକୁ ଦେବାକୁ ଥିବା ଉପରୋକ୍ତ ଦରଖାସ୍ତ ଦେୟ ଓ ସୂଚୀକରଣ ଦେୟକୁ ଅନୁମୋଦନ ଦେଇଛନ୍ତି ।

୨୦୬)ଆୟୋଗଙ୍କ ଦ୍ୱାରା ଅନୁମୋଦିତ ସେକ୍ଟରର ବିଭିନ୍ନ ଅଂଶୀଦାରମାନଙ୍କ ଠାରୁ ଆଦାୟ ପାଇଁ ଏସ୍‌ଏଲ୍‌ଡିସି ଉଦ୍ଦେଶ୍ୟରେ ୨୦୧୦-୧୧ ଆ.ବ ନିମନ୍ତେ ଏଆର୍‌ଆର୍ ଓ ମାସିକିଆ ଦେୟ-ଦର ସମୂହ ସବିଶେଷତାକୁ ନିମ୍ନ ସାରଣୀରେ ସାରାଂଶୀକରଣ କରାଗଲା ।

**ଏସ୍‌ଏଲ୍‌ଡିସିକୁ ବାର୍ଷିକ ଦେୟ-ଦର ଦେବାର କୌଶଳ:**

୨୦୭)ଓଡ଼ିଶା ବିଦ୍ୟୁତ୍ ସଂସ୍କାର (ସରବରାହ ହସ୍ତାନ୍ତରଣ ଓ ସମ୍ପର୍କିତ କାର୍ଯ୍ୟକ୍ରମସମୂହ) ସ୍କିମ, ୨୦୦୫ ଅନୁଯାୟୀ, ଓପିଟିସିଏଲ୍ ଉଦ୍ଦେଶ୍ୟରେ ବିତରକ କମ୍ପାନୀ ଓ ଅନ୍ୟାନ୍ୟ ମୁକ୍ତ ପ୍ରବେଶ ଉପଭୋକ୍ତାଙ୍କ ଠାରୁ ଗ୍ରୀଡ୍‌କୋର ଆଦାୟ-ଯୋଗ୍ୟ ଦେୟ ଉପରେ ଏକ ପ୍ରଥମ ଦେୟ-ଦର ଦ୍ୱାରା ଓପିଟିସିଏଲ୍‌ର ସରବରାହ ଦେୟ-ଦର ଉପଯୁକ୍ତ ଭାବେ ନିରାପଦ ଅଟେ । ବିତରକ କମ୍ପାନୀମାନଙ୍କର ପ୍ରାପ୍ତି-ଯୋଗ୍ୟ ଦେୟକୁ ଗ୍ରୀଡ୍‌କୋ ଉଦ୍ଦେଶ୍ୟରେ ଏସ୍କ୍ରୋ ଆକାଉଣ୍ଟରେ ରଖାଯାଏ । ଆଜି ପର୍ଯ୍ୟନ୍ତ ବିତରକ କମ୍ପାନୀ ଓ ଓପିଟିସିଏଲ୍ ମଧରେ କୌଣସି ଏସ୍କ୍ରୋ ବ୍ୟବସ୍ଥା ନାହିଁ । ବିତରକ କମ୍ପାନୀମାନେ ହେଉଛନ୍ତି ଓପିଟିସିଏଲ୍‌ର ଆନ୍ତଃ-ରାଜ୍ୟ ସରବରାହ ନେଟ୍‌ୱାର୍କର ଉପଯୋଗକାରୀ । ଗ୍ରୀଡ୍‌କୋକୁ ଏକ ନକଲ ଦେବା ସହ

ବିତରକ କମ୍ପାନୀଙ୍କୁ ଡେଲିଭରି ପଏଣ୍ଟରେ ମିଟର ରିଡିଂର ଆଧାରରେ ସରବରାହ ସେବା ସମୂହର ଉପଯୋଗ ପାଇଁ ଓପିଟିସିଏଲ୍ ବିତରକ କମ୍ପାନୀମାନଙ୍କୁ ବିଲ୍ ଦେଇଥାଏ । ବିତରକ କମ୍ପାନୀଙ୍କ ପାଖରେ ଥିବା ଦେୟକୁ ଆଣି ଗ୍ରୀଡ଼କୋ ଓପିଟିସିଏଲ୍‌କୁ ଏହି ବିଲ୍‌କୁ ପେମେଣ୍ଟ କରିଥାଏ ।

୨୦୮)ଉପରୋକ୍ତ ପରିଚ୍ଛେଦରେ ଉଲ୍ଲିଖିତ ନିୟମକୁ ଆଧାର କରି, ଆନ୍ତଃ-ରାଜ୍ୟ ସରବରାହ ଶୃଙ୍ଖଳା ତଥା ତଥା ଏସ୍‌ଏଲ୍‌ଡିସିର ସେବାସମୂହର ଉପଯୋଗ ପାଇଁ ଗ୍ରୀଡ୍‌କୋକୁ ଏକ ନକଲ ଦେବା ସହ ଏସ୍‌ଏଲ୍‌ଡିସି ବିତରକ କମ୍ପାନୀମାନଙ୍କୁ ଲାଗୁ କରିଥିବା ବିଲ୍ ଭିତ୍ତିରେ, ଏସ୍‌କ୍ରୋ ଜମା ଉଦ୍ଦେଶ୍ୟରେ ବିତରକ କମ୍ପାନୀଙ୍କ ପାଖରେ ଥିବା ଅର୍ଥରୁ ଏସ୍‌ଏଲ୍‌ଡିସି ଉଦ୍ଦେଶ୍ୟରେ ଗ୍ରୀଡ୍‌କୋର ପ୍ରାପ୍ତି-ଯୋଗ୍ୟ ଦେୟ ଉପରେ ଏକ ପ୍ରଥମ ଦେୟ-ଦର ଦ୍ୱାରା ଏସ୍‌ଏଲ୍‌ଡିସି ପାଇଁ ମାସିକିଆ ଏସ୍‌ଓସି ଏବଂ ଏମ୍‌ଓସି ମଧ୍ୟ ଉପଯୁକ୍ତ ଭାବେ ନିରାପଦ ରହିବ । ପୁନଶ୍ଚ, ଏସ୍‌କ୍ରୋ ପରିମାଣକୁ କୋହଳ କରି ଏସ୍‌ଏଲ୍‌ଡିସିକୁ ଦେବାକୁ ଥିବା ଆବଶ୍ୟକୀୟ ପରିମାଣକୁ ଦେବାକୁ ଗ୍ରୀଡ୍‌କୋ ବିତରକ କମ୍ପାନୀଙ୍କୁ ଏକ ଦୃଢ଼ ନିର୍ଦ୍ଦେଶ ଦେବା ବାଞ୍ଛନୀୟ । ଏସ୍‌ଏଲ୍‌ଡିସି ଦ୍ୱାରା ସମୟକୁ ସମୟ, ସେମାନଙ୍କ ଉପରେ ଲାଗୁ ହୋଇଥିବା ବିଲ୍ ଭିତ୍ତିରେ ବିତରକ କମ୍ପାନୀଙ୍କ ବାଦ୍ ଅନ୍ୟ ଉପଭୋକ୍ତାମାନେ ଏସ୍‌ଏଲ୍‌ଡିସିକୁ ସିଧାସଳଖ ବାର୍ଷିକ ଦେୟ ପ୍ରଦାନ କରିବେ ।

୨୦୯)ବିତରକ କମ୍ପାନୀଙ୍କ ବାଦ୍ ଅନ୍ୟ ଉପଭୋକ୍ତାମାନେ ଏସ୍‌ଏଲ୍‌ଡିସିର ଏସ୍‌ଓସି ଏବଂ ଏମ୍‌ଓସି ଦେୟ ଦେବାରେ ଖିଲାପ କଲେ, ସେମାନଙ୍କୁ 'ନିରାପଦ ଜମା' ଭାବରେ ୨ ମାସର ଏମ୍‌ଓସି ଏବଂ ଏମ୍‌ଓସି ଦେୟ (ଯେଉଁ କ୍ଷେତ୍ରରେ ଯେମିତି ହୋଇଥିବ) ଅଗ୍ରୀମ ଭାବେ ଦେବାକୁ ପଡିବ ।

୨୧୦)ସାରଣୀ - ୩୩ରେ ଆୟୋଗଙ୍କର ଅନୁମୋଦନ ଅନୁଯାୟୀ, ଉତ୍ପାଦନକାରୀ ଷ୍ଟେସନ ଓ ବିକ୍ରେତାମାନଙ୍କୁ ୨୦୧୦-୧୧ ଆ.ବ. ପାଇଁ ୪୦୦୧.୫୦ ମେଗାୱାଟର ସମୁଦାୟ ଚୁକ୍ତି ପରିମାଣ ପ୍ରକାରରେ ମାସିକ ମେଗାୱାଟ ପିଛା ଏମ୍‌ଓସି ଏବଂ ଏସ୍‌ଓସିକୁ ଏସ୍‌ଏଲ୍‌ଡିସି ବିଲ୍ କରିବା ଉଚିତ । ସେହିଭଳି ଭାବେ, ୨୦୧୦-୧୧ ଆ.ବ. ପାଇଁ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଦର-ହାରରେ ସବୁ ମାସରେ ଓପିଟିସିଏଲ୍ ଏବଂ ବିତରକ ଅନୁମତିଧାରୀଙ୍କୁ ଏସ୍‌ଏଲ୍‌ଡିସି ବିଲ୍ ଲାଗୁ କରିବ ।

୨୧୧)ବିତରକ କମ୍ପାନୀଙ୍କ ବାଦ୍ ଅନ୍ୟ ଉପଭୋକ୍ତାମାନେ ଯଦି ଯଥା ସମୟରେ ଏସ୍‌ଓସି ଏବଂ ଏମ୍‌ଓସି ଦେୟ ନ ଦିଅନ୍ତି, ତେବେ ସେମାନଙ୍କ ଉପରେ ଅଦେୟ ପରିମାଣ ଉପରେ ମାସିକ ୧.୨୫ ପ୍ରତିଶତ ହାରରେ ଅତିରିକ୍ତ ଦେୟ ଲାଗୁ କରାଯିବ ।

୨୧୨)ଉପର ବର୍ଣ୍ଣିତ 'ଦେୟ ପ୍ରଦାନ ନୀତି'କୁ ଅନୁସରଣ ପୂର୍ବକ ଏସ୍‌ଏଲ୍‌ଡିସି ସେମାନଙ୍କ ଉପରେ ଲାଗୁ କରିଥିବା ମାସିକିଆ ବିଲ୍ ଭିତ୍ତିରେ ଉପଭୋକ୍ତାମାନେ ମାସକୁ ମାସ ଏସ୍‌ଏଲ୍‌ଡିସିର ଏସ୍‌ଓସି ଏବଂ ଏମ୍‌ଓସି ଦେୟ ଦେବେ ।

**ଏସ୍‌ଏଲ୍‌ଡିସି ଉନ୍ନୟନ ପାଣ୍ଠି:**

୨୧୩)ସିଇଆରସି ନିୟମାବଳୀ, ୨୦୦୯ର ନିୟମ-୯ର ବ୍ୟବସ୍ଥାକୁ ଭିତ୍ତି କରି, ୧.୪.୨୦୧୦ ଠାରୁ ଏସ୍‌ଏଲ୍‌ଡିସି ଅଧୀନରେ ଏକ ପୃଥକ୍ 'ଆକାଉଣ୍ଟ ଶୀର୍ଷକ' ମୂଳେ 'ଏସ୍‌ଏଲ୍‌ଡିସି ଉନ୍ନୟନ ପାଣ୍ଠି' ନାମରେ ଏକ ସ୍ୱତନ୍ତ୍ର ଜମାକୁ ଆୟୋଗ ଅନୁମୋଦନ ଦେଇଛନ୍ତି ।

୨୧୪)୨୦୦୯-୧୦ ଆ.ବ. ପାଇଁ ଏସ୍‌ଏଲ୍‌ଡିସି ଏଆର୍‌ଆର୍‌ରେ ଅନୁମୋଦିତ ସମୁଦାୟ ଅବଶିଷ୍ଟ ପରିମାଣ ଏବଂ ୩୧.୩.୨୦୧୦ ସୁଦ୍ଧା ଖର୍ଚ୍ଚ ନହୋଇ ପଡି ରହିଥିବା ପରିମାଣକୁ ଉପରୋକ୍ତ ଏସ୍‌ଏଲ୍‌ଡିସି ଉନ୍ନୟନ ପାଣ୍ଠିକୁ ହସ୍ତାନ୍ତରଣ କରାଯିବ ଓ ଜମା କରାଯିବ ।

୨୧୫)ପଞ୍ଜିକରଣ ଦେୟ, ଦରଖାସ୍ତ ଫି', ସ୍ୱଳ୍ପକାଳୀନ ମୁକ୍ତ ପ୍ରବେଶ ଦେୟ ଆଦି ଏସ୍‌ଏଲ୍‌ଡିସିର ବିବିଧ ଆୟକୁ ଏସ୍‌ଏଲ୍‌ଡିସି ଉନ୍ନୟନ ପାଣ୍ଠିରେ ଜମା କରାଯିବ ।

୨୧୬)'ଏସ୍‌ଏଲ୍‌ଡିସି ଉନ୍ନୟନ ପାଣ୍ଠି'ରୁ ଅର୍ଥ ବିନିଯୋଗ / ଉପଯୋଗ କରିବା ପାଇଁ ଏସ୍‌ଏଲ୍‌ଡିସି ହିଁ ହକ୍‌ଦାର ହେବ । ତେବେ ସେହି ଅର୍ଥକୁ ଏସ୍‌ଏଲ୍‌ଡିସି ନୂଆ ନୂଆ ଆସେଟ୍ କ୍ରୟ ଦିଗରେ ବିନିଯୋଗ କରିବ । ତା'ଛଡା ପାର୍ଜିନ ଅର୍ଥକୁ ବିନିଯୋଗ କରି ଋଣ ଲଗାଣକାରୀ ଆର୍ଥିକ ସଂସ୍ଥାନମାନଙ୍କ ଠାରୁ ଋଣ ଆଣିପାରିବ ଏବଂ ସେହି ଋଣକୁ କେବଳ ଆସେଟ୍ କିଣା ଏବଂ ଓଡ଼ିଶା ଶକ୍ତି ପଦ୍ଧତି ଅଧୀନରେ କାର୍ଯ୍ୟ କରୁଥିବା ବା କରିବାକୁ ଯାଉଥିବା ଆର୍‌ଆଣ୍ଡ ଡି' ପ୍ରୋଜେକ୍ଟକୁ ଲଗାଣ କରିବାରେ ବ୍ୟୟ କରିବ ।

୨୧୭)ଏସ୍‌ଏଲ୍‌ଡିସି ଉନ୍ନୟନ ପାଣ୍ଠିରୁ ଅର୍ଥ ଆଣିବା ବାଦ୍, ଯଦି ଅନ୍ୟ କୌଣସି ସୂତ୍ରରୁ ଅର୍ଥ ଆଣି ଏସ୍‌ଏଲ୍‌ଡିସି ଆସେଟ୍ କିଣିଥାଏ, ତେବେ ତାହାକୁ 'ନିବେଶିତ ଅଂଶ-ଧନ ଉପରେ ଲାଭାଂଶ ପରିମାଣ ଫେରସ୍ତ ଓ ଋଣ ଉପରେ ସୁଧ' ବାବଦକୁ କମ୍ପ୍ୟୁଟରୀକୃତ ହିସାବ ଉଦ୍ଦେଶ୍ୟରେ ବିବେଚନା କରାଯିବ ନାହିଁ ।

୨୧୮)ଆୟୋଗ ବର୍ଷକୁ ୨ଥର ଏସ୍‌ଏଲ୍‌ଡିସି ଉନ୍ନୟନ ପାଣ୍ଠିର ରିଭ୍ୟୁ କରିବେ ।

**ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ:**

୨୧୯)ଓଇଆରସି (ଆନ୍ତଃ-ରାଜ୍ୟ ଏବିଟି) ନିୟମାବଳୀ, ୨୦୦୭, ୧୪.୨.୨୦୦୮ର ଓଡ଼ିଶା ରାଜ୍ୟକ୍ଷେତ୍ରରେ ପ୍ରକାଶିତ ହୋଇଥିଲା । ସେହି ଦିନଠାରୁ ଏହା ବଳବତ୍ତର ହୋଇଛି ।

**ଆନ୍ତଃ-ରାଜ୍ୟ ଏବିଟି ପ୍ରବର୍ତ୍ତନର ଆଇନଗତ ସ୍ଥିତି ଓ ଭିତ୍ତି :**

- ଅନ୍-ଲାଇନ ମନିଟରିଂ ଏବଂ ଆନ୍ତଃ-ରାଜ୍ୟ ଏବିଟିର ନିର୍ବାହନ ପାଇଁ ଯେଣୁ ବିତରକ କମ୍ପାନୀମାନଙ୍କର ବିତରକ ଜନିତ ପଦ୍ଧତିଗତ ପରିଚାଳନା ଓ ନିୟନ୍ତ୍ରଣ କେନ୍ଦ୍ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ, ତେଣୁ ରାଜ୍ୟରେ ଅନୁମତିଧାରୀମାନେ, ଅର୍ଥାତ୍ ବିତରକ କମ୍ପାନୀମାନେ ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ କରିବାକୁ ତଥାପି ବାକି ଅଛି ।

- ବ୍ୟବସ୍ଥା ସାପେକ୍ଷ ଓ ଚୂଡ଼ାନ୍ତ ମାସିକିଆ ଶକ୍ତି ଆକାଉଣ୍ଟ, ସାପ୍ତାହିକ ୟୁଆଇ ଆକାଉଣ୍ଟ ଏବଂ ସାପ୍ତାହିକ ପାରମାଣବିକ ଶକ୍ତି ଆକାଉଣ୍ଟ ଆଦିର ପ୍ରସ୍ତୁତି ଉଦ୍ଦେଶ୍ୟରେ ଏସ୍ଏଲ୍ଡିସି ନିଜକୁ ସଜାଡ଼ି ପାରିନାହିଁ ଏବଂ 'ଶକ୍ତି ଆକାଉଣ୍ଟିଂ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର'ର ସ୍ଥାପନା କରିପାରି ନାହିଁ ।

- ଅନ୍-ଲାଇନ ସିଡ୍ୟୁଲ ବନାମ ଶକ୍ତି ଉଠାଣ ତଥ୍ୟ ସମୂହର ଏପର୍ଯ୍ୟନ୍ତ ଉପଲବ୍ଧ ହୋଇନାହିଁ ।

୨୨୧) ୧୮.୭.୨୦୦୯, ୧୭.୯.୨୦୦୯ ଓ ୨୫.୧୧.୨୦୦୯ରେ ଓଇଆରସିର ସମ୍ମିଳନୀ କକ୍ଷରେ ଆନ୍ତଃ-ରାଜ୍ୟ ଏବିଟି ପ୍ରବର୍ତ୍ତନ ସମ୍ପର୍କରେ ୩ଟି ବୈଠକରେ ଅନୁଷ୍ଠାନ ହୋଇଥିଲା ଏବଂ ଏଥିରେ ବିତରକ କମ୍ପାନୀ, ଗ୍ରୀଡ୍କୋ, ଏସ୍ଏଲ୍ଡିସି ଏବଂ ଓପିଟିସିଏଲ୍ ଆଦି ସେକ୍ଟରର ଅଂଶୀଦାରମାନେ ଭାଗ ନେଇ ଆନ୍ତଃ-ରାଜ୍ୟ ଏବିଟି ପ୍ରବର୍ତ୍ତନ ଉପରେ ବିଶଦ ଆଲୋଚନା କରିଥିଲେ ।

୨୨୨) ୨୫.୧୧.୨୦୦୯ରେ ଅନୁଷ୍ଠିତ ୩ୟ ବୈଠକରେ ତତ୍-ନିହିତ ଫ୍ରିକ୍ୱେନ୍ସି ଏବଂ ୟୁଆଇ ଦେୟ (ଯାହା ୨୦.୧୧.୨୦୦୯ ଠାରୁ ୟୁଟିଲିଟି ଇଣ୍ଟରଫେସ୍ ଅଧୀନରେ ଓଇଆରସି ୱେବ୍ସାଇଟ୍ ଙଙଙ.ଙ୍କୱରଙ୍କମ.ଙ୍କୱଶରେ ଉପଲବ୍ଧ ଥିଲା) ସହ ୧୫ ମିନିଟ ମୋଡ୍ରେ ସେମାନଙ୍କ ବ୍ୟକ୍ତିଗତ ଉଠାଣକୁ ସୂଚାଇ ଓଇଆରସିର ଯୁଗ୍ମ ନିର୍ଦ୍ଦେଶକ (ସୂଚନା-ପ୍ରଯୁକ୍ତି) ସବୁ ବିତରକ କମ୍ପାନୀଙ୍କର ଅନ୍-ଲାଇନ୍ ତଥ୍ୟାବଳୀକୁ ଉପସ୍ଥାପନ କରିଥିଲେ । ଯେଣୁ, ଅନ୍-ଲାଇନ ଡାଟା ଉପଲବ୍ଧ ହୋଇଥିଲା, ତେଣୁ ୧୫ ମିନିଟ ମୋଡ୍ରେ ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ଉପରେ ଓଇଆରସି ପରିସରରେ ୨୩.୧୨.୨୦୦୯ରେ 'ଛାୟା ଅନୁଶୀଳନୀ' ଉଦ୍ଦେଶ୍ୟରେ ପୂରା ଦିନର ଏକ କର୍ମଶାଳାର ଅନୁଷ୍ଠାନ ପାଇଁ ୨୫.୧୧.୨୦୦୯ରେ ଅନୁଷ୍ଠିତ ୩ୟ ବୈଠକରେ ସବୁ ପ୍ରତିନିଧି ପରାମର୍ଶ ଦେଇଥିଲେ ଓ ସହମତ ହୋଇଥିଲେ ।

୨୨୩) ୨୩.୧୨.୨୦୯ରେ ଓଇଆରସିଙ୍କ ସମ୍ମେଳନ କକ୍ଷରେ ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ଉପରେ ଏକ ପୂରାଦିନର 'ଛାୟା କର୍ମଶାଳା' ଅନୁଷ୍ଠିତ ହୋଇଥିଲା । ଏହି 'ଛାୟା ଅନୁଶୀଳନୀ' ଚାଲିଥିବା ସମୟରେ ବିତରକ କମ୍ପାନୀ ଓ ଏସ୍ଏଲ୍ଡିସି ମଧ୍ୟରେ ସେମାନଙ୍କର ଆୟତ୍ତାଧୀନ ଅଞ୍ଚଳ, ପ୍ରତି ବିତରକ କମ୍ପାନୀ ଉଦ୍ଦେଶ୍ୟରେ 'ଶକ୍ତିର ପ୍ରୟୋଗ ସ୍ଥାନ ସମୂହ', 'ଆନ୍ତଃ-ବିତରକ କମ୍ପାନୀଙ୍କ ମଧ୍ୟରେ ଶକ୍ତି ଅଦଳବଦଳର ପ୍ରୟୋଗ ସ୍ଥାନସମୂହ' ଏବଂ ଏହାର ଶକ୍ତି ଆକାଉଣ୍ଟିଂ ସମ୍ପର୍କରେ ଏକ ଫଳପ୍ରଦ ସହସମ୍ପୃକ୍ତି ସମ୍ଭବ ହୋଇପାରିଥିଲା ।

**୨୨୪) ରାଜ୍ୟରେ ଆନ୍ତଃ-ରାଜ୍ୟ ଏବିଟିର ଫଳପ୍ରଦ ପ୍ରବର୍ତ୍ତନ ଉପରେ ୨୩.୧୨.୨୦୦୯ରେ ଅନୁଷ୍ଠିତ 'ଛାୟା ଅନୁଶୀଳନୀ'ରେ ସେକ୍ଟରର ଉପର ଲିଖିତ ଅଂଶୀଦାରମାନଙ୍କ ମଧ୍ୟରେ ସୃଷ୍ଟ ଓ ଉଦ୍ଭବ ସହମତି-ସୂଚକ ଅଭିବ୍ୟକ୍ତି ସମୂହକୁ ନିମ୍ନ ଉଲ୍ଲେଖ ସମୂହ ପ୍ରକାରରେ ବର୍ଣ୍ଣନା କରାଗଲା :**

- ପ୍ରଥମ ପର୍ଯ୍ୟାୟରେ ବିତରକ କମ୍ପାନୀ ଓ ଗ୍ରୀଡ଼କୋ ମଧ୍ୟରେ ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ହେବ ।

- ପ୍ରଥମ ପର୍ଯ୍ୟାୟର ସଫଳତା ପରେ ୨ୟ ପର୍ଯ୍ୟାୟରେ ଉତ୍ପାଦନକାରୀ, ସିଜିପି ଓ ଅନ୍ୟାନ୍ୟ ହିତାଧିକାରୀଙ୍କ ପାଇଁ ଏହା ଲାଗୁ କରାଯିବ ।

- ଆବଶ୍ୟକୀୟ ଶ୍ରମ-ଶକ୍ତି ଓ ସଂରଚନା ଖଟାଇ 'ରିଏଲ୍ ଟାଇମ୍ ଅପରେସନ ମୋଡ୍' ଉଦ୍ଦେଶ୍ୟରେ ୨୪×୭ ଘଣ୍ଟାର ନିର୍ଘଣ୍ଟ ଉପରେ ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ପାଇଁ ସେମାନଙ୍କର "ବିତରଣ ପଦ୍ଧତି ପରିଚାଳନା ଓ ନିୟନ୍ତ୍ରଣ କେନ୍ଦ୍ରସମୂହ"କୁ ସବୁ ବିତରକ କମ୍ପାନୀ ସୁଦୃଢ଼ କରିବା ଉଚିତ ।

- ଓପିଟିସିଏଲ୍ ନେଟ୍ୱର୍କର ଏକ୍ସଚେଞ୍ଜ ମିଟରିଂ ପଏଣ୍ଟ ଠାରୁ ଯଥା- ଉଦ୍ଦିଷ୍ଟ ବିତରକ କମ୍ପାନୀର ବିତରଣ ନେଟ୍ୱର୍କର ୧୧ କେଭି ଫିଡର ପର୍ଯ୍ୟନ୍ତ ପ୍ରଦର୍ଶନ କରି 'କାର୍ଯ୍ୟସୂଚୀ ଜନିତ ରେଖାଙ୍କନ'କୁ ସବୁ 'ବିତରଣ ପଦ୍ଧତି ପରିଚାଳନା ଓ ନିୟନ୍ତ୍ରଣ କେନ୍ଦ୍ର' ଡିସ୍ପ୍ଲେ କରିବାକୁ ବ୍ୟବସ୍ଥା କରିବା ଉଚିତ ।

- ପ୍ରକ୍ରିୟାକରଣ ଶିଳ୍ପ ସଂସ୍ଥା, ଜିଲ୍ଲା ମୁଖ୍ୟ ଦପ୍ତର ଓ ରାଜ୍ୟ ରାଜଧାନୀ ଶକ୍ତି ଯୋଗାଣ କରୁଥିବା ଫିଡରଗୁଡିକୁ ବାଦ୍ ଦେଇ ଆଉ ସବୁ ୩୩ କେଭି ଫିଡରକୁ କ୍ୟାଟେଗୋରୀ - 'କ', କ୍ୟାଟେଗୋରୀ - 'ଖ' ଏବଂ କ୍ୟାଟେଗୋରୀ - 'ଗ' ଭାବେ ଶ୍ରେଣୀକରଣ କରାଯିବା ଉଚିତ । ଏହିସବୁ ଫିଡରର ଗ୍ରେଡେଡ୍ ସେଟିଂ ଠାରେ ୟୁଏଫ୍ଆର୍ ବ୍ୟବସ୍ଥିତ କରାଯିବା ବାଞ୍ଛନୀୟ; ଏବଂ ଏହିସବୁ ୟୁଏଫ୍ଆର୍‌ର ସ୍ଥାପନା ପାଇଁ ଉପଯୁକ୍ତ କାର୍ଯ୍ୟପନ୍ଥାକୁ ତ୍ୱରାନ୍ୱିତ କରିବା ନିମନ୍ତେ ୧୫.୧.୨୦୧୦ ସୁଦ୍ଧା ଓପିଟିସିଏଲ୍‌କୁ ସୂଚେଇ ଦିଆଯିବା ବାଞ୍ଛନୀୟ ଅଟେ ।

**ଏଆର୍ଆର୍‌ର ଶୁଣାଣି ବେଳେ ଆନ୍ତଃ-ରାଜ୍ୟ ଏବିଟି ପ୍ରବର୍ତ୍ତନ କ୍ଷେତ୍ରରେ ବିତରକ କମ୍ପାନୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ.........**

୨୨୫) ୨୦୧୦-୧୧ ଆ.ବ. ପାଇଁ ଏଆର୍ଆର୍‌ର ଶୁଣାଣି ବେଳେ ଆନ୍ତଃ-ରାଜ୍ୟ ଏବିଟି(ଫେଜ-୧)ର ପ୍ରବର୍ତ୍ତନ କ୍ଷେତ୍ରରେ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରସଂଗ ଦର୍ଶାଇଥିଲେ, ତାହାକୁ ନିମ୍ନମତେ ଉଲ୍ଲେଖ କରାଗଲା ।

- ଏସ୍ଏଲ୍‌ଡିସି ଦ୍ୱାରା ପ୍ରଦତ୍ତ ସିଡ୍ୟୁଲର ପ୍ରବର୍ତ୍ତନ ପାଇଁ 'ସେସୁ' ଚରମ ଗୁରୁତ୍ୱ ଦେଇଛି । ସିଡ୍ୟୁଲକୁ କଡାକଡି ଭାବେ ପାଳନ କରିବାକୁ ସବୁ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତେବେ, ଗରମାଧମର କେତେକ ଗୋଳମାଳିଆ ରିପୋର୍ଟ ଯୋଗୁ, କେତେକ ସ୍ଥାନରେ 'ସେସୁ'ର କ୍ଷେତ୍ରୀୟ ୟୁନିଟଗୁଡିକ ଜନସାଧାରଣଙ୍କ ଉପରେ ଅଣ-ଉଦ୍ଦେଶ୍ୟମୂଳକ ଭାବେ ସିଡ୍ୟୁଲର କାର୍ଯ୍ୟାନୁଷ୍ଠାନରୁ ବିଦ୍ୟୁତ୍ ହୋଇଥାଇପାରନ୍ତି । କିନ୍ତୁ ଏହା ଦ୍ୱାରା ଅବାଞ୍ଛିତ ଭାବେ ଗ୍ରୀଡ୍‌ରୁ ଅଧିକ ଉଠାଣ ହିଁ ହୋଇଥାଏ ।

- ନେସ୍‌କୋ ଦର୍ଶାଇଛି ଯେ, ସେ ୫୩୦ ମେଗାୱାଟର ହାରାହାରି ଉଠାଣ ବିପକ୍ଷରେ, ଏସ୍ଏଲ୍‌ଡିସି ଠାରୁ ୪୨୦ ମେଗାୱାଟର ଏକ ସିଡ୍ୟୁଲ ପାଉଥିଲା । ୫ ଟ୍ରାକ୍‌ସନ ଉପଭୋକ୍ତା, ୨ ପ୍ରତିରକ୍ଷା ଉପଭୋକ୍ତା ଏବଂ ୩ ଜରୁରୀ ଶକ୍ତି ଉପଭୋକ୍ତାଙ୍କରର ଚାହିଦାକୁ କମାଇବାରେ ନେସ୍‌କୋ ସମସ୍ୟାର ସମ୍ମୁଖୀନ ହେଉଛି । ନେସ୍‌କୋ ନିଶ୍ଚିତ ସୂଚକ ଭାବେ ଦର୍ଶାଇଛି ଯେ, ଏସ୍ଏଲ୍‌ଡିସି ଦ୍ୱାରା ପ୍ରଦତ୍ତ ପ୍ରବର୍ତ୍ତନ ସିଡ୍ୟୁଲ ସଠିକ ନୁହେଁ; କାରଣ ରିଏଲ୍ ଟାଇମ ତଥ୍ୟର ଅନୁପଲବ୍ଧତା ଯୋଗୁ କୁଚେଇ ଓ ଭଦ୍ରକ ଗ୍ରୀଡ୍ ସବ୍-ଷ୍ଟେସନ ପାଇଁ ଏସ୍ଏଲ୍‌ଡିସି ହାରାହାରି ଆକଳିତ ତଥ୍ୟକୁ ଗ୍ରହଣ କରୁଛି । ୨୩.୧୨.୨୦୦୯ରେ ଅନୁଷ୍ଠିତ କର୍ମଶାଳାର ନିଷ୍ପତ୍ତି ଅନୁଯାୟୀ, ଭିନ୍ନ ଭିନ୍ନ ସବ୍-ଷ୍ଟେସନ ଠାରେ ୩୩ କେଭି ଫିଡର ଗୁଡିକରେ ୟୁଏଫ୍ଆର୍ ସ୍ଥାପନା ଉଦ୍ଦେଶ୍ୟରେ ନେସ୍‌କୋ ଓପିଟିସିଏଲ୍‌କୁ ରିକ୍ୟୁଜିସନ ଦେଇସାରିଛି ।

- ୱେସ୍‌କୋ ଦର୍ଶାଇଥିଲା ଯେ, ସାଂପ୍ରତିକ ସ୍ଥିତିରେ ସେ ଆନ୍ତଃ-ରାଜ୍ୟ ଏବିଟି (ଫେଜ-୧)ର ପ୍ରବର୍ତ୍ତନ ପାଇଁ ସବୁ ଦିଗରୁ ପ୍ରସ୍ତୁତ ନୁହେବା ଆନ୍ତଃ-ରାଜ୍ୟ ଏବିଟି ପ୍ରବର୍ତ୍ତନ ପାଇଁ ଉପୁଜୁଥିବା ଅସଲ ସମସ୍ୟା ସମୂହକୁ ସେ ନିମ୍ନ ଉଲ୍ଲେଖ ମତେ ବ୍ୟକ୍ତ କରିଛି ।

- ହସ୍‌ପିଟାଲ, ଜଳଯୋଗାଣ ବିଭାଗ ଓ ରେଳବାଇ ଆଦିକୁ ପ୍ରାଥମିକତା ଭିତ୍ତିରେ ଶକ୍ତି ଯୋଗାଣ ପାଇଁ ସେମିତି କିଛି ସ୍ୱତନ୍ତ୍ର ଫିଡର ନାହିଁ ଏବଂ ସେମାନେ ସମସ୍ତେ ଅଂଶୀଦାର-ଫିଡର ଗୁଡିକରୁ ଶକ୍ତି ଯୋଗାଣ ଉପଲବ୍ଧ କରୁଛନ୍ତି । ତେଣୁ, ଆନ୍ତଃ-ରାଜ୍ୟ ଏବିଟି ପ୍ରବର୍ତ୍ତନ ଅଧିକ ଭାବେ କଷ୍ଟକର ହୋଇପଡୁଛି ।

- ବ୍ୟକ୍ତିଗତ ଶିଳ୍ପସଂସ୍ଥାଗତ ଉପଭୋକ୍ତାଙ୍କ କ୍ଷେତ୍ରରେ ଶକ୍ତି ଯୋଗାଣକୁ ନିୟନ୍ତ୍ରଣ କରିବାକୁ କୌଣସି ନିୟନ୍ତ୍ରକ କୌଶଳନାହିଁ । ତେଣୁ ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ଏକ କଷ୍ଟକର ବ୍ୟାପାର ଭାବେ ଭଡା ହେଉଛି ।

- ସ୍ଥିତ ୯୭ ସଂଖ୍ୟକ ୩୩କେଭି ଫିଡରରେ ଇନ୍‌କମିଂ ଭିସିବି ନାହିଁ ଏବଂ ସେହିପରି ୪୬୩ ସଂଖ୍ୟକ ୧୧କେଭି ଫିଡରରେ ଆଉଟ୍‌ଗୋଇଙ୍ଗ ବ୍ୟବସ୍ଥା ନାହିଁ ।

- ଆନ୍ତଃ-ରାଜ୍ୟ ଏବିଟିର ଉପଯୁକ୍ତ ପ୍ରବର୍ତ୍ତନ ପାଇଁ ସବୁ ୩୩/୧୧ କେଭି ସବ୍‌ଷ୍ଟେସନରୁ (ସ୍କାଡା ସିଷ୍ଟମ) ବିତରଣ ପଦ୍ଧତି ପରିଚାଳନା ଓ ନିୟନ୍ତ୍ରଣ କେନ୍ଦ୍ରଗୁଡିକ ରିଏଲ୍ ଟାଇମ୍ ତଥ୍ୟ ଆହରଣ ଆବଶ୍ୟକ କରିଥା'ନ୍ତି ।

- ସାଉଥ୍‌କୋ ଦର୍ଶାଇଛି ଯେ, ଏସ୍ଏଲ୍‌ଡିସି ଦ୍ୱାରା ପ୍ରଦତ୍ତ ସିଡ୍ୟୁଲ୍‌ର ପ୍ରବର୍ତ୍ତନ ପରେ ଲକ୍ଷ୍ୟ କରାଯାଇଛି ଯେ, ଅନେକ ସମୟରେ ସନ୍ଧ୍ୟା ୬ଟା ପରେ ଏବଂ ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ସମୟ ଅବଧିରେ ମଧ ଶକ୍ତି ଯୋଗାଣରେ ଭୋଲ୍‌ଟେଜ କମାଇବାକୁ ଓପିଟିସିଏଲ୍‌ର ଗ୍ରୀଡ୍ ସବ୍-ଷ୍ଟେସନ ଗୁଡିକୁ ନିର୍ଦ୍ଦେଶ ଦେଇ ଏସ୍ଏଲ୍‌ଡିସି ପ୍ରତ୍ୟକ୍ଷ ଭାବେ ସାଉଥ୍‌କୋର ଉଠାଣକୁ କଟକଣିତ କରୁଛି । ବାରମ୍ବାର ଲୋଡ୍ କଟକଣା ଯୋଗୁ ସାଉଥ୍‌କୋ ଅଧିନସ୍ଥ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଉଛି । ସାଉଥ୍‌କୋ ପୁନଃଷ୍ଟ କରିଛି ଯେ, ପ୍ରବର୍ତ୍ତନ-ସିଡ୍ୟୁଲ ଅନୁଯାୟୀ, ଏସ୍ଏଲ୍‌ଡିସି ଦ୍ୱାରା ପ୍ରଦତ୍ତ ତଥ୍ୟ ବଣ୍ଟୁଆରା କରାଯାଇଥିବା ଲୋଡ୍ ଓ ଉଠାଣ-ଲୋଡ୍ ସହ

ମେଳ ଖାଉନାହିଁ । ଓଇଆରସିର ୱେବ୍‌ସାଇଟ୍‌ରେ ଉପଲବ୍ଧ ସାଉଥ୍‌କୋର ଉଠାଣ-ତଥ୍ୟ ୨୨୦ କେଭି ଅଟେ । ଟ୍ରାନ୍‌ସଫରମରର ପୂର୍ବ-୧୫ମିନିଟ ଉଠାଣ ସହ ସମ୍ପର୍କ ରଖେ, ଯାହା ସିଡ୍ୟୁଲ ସୀମା ମଧ୍ୟରେ ଉଠାଣକୁ ଚଳାଇନେବାକୁ ସାଉଥ୍‌କୋକୁ ସାହାଯ୍ୟ କରେ ନାହିଁ । କେତେକ ସମୟରେ, ମାଛକୁଣ୍ଡ ଯୋଗାଣର ଓଡ଼ିଶା ଭାଗକୁ ଓପିଟିସିଏଲ୍ ମୋହନା ଗ୍ରୀଡ୍ ସବ୍‌ଷ୍ଟେସନ ପର୍ଯ୍ୟନ୍ତ ବିସ୍ତାରିତ କରିଥାଏ, ଯାହା ଉପରେ ସାଉଥ୍‌କୋର କୌଣସି ନିୟନ୍ତ୍ରଣ ନାହିଁ । ଆନ୍ତଃ-ରାଜ୍ୟ ଏବିଟି (ଫେଜ୍-୧)ର ପ୍ରବର୍ତ୍ତନ ପୂର୍ବରୁ ଏହିସବୁ ସମସ୍ୟାର ଦୂରୀକରଣର ଆବଶ୍ୟକତା ଅଛି ।

୨୨୬) ଆୟୋଗ ଅସନ୍ତୋଷ ପ୍ରକାଶ କରିଛନ୍ତି ଯେ, ଆନ୍ତଃ-ରାଜ୍ୟ ଏବିଟିର ବ୍ୟବସାୟିକ ପ୍ରବର୍ତ୍ତନ କ୍ଷେତ୍ରରେ ସେକ୍ଟରର ସବୁ ଅଂଶୀଦାର, ମୁଖ୍ୟତଃ ବିତରକ କମ୍ପାନୀମାନେ ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି; ତାହା ଆଦୌ ସନ୍ତୋଷଜନକ ନୁହେଁ । ଏ ନେଇ ବିତରକ କମ୍ପାନୀମାନେ ଯେଉଁ ସବୁ ଅସୁବିଧା/ସମସ୍ୟା ଦର୍ଶାଉଛନ୍ତି, ବହୁ ପୂର୍ବରୁ ସେ ସବୁକୁ ଦର୍ଶାଇ ପାରିଥାଆନ୍ତେ । ସେମାନଙ୍କର (ବିତରକ କମ୍ପାନୀଙ୍କର) ଉଠାଣ-ଆଧିକ୍ୟକୁ ନିୟନ୍ତ୍ରଣରେ ରଖିବା ହେଉଛି ବିତରକ କମ୍ପାନୀଙ୍କର ଦାୟିତ୍ୱ । ସେଥିପାଇଁ ସେମାନେ ଉପଯୁକ୍ତ କାର୍ଯ୍ୟପନ୍ଥା ଚୟନ କରିବା କଥା । ଆନ୍ତଃ-ରାଜ୍ୟ ଏବିଟି ହେଉଛି ବ୍ୟବସାୟିକ ସଂକେତର କେବଳ ଏକ ଉପାୟ, ଯଦ୍ୱାରା ପ୍ରତି ବିତରକ କମ୍ପାନୀ ଉଦ୍ଦେଶ୍ୟରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଶକ୍ତି ଉଠାଣ ପରିମାଣର ସୀମା ମଧ୍ୟରେ ବିତରକ କମ୍ପାନୀମାନେ ରହିବେ । 'ବିତରଣ ପଦ୍ଧତି ପରିଚାଳନା ଓ ନିୟନ୍ତ୍ରଣ କେନ୍ଦ୍ର'ଗୁଡ଼ିକୁ ୨୪×୭ ଘଣ୍ଟାର ନିର୍ଘଣ୍ଟରେ ପରିଚାଳିତ କରିବାକୁ ଆବଶ୍ୟକୀୟ କର୍ମକର୍ତ୍ତା, ହାର୍ଡ୍‌ୱେର ଓ ସଫ୍‌ଟ୍‌ୱେର ଯୋଗାଇ ଦେଇ ୩୧.୩.୨୦୧୦ ସୁଦ୍ଧା ସେମାନଙ୍କର 'ବିତରଣ ପଦ୍ଧତି ପରିଚାଳନା ଓ ନିୟନ୍ତ୍ରଣ କେନ୍ଦ୍ର' ଗୁଡ଼ିକୁ ସମ୍ପୂର୍ଣ୍ଣ ନିର୍ବାହନକ୍ଷମ ରଖିବାକୁ ଆୟୋଗ ଏତଦ୍ୱାରା ସବୁ ବିତରକ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି । ତା'ଛଡା, ବିତରକ କମ୍ପାନୀମାନଙ୍କର ଆବଶ୍ୟକତା - ତାଲିକା ଅନୁଯାୟୀ, ୩୧.୩.୨୦୧୦ ସୁଦ୍ଧା ଗ୍ରେଡେଡ୍ ସେଟିଂ ସହ ସବୁ ୩୩କେଭି ଫିଡରଗୁଡ଼ିକରେ ୟୁଏଫ୍‌ଆର୍‌ର ସ୍ଥାପନା ପାଇଁ ଆୟୋଗ ଓପିଟିସିଏଲ୍‌କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଏହା ବାଦ୍, ୩୧.୩.୨୦୧୦ ସୁଦ୍ଧା 'ଶକ୍ତି ଆକାଉଣ୍ଟିଂ ଏବଂ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର' ଗୁଡ଼ିକୁ ସ୍ଥାପନା ଓ ଚାଲୁ କରିବାକୁ ଆୟୋଗ ଏସ୍‌ଏଲ୍‌ଡିସିକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଫଳରେ ଅନ୍ତତଃ ୧.୪.୨୦୧୦ ଠାରୁ ଏସ୍‌ଏଲ୍‌ଡିସି ମାସିକିଆ ଶକ୍ତି ହିସାବ, ସାପ୍ତାହିକ ୟୁଆଇ ଏବଂ ପାରମାଣବିକ ଶକ୍ତି ହିସାବ ସମୂହର ପ୍ରସ୍ତୁତି ଓ ପ୍ରଦାନ କରିପାରିବ ।

୨୨୭) ୟୁଆଇ ଏବଂ ପାରମାଣବିକ ଶକ୍ତି ହିସାବର ବ୍ୟବସାୟିକ ବନ୍ଦୋବସ୍ତ ଉଦ୍ଦେଶ୍ୟରେ ଆୟୋଗ ଖୁବ୍ ଶୀଘ୍ର ଆନ୍ତଃ-ରାଜ୍ୟ ଏବିଟି (ଫେଜ୍-୧) ପ୍ରବର୍ତ୍ତନର ସଠିକ ତାରିକ ସମ୍ପର୍କରେ ନିଷ୍ପତ୍ତି ନେବେ ।

**ଏସ୍‌ଏଲ୍‌ଡିସିର କାର୍ଯ୍ୟ ପରିଚାଳନା:**

୨୨୮) ୨୦.୩.୨୦୦୯ର ଆୟୋଗଙ୍କ ଆଦେଶନାମା ଅନୁଯାୟୀ, ଏସ୍‌ଏଲ୍‌ଡିସି ସବୁ ଦିଗରୁ ସ୍ୱଚ୍ଛ ଓ ମାର୍ଜିତ ଭାବେ ଏକ ସ୍ୱାଧୀନ ପଦ୍ଧତି ପରିଚାଳକ ଭାବରେ କାର୍ଯ୍ୟ ପରିଚାଳନା କରିବା ବାଞ୍ଛନୀୟ । କିନ୍ତୁ ୨୦୦୯-୧୦ ଆ.ବ.ରେ ଏସ୍‌ଏଲ୍‌ଡିସି ଯେଭଳି ଭାବେ କାର୍ଯ୍ୟ ପରିଚାଳନା କରୁଛି, ଯେ ନେଇ ଆୟୋଗ କ୍ଷୋଭ ଓ ବିସ୍ମୟ ପ୍ରକାଶ କରିଛନ୍ତି । ଅନୁଧ୍ୟାନରୁ ଜଣାପଡିଛି ଯେ, ଆୟୋଗଙ୍କର ୨୦.୩.୨୦୦୯ର ଆଦେଶନାମାର ପରିଚ୍ଛେଦ-୨୦୧ରୁ ପରିଚ୍ଛେଦ-୨୦୭ ମଧ୍ୟରେ ଉଲ୍ଲେଖିତ ୭ଟି ନିର୍ଦ୍ଦେଶ ମଧ୍ୟରୁ ଗୋଟିଏକୁ ବି ଆଜି ପର୍ଯ୍ୟନ୍ତ ଓପିଟିସିଏଲ୍ ସନ୍ତୋଷଜନକ ଭାବେ ପାଳନ କରିନାହିଁ । ନିର୍ଦ୍ଦେଶକ, ଅଧିକାରୀ ସ କର୍ମଚାରୀଙ୍କୁ ମିଶାଇ ୨୦୦୯-୧୦ ଆ.ବ. ପାଇଁ ଆୟୋଗ ଏସ୍‌ଏଲ୍‌ଡିସିରେ ୮୧ଜଣଙ୍କୁ ନିଯୁକ୍ତି ଦେବାକୁ ଅନୁମୋଦନ ଦେଇଥିବା ବେଳେ ଏସ୍‌ଏଲ୍‌ଡିସି ଜଣେ ହେଜଲ ଅଧିକାରୀ/କର୍ମଚାରୀ ଏବଂ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେଇନାହିଁ । ୧୮.୨.୨୦୧୦ର ଶୁଣାଣି ବେଳେ ଆୟୋଗଙ୍କ ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଓପିଟିସିଏଲ୍‌ର ପ୍ରତିନିଧି କହିଥିଲେ ଯେ, ଓଡ଼ିଶା ସରକାରଙ୍କ ନିକଟକୁ ନିର୍ଦ୍ଦେଶକ ପଦବୀ ପାଇଁ ରିକ୍ୟୁଜିସନ ପଠାଇ ନାହିଁ ଏବଂ ଏସ୍‌ଏଲ୍‌ଡିସିର କର୍ମଚାରୀଙ୍କ ସଂଖ୍ୟା ୨୦୦୮-୦୯ରେ ୫୩ ଥିବାବେଳେ ୨୦୦୯-୧୦କୁ ୪୮କୁ କମାଇ ଦିଆଯାଇଛି । ୨୦୦୯-୧୦ ଆ.ବ. ପାଇଁ (୨୦୦୯, ଏପ୍ରିଲରୁ ୨୦୧୦, ଜାନୁଆରୀ) ଓପିଟିସିଏଲ୍ ଦାଖଲ କରିଥିବା ଏସ୍‌ଏଲ୍‌ଡିସିର ଆର୍ଥିକ ଆୟ-ବ୍ୟୟର ବିବରଣୀକୁ ଆୟୋଗ ଅନୁଧ୍ୟାନ କରି ବିସ୍ମୟ ପ୍ରକଟ କରିଛନ୍ତି ଯେ, ୨୦୦୯-୧୦ ଆ.ବ. ପାଇଁ ୬.୧୮ କୋଟି ଟଙ୍କାର ନଗଦ ଆଦାୟ ଦେୟ ମଧ୍ୟରୁ ଏସ୍‌ଏଲ୍‌ଡିସି ମାତ୍ର ୨.୭୭ କୋଟି ଟଙ୍କା ଖର୍ଚ୍ଚ କରିଛି; ଅଥଚ ୨୦୦୯-୧୦ ଆ.ବ. ପାଇଁ ବ୍ୟୟ ବିନିଯୋଗ ଉଦ୍ଦେଶ୍ୟରେ ଆୟୋଗଙ୍କର ଅନୁମୋଦିତ ପରିମାଣ ହେଉଛି ୯.୬୬ କୋଟି ଟଙ୍କା । ଏକ ସ୍ୱାଧୀନ ପଦ୍ଧତି ପରିଚାଳକ ଭାବରେ, ୨୦୦୯-୧୦ ଆ.ବ.ରେ ଏସ୍‌ଏଲ୍‌ଡିସି ନିଜର ଆଇନଗତ କାର୍ଯ୍ୟସୂଚୀ ନିର୍ବାହନରେ ଯେଣୁ ସମ୍ପୂର୍ଣ୍ଣ ଭାବେ ଅସଫଳ ହୋଇଛି, ତେଣୁ ଆୟୋଗ ଚାହାନ୍ତି ଯେ, ୨୦୧୦-୧୧ ଆ.ବ.ରେ ବରଂ ଶକ୍ତି ସେକ୍ଟରର ଦୃଶ୍ୟପଟରୁ ଏସ୍‌ଏଲ୍‌ଡିସି ସମ୍ପୂର୍ଣ୍ଣ ରୂପେ ଉଭାନ ହୋଇଯିବା ଉଚିତ । ସମ୍ପୂର୍ଣ୍ଣ କ୍ଷମତା ଓ କର୍ତ୍ତୃପକ୍ଷତ୍ୱ ଅର୍ପଣ ପୂର୍ବକ ଖୁବ୍ ଶୀଘ୍ର ଏସ୍‌ଏଲ୍‌ଡିସିରେ ଜଣେ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେବାକୁ ଏତଦ୍ୱାରା ଆୟୋଗ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଫଳରେ ଆନ୍ତଃ-ରାଜ୍ୟ ମୁକ୍ତ ପ୍ରବେଶ ଓ ଆନ୍ତଃ-ରାଜ୍ୟ ଏବିଟି କ୍ଷେତ୍ରରେ ଏକ ନମୁନା (ଆଦର୍ଶ) ଏଜେନ୍‌ସି ଭାବେ ସକ୍ରିୟ ଭାବେ ଏସ୍‌ଏଲ୍‌ଡିସି ତା'ର ଭୂମିକା ନିର୍ବାହନ କରି ପାରିବ ।

**ଆୟୋଗଙ୍କର ନିର୍ଦ୍ଦେଶନାମା:**

୨୨୯) ଯେଣୁ, ଆୟୋଗଙ୍କର ଆଦେଶନାମା ଜାରି କରାଯିବାର ବର୍ଷେ ପୂରିଯିବା ପରେ ମଧ୍ୟ ଏସ୍‌ଏଲ୍‌ଡିସି ଜଣେ ନିର୍ଦ୍ଦେଶକ ନିଯୁକ୍ତି କରିବାରେ ବିଫଳ ହୋଇଛି; ତେଣୁ ଓପିଟିସିଏଲ୍‌ର ନିର୍ଦ୍ଦେଶକ (ବୈଷୟିକ ବିଭାଗ)ଙ୍କୁ ୩୧, ମେ ୨୦୧୦ ସୁଦ୍ଧା ଏସ୍‌ଏଲ୍‌ଡିସିର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେବାକୁ ଆୟୋଗ ଏତଦ୍ଦ୍ୱାରା ଓପିଟିସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

୨୩୦) ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ, ୧.୪.୨୦୧୦ ଠାରୁ 'ଏସ୍‌ଏଲ୍‌ଡିସି ଉନ୍ନୟନ ପାଣ୍ଠି' ଭଳି ଏକ ସ୍ୱତନ୍ତ୍ର ପାଣ୍ଠି ଏସ୍‌ଏଲ୍‌ଡିସି ଅଧିନରେ ସ୍ୱତନ୍ତ୍ର 'ହିସାବ ଶୀର୍ଷକ'ରେ ପ୍ରତିଷ୍ଠା କରାଯିବା ଉଚିତ ଏବଂ ୩୧.୩.୨୦୧୦ ସୁଦ୍ଧା ଏସ୍‌ଏଲ୍‌ଡିସିର ଖର୍ଚ୍ଚ ହୋଇ ନଥିବା ଅବଶିଷ୍ଟ ପରିମାଣକୁ ନୂତନ ଭାବେ ସୃଷ୍ଟି କରାଯାଇଥିବା ସେହି ପାଣ୍ଠିରେ ଜମା କରାଯିବା ଉଚିତ ।

୨୩୧) ଆୟୋଗ ପୁନଶ୍ଚ, ନିର୍ଦ୍ଦେଶ ଦେଇଛନ୍ତି ଯେ, ଏସ୍‌ଏଲ୍‌ଡିସିର 'ଶକ୍ତି ହିସାବ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର' ଯେ କୌଣସି ପ୍ରକାରରେ ୧.୪.୨୦୧୦ ଠାରୁ କାର୍ଯ୍ୟ କରିବା ଉଚିତ ଏବଂ ସେକ୍ଟରର ସବୁ ଅଂଶୀଦାରୀଙ୍କ ଉଦ୍ଦେଶ୍ୟରେ ମାସିକିଆ ଶକ୍ତି ହିସାବ, ସାପ୍ତାହିକ ୟୁଆଇ ହିସାବ ଏବଂ ମାସିକିଆ ପାରମାଣବିକା ଶକ୍ତି ହିସାବ ପ୍ରସ୍ତୁତ ଓ ପ୍ରଦାନ କରିବା ଉଚିତ ।

୨୩୨) ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ, ସ୍ୱଳ୍ପ ମିଆଦୀ ମୁକ୍ତ ପ୍ରବେଶ ଉପଭୋକ୍ତାଙ୍କର ନେଣ-ଦେଣ, କେତେ ସଂଖ୍ୟାରେ ମୁକ୍ତ ମିଆଦୀ ମୁକ୍ତ ପ୍ରବେଶ ଉପଭୋକ୍ତାଙ୍କର ଦରଖାସ୍ତ ଗ୍ରହଣ କରାଯାଇଛି, ସ୍ୱଳ୍ପ ମିଆଦୀ ମୁକ୍ତ ପ୍ରବେଶ ନେଣ-ଦେଣର ପରିମାଣ ଓ ସମୟ-ଅବଧି, କେତେ ସଂଖ୍ୟକ ସ୍ୱଳ୍ପମିଆଦୀ ମୁକ୍ତ ପ୍ରବେଶ ଉପଭୋକ୍ତାଙ୍କୁ ଅନୁମତି ଦିଆଯାଇଛି, କେତେ ସଂଖ୍ୟକ ସ୍ୱଳ୍ପମିଆଦୀ ମୁକ୍ତ ପ୍ରବେଶ ଉପଭୋକ୍ତାଙ୍କୁ ଅନୁମତି ଦେବାକୁ ମନା କରି ଦିଆଯାଇଛି (ଏବଂ କେଉଁ କାରଣ ପାଇଁ ମନା କରିଦିଆଯାଇଛି, ତାହାର ସବିଶେଷ ସୂଚନା ଆୟୋଗଙ୍କୁ ସୂଚାଇବା ସହ), ସେ ସବୁର ଏକ ମାସିକିଆ ବିବରଣୀ ଏସ୍‌ଏଲ୍‌ଡିସି ଆୟୋଗଙ୍କ ପାଖରେ ଦାଖଲ କରିବା ଉଚିତ । ସେକ୍ଟରର ସବୁ ଅଂଶୀଦାର ତଥା ଜନସାଧାରଣଙ୍କର ଅବଗତି ପାଇଁ ଉପରୋକ୍ତ ସୂଚନା ସମୂହକୁ ଏସ୍‌ଏଲ୍‌ଡିସିର ଓ୍ୱେବ୍‌ସାଇଟ୍‌ରେ ପ୍ରସାରଣ କରାଯିବା ଉଚିତ ।

୨୩୩) ଆୟୋଗ, ପୁନଶ୍ଚ, ଓପିଟିସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ଆଦେଶନାମାର ୪ ମାସ ମଧ୍ୟରେ 'ପୂର୍ବାଞ୍ଚଳ ଲୋଡ୍ ପ୍ରେରଣ କେନ୍ଦ୍ର' ଢାଞ୍ଚାରେ (ପରିଚ୍ଛେଦ-୧୮୨ର ସାରଣୀ - ୨୩ରେ ସୂଚିତ ମତେ) ଯଥା ସଂଖ୍ୟକ ବୈଷୟିକ ଓ ସହାୟକ ଅଧିକାରୀମାନେ ଯଥା ପଦବୀରେ ନିଯୁକ୍ତ ହୋଇଥିବା ବାଞ୍ଛନୀୟ । ଯାହା ଭାରତ ସରକାରଙ୍କ ଶକ୍ତି ମନ୍ତ୍ରାଳୟର ଗିରୀଶ ବି. ପ୍ରଧାନ କମିଟିର ସୁପାରିଶ ଅନୁଯାୟୀ ଏସ୍‌ଏଲ୍‌ଡିସିକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଓ ସ୍ୱାଧୀନ ପଦ୍ଧତି ପରିଚାଳକ ଭାବେ କାର୍ଯ୍ୟ ନିର୍ବାହ କରିବାକୁ ସକ୍ଷମ କରାଇବ ।

୨୩୪) ୨୦୧୦-୧୧ ଆ.ବ. ପାଇଁ ଏସ୍‌ଏଲ୍‌ଡିସିର ୩ ମାସିଆ କାର୍ଯ୍ୟ-ନିର୍ବାହନର ରିଭ୍ୟୁ ଉଦ୍ଦେଶ୍ୟରେ ପ୍ରତି ୩ୟ ମାସର ଶେଷ ସୁଦ୍ଧା ଏସ୍‌ଏଲ୍‌ଡିସି ପ୍ରତି ୩ ମାସର ନିର୍ବାହନ-ବିବରଣୀକୁ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିବାକୁ ଆୟୋଗ ଏସ୍‌ଏଲ୍‌ଡିସି ମୁଖ୍ୟ ଲୋଡ୍ ପ୍ରେରକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

୨୩୫) ଏସ୍‌ଏଲ୍‌ଡିସି ଉଦ୍ଦେଶ୍ୟରେ 'ପଦ୍ଧତି ପରିଚାଳନା ଦେୟ' ଓ 'ବଜାର ପରିଚାଳନା ଦେୟ' ୨୦୧୦, ଏପ୍ରିଲ ୧ ଠାରୁ ଲାଗୁ ହେବ ଏବଂ ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ବଳବତ୍ତର ରହିବ ।

**୨୦୦୯ର ମାମଲା ସଂଖ୍ୟା ୧୪୬ରେ ଓପିଟିସିଏଲ୍‌ର ଆବେଦନପତ୍ରକୁ ଯଥାବିଧି ଫଇସଲା କରାଗଲା ।**

| | | |
|---|---|---|
| **ବି. କେ. ଊିଶ୍ର** | **କେ. ସି. ବଡୁ** | **ବି. କେ. ଦାସ** |
| **(ସଦସ୍ୟ)** | **(ସଦସ୍ୟ)** | **(ଅଧକ୍ଷ)** |